ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୦୧ Vol. 21 No-301 30 JANUARY 2025 THURSDAY BHUBANESWAR ଗୁରୁବାର, ୩୦ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା କନକ୍ଲେଭ୍‌ରେ ପୁଞ୍ଜି ବର୍ଷା

# ବିକଶିତ ଓଡ଼ିଶା ନିର୍ମାଣରେ ହେବ ମାଇଲ୍ ଖୁଣ୍ଟ



### ସ୍ୱାକ୍ଷରିତ ହେଲା ୧୪୫ ଏମ୍‌ଓୟୁ
### ୧୭ ଲକ୍ଷ କୋଟିର ପୁଞ୍ଜିନିବେଶ ପ୍ରସ୍ତାବ
### ସୃଷ୍ଟି ହେବ ୧୩ ଲକ୍ଷ ନିଯୁକ୍ତି ସୁଯୋଗ
### ଟାର୍ଗେଟଠୁ ବଢିଲା ନିବେଶ ପ୍ରତିଶ୍ରୁତି
### ପ୍ରଥମଥର ଦୌଡ଼ରେ ସାମିଲ ଫାର୍ମା ଇଣ୍ଡଷ୍ଟ୍ରି
### ମୋଦୀଙ୍କ ଗ୍ୟାରେଣ୍ଟି ପରେ ଛୁଟିଲା ନିବେଶ ସୁଅ

ଭୁବନେଶ୍ୱର,୨୯।୧(ଭାସ୍କର ନ୍ୟୁଜ): ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ପୁଞ୍ଜିବର୍ଷା। ଟାର୍ଗେଟଠୁ ବଢିଲା ନିବେଶ ପ୍ରତିଶ୍ରୁତି। ବିକଶିତ ଓଡ଼ିଶା ନିର୍ମାଣରେ ସାଜିବ ବଡ଼ ମାଇଲଖୁଣ୍ଟ। ସୃଷ୍ଟି ହେବ ୯ଲକ୍ଷ ନିଯୁକ୍ତି ସୁଯୋଗ। ଏ ନେଇ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବୁଧବାର ଶ୍ରୀ ମାଝୀ ଏହି ସମ୍ମିଳନୀର ସଫଳତା ଉପରେ ଆଲୋକପାତ କରି କହିଥିଲେ ଯେ ଓଡିଶା ହେଉଛି ଉତ୍କୃଷ୍ଟ । ଓଡିଶା ହେଉଛି ବର୍ତ୍ତମାନ ପାଇଁ ସର୍ବୋତ୍ତମ ସୁଯୋଗର ଭୂମି । ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଓଡିଶାରେ ପୁଞ୍ଜିନିବେଶ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିଛି । ଏଥିପାଇଁ ମୁଁ ପ୍ରଧାନମନ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବେ କୃତଜ୍ଞତା ପ୍ରକାଶ କରିବା ସହିତ ଓଡିଶାର ସାଢେ ଚାରିକୋଟି ଜନସାଧାରଣଙ୍କ ପକ୍ଷରୁ ଧନ୍ୟବାଦ ଅର୍ପଣ କରୁଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀଜୀ ନିଜେ ଉପସ୍ଥିତ ରହି ଓଡିଶାରେ ପୁଞ୍ଜି ନିବେଶ ପାଇଁ ତାଙ୍କର ଗ୍ୟାରେଣ୍ଟି- 'ମୋଦୀ ଗ୍ୟାରେଣ୍ଟି' ଦେଇଥିଲେ । ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ କରିବା ଓ ୨୦୪୭ ସୁଦ୍ଧା ବିକଶିତ ଭାରତରେ ଓଡିଶାକୁ ଏକ ଗ୍ରୋଥ୍ ଇଞ୍ଜିନ କରିବା ପାଇଁ ସେ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେଇ ଆସିଛନ୍ତି । ଡବଲ ଇଞ୍ଜିନ ସରକାରରେ ତାଙ୍କର ଯାହା ଭୂମିକା ରହିବା କଥା ତାକୁ ସେ ସମ୍ପୂର୍ଣ୍ଣ ଭାବେ ନିର୍ବାହ କରିଛନ୍ତି । ଏହାଦ୍ୱାରା ଦେଶର ଶ୍ରେଷ୍ଠ ପାଞ୍ଚଟି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବା ପାଇଁ ଆମର ଯେଉଁ ସଂକଳ୍ପ ରହିଛି, ଆମେ ତାହାର ନିକଟତର ହୋଇପାରିଛୁ । ଏହି ସମ୍ମିଳନୀରେ ସମୁଦାୟ ୧୪୫ଟି ପୁଞ୍ଜିନିବେଶ ସମ୍ବନ୍ଧୀୟ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଯାହା ଓଡ଼ିଶାରେ ପରିବର୍ତ୍ତନକାରୀ ଶିଳ୍ପପ୍ରକଳ୍ପ ଓ ଭାଗିଦାରୀତା ପାଇଁ ପଥ ପ୍ରଶସ୍ତ କରିଛି। ରାସାୟନିକ ଓ ପେଟ୍ରୋ କେମିକାଲସ୍, ବୟନଶିଳ୍ପ, ଖଣି ଓ ଧାତୁ ବିଜ୍ଞାନ, ଅକ୍ଷୟଶକ୍ତି, ଆଇଟି/ଆଇଟିଇଏସ୍, ପର୍ଯ୍ୟଟନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ପରି ବିଭିନ୍ନ କ୍ଷେତ୍ରରେ ୧୨.୮୯ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି। ଏହି ପୁଞ୍ଜିନିବେଶ ଦ୍ୱାରା ୮.୯୪ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହା ଓଡିଶାର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ସହିତ ରାଜ୍ୟରେ ସମାବେଶୀ ଅଭିବୃଦ୍ଧି ହୋଇପାରିବ । ସ୍ୱାକ୍ଷରିତ ବୁଝାମଣାପତ୍ର ବ୍ୟତୀତ ୪୪୮ ସଂଖ୍ୟକ ୩.୮୪ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଉଦ୍ଦେଶ୍ୟ ଫର୍ମ ପ୍ରାପ୍ତ ହୋଇଛି, ଯେଉଁଥିରେ ୩.୯୨ଲକ୍ଷ ନିଯୁକ୍ତି ସମ୍ଭାବନା ରହିଛି । ଏହି କନକ୍ଲେଭରେ ସମୁଦାୟ ୨୦ ଟି ସେକ୍ଟରରେ ୫୯୩ଟି ପ୍ରକଳ୍ପ ପାଇଁ ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି ଏବଂ ଏହାଦ୍ୱାରା ୧୨.୮୮ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି । ସିଙ୍ଗାପୁର, ମାଲେସିଆ ଓ ଅଷ୍ଟ୍ରେଲିଆ ପରି ପାର୍ଟନର ଦେଶର ପ୍ରତିନିଧି ମାନଙ୍କ ସହିତ ୧୬ ଟି ଦେଶର ପ୍ରତିନିଧି ଏହି କନକ୍ଲେଭରେ ଯୋଗଦେଇଥିଲେ । ଏହା ଦ୍ୱାରା ବିଶ୍ୱ ନିବେଶ ମାନଚିତ୍ରରେ ଓଡିଶା ଏକ ଆକର୍ଷଣୀୟ ସ୍ଥାନ ହୋଇପାରିଛି । ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ବୟନ ଶିଳ୍ପ ଓ ପୋଷାକ, ନବୀକରଣୀୟ ଶକ୍ତି, ସ୍କିଲଡ୍ ଇନ୍ ଓଡିଶା, ମହିଳା ମାନଙ୍କ ଉଦ୍ୟୋଗ • ପୃଷ୍ଠା ୫ ଦେଖନ୍ତୁ

## ମହାକୁମ୍ଭ ଦଳାଚକଟାରେ ୩୦ ମୃତ ଘଟଣା

# ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ



- ୬୦ ଆହତ ହସ୍ପିଟାଲରେ ଭର୍ତ୍ତି
- ଅଘଟଣ ପରେ ସାହି ସ୍ନାନ ବନ୍ଦ
- ୨୫ଲକ୍ଷ ଲେଖାଏଁ ସହାୟତା ଘୋଷଣା
- ୟୁପି ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ
- ସବୁ ସହାୟତା ଦିଆଯିବ: ପ୍ରଧାନମନ୍ତ୍ରୀ
- ମୁଖ୍ୟମନ୍ତ୍ରୀ, ଧର୍ମେନ୍ଦ୍ରଙ୍କ ଶୋକ ପ୍ରକାଶ

ପ୍ରୟାଗରାଜ,୨୯।୧: ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭରେ ମହା ଅଘଟଣ। ମୌନି ଅମାବାସ୍ୟା ପାଇଁ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବାବେଳେ ଦଳାଚକଟା ଘଟି ୩୦ଜଣଙ୍କର ମୃତ୍ୟୁ ଘଟିଛି। ୬୦ରୁ ଅଧିକ ଆହତ ହୋଇ ପ୍ରୟାଗରାଜ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ମଙ୍ଗଳବାର ବିଳମ୍ବିତ ରାତି ୧ଟାରେ ଏହି ଅଘଟଣା ଘଟିଛି। ଏହି ଅମୃତ ସ୍ନାନ ଏହି ଶ୍ରଦ୍ଧାଳୁମାନଙ୍କ ଶେଷଯାତ୍ରା ହେବ ବୋଲି କେହି ବି ଟେର୍ ପାଇ ନଥିଲା। ଘଟଣାକୁ ନେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଉତ୍ତରପ୍ରଦେଶ ସରକାର ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ୩ଜଣିଆ ସଦସ୍ୟ ବିଶିଷ୍ଟ ଏକ କମିଶନ ଗଠନ କରାଯାଇଛି। ଏଥିରେ ବିଚାରପତି ହର୍ଷ କୁମାର ଅଧ୍ୟକ୍ଷ ଥିବାବେଳେ ପୂର୍ବତନ ଡିଜି ଭି.କେ.ଗୁପ୍ତା ଏବଂ ଅବସରପ୍ରାପ୍ତ ଆଇଏଏସ୍ ଡି.କେ. ସିଂ ସଦସ୍ୟ ରହିଛନ୍ତି। ପ୍ରତି ମୃତକଙ୍କ ପରିବାର ପାଇଁ ୨୫ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି । ସ୍ଥିତି ସଂପର୍କରେ ଯୋଗୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା • ପୃଷ୍ଠା ୫ ଦେଖନ୍ତୁ









କଟକ(ଭାସ୍କର ନ୍ୟୁଜ୍): ନୟାସଡ଼କସ୍ଥିତ ଇମର୍ତ୍ତୀଦେବୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ଼କ୍ଟର ସାଗରିକା ମହାନ୍ତିଙ୍କ ପୌରୋହିତ୍ୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ୟୁନିୟନର ସହ-ଉପଦେଷ୍ଟା ଡ଼କ୍ଟର ପ୍ରମୋଦିନୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । କଟକ ନେତାଜୀ ସୁବାଷ ମେମୋରିଆଲ ସିଟି କଲେଜର ପୂର୍ବତନ ଅଧକ୍ଷ ଡ଼କ୍ଟର ସରୋଜ ଦେଓଭ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି, କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ଓ ଶାସ୍ତ୍ରୀୟ ସଂଗୀତ ଗାୟିକା ବନ୍ଦିତା ରାୟ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ । ଉପଦେଷ୍ଟା ଦର୍ଶନଶାସ୍ତ୍ର ବିଭାଗର ବିଭାଗ ମୁଖ୍ୟ ଜୟନ୍ତୀ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ ।



### ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା ସମ୍ମିଳନୀରେ ଗଣମାଧ୍ୟମ ସମ୍ପାଦକଙ୍କ ସହିତ ଆଲୋଚନା
## 'ଯୋଜନା ଓ ନୀତି ନିର୍ଦ୍ଧାରଣରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି'




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମୃଦ୍ଧ ଓଡ଼ିଶା ଗଠନର ରୂପରେଖ ସଂପର୍କରେ ଗଣମାଧ୍ୟମ ସମ୍ପାଦକଙ୍କ ସହିତ ଏକ ଆଲୋଚନାଚକ୍ର ବୁଧବାର 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍' ସମ୍ମିଳନୀରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ପରିଚାଳନା କରିଥିଲେ । ଏଥିରେ ବିଭିନ୍ନ ପ୍ରତିଷ୍ଠିତ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ସେମାନଙ୍କର ସୁଚିନ୍ତିତ ମତ ରଖିଥିଲେ । ଆଲୋଚନାଚକ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନ କରି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ କହିଲେ ଯେ, ସରକାରଙ୍କ ଅଗ୍ରାଧିକାର କ୍ଷେତ୍ର ଚିହ୍ନଟ କରିବା, ଯୋଜନା ଓ ନୀତି ନିର୍ଦ୍ଧାରଣରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ଲକ୍ଷ୍ୟ ସାଧନ ଦିଗରେ ଯେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି, ସେଥିପାଇଁ ଗଣମାଧ୍ୟମର ସହଯୋଗ ଅପରିହାର୍ଯ୍ୟ ବୋଲି ସେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ମୁକ୍ତ ବୃତ୍ତ ସାମ୍ବାଦିକ ରାଜାରାମ ଶତପଥୀ ଯୋଗଦେଇ ଥିବା ବେଳେ ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କାଉନସିଲ ଅଫ୍ ଇଣ୍ଡିଆର ପ୍ରାକ୍ତନ ସଦସ୍ୟ ପ୍ରସନ୍ନ ମହାନ୍ତ, ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ଆବାସିକ ସମ୍ପାଦକ ଶିବ କୁମାର ମହାନ୍ତି, ଅର୍ଗସ୍ ଟିଭିର ସମ୍ପାଦକ ସଞ୍ଜୟ ଜେନା, ଏସିଆନ୍ ଏଜ୍ ଏବ ଡେକାନ୍ କ୍ରୋନିକଲର ଓଡ଼ିଶାର ଆବାସିକ ସମ୍ପାଦକ-ତଥା ସ୍ୱତନ୍ତ୍ର ସମ୍ବାଦଦାତା ଅକ୍ଷୟ କୁମାର ସାହୁ, ସମାଜର ପ୍ରକାଶକ ଡ. ପ୍ରଭାସ ଆଚାର୍ଯ୍ୟ, ସମ୍ବାଦର ବାର୍ତ୍ତା ସମ୍ପାଦକ ଭବାନୀ ଶଙ୍କର ତ୍ରିପାଠୀ, ଓଟିଭିର ବାର୍ତ୍ତା ସମ୍ପାଦକ ରାଧାମାଧବ ମିଶ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ । ଶେଷରେ ସୂଚନା ଓ ପ୍ରସାରଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସମସ୍ତ ଅତିଥି ଗଣମାଧ୍ୟମ ସଂପାଦକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## '୨୦୩୦ ସୁଦ୍ଧା ୧୦ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ତିନୋଟି ସବୁଜ କ୍ଷେତ୍ର, ଏନର୍ଜି ଟ୍ରାଞ୍ଜିସନ୍, ସର୍କୁଲାର ଇକୋନୋମି, ଏବଂ ବାୟୋ-ଇକୋନୋମିରେ ପ୍ରାୟ ୧୦ ଲକ୍ଷ ନୂତନ ପୂର୍ଣ୍ଣକାଳୀନ ସମକକ୍ଷ(ଏଫଟିଇ) ନିଯୁକ୍ତି ସୃଷ୍ଟି କରିବାର ସମ୍ଭାବନା ରହିଛି ଏବଂ ୨୦୩୦ ସୁଦ୍ଧା ୩.୫ ଲକ୍ଷ କୋଟି ଟଙ୍କା (୪୨ ବିଲିୟନ ଡଲାର) ନିବେଶ ସୃଷ୍ଟି କରିବାର ସମ୍ଭାବନା ରହିଛି । ଏହା ଏନର୍ଜି ,ଏନଭିରନମେଂଟ ଏବଂ ୱାଟର କାଉନସିଲ (ସିଇଇଡବ୍ଲୁ) ଦ୍ୱାରା ଏକ ନୂତନ, ନିରପେକ୍ଷ ଅଧ୍ୟୟନରୁ ଜଣାପଡିଛି ।ଆଜି ଭୁବନେଶ୍ୱରରେ ଆୟୋଜିତ 'ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନ୍ କ୍ଲେଭ୍'ରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଯୋଜନା ଓ ସଂଯୋଜନ ବିଭାଗ ଅନୁ ଗର୍ଗ ଏହି ଅଧ୍ୟୟନର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ସିଇଇଡବ୍ଲୁର ସିଇଓ ଡକ୍ଟର ଅରୁଣାଭ ଘୋଷ କହିଲେ, ଭାରତର ସବୁଜ ଅର୍ଥନୀତି ଆଡ଼କୁ ପରିବର୍ତ୍ତନ ଦେଶର ରାଜ୍ୟଗୁଡ଼ିକର ଦୃଷ୍ଟିକୋଣ ଏବଂ କାର୍ଯ୍ୟ ଦ୍ୱାରା ସମ୍ଭବ ହୋଇ ପାରିବ ଏବଂ ଓଡ଼ିଶା ଏହି ଦାୟିତ୍ୱର ନେତୃତ୍ୱ ନେଉଛି । ସିଇଇଡବ୍ଲୁ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ, ପୁନଃଚକ୍ରଣ ଏବଂ ପୁନଃବ୍ୟବହାର ପଦକ୍ଷେପ ମାଧ୍ୟମରେ ଓଡ଼ିଶାରେ ଏକ ସର୍କୁଲାର ଇକୋନୋମିକୁ ପ୍ରୋତ୍ସାହିତ କରିବା ଦ୍ୱାରା ୨୦୩୦ ସୁଦ୍ଧା ୩୦,୦୦୦ ରୁ ଅଧିକ ନୂତନ ନିଯୁକ୍ତି ଏବଂ ୧୦,୦୦୦ କୋଟି ଟଙ୍କାର ବଜାର ସୁଯୋଗ ସୃଷ୍ଟି ହୋଇପାରିବ । ଏହି ଅବସରରେ ସିଇଇଡବ୍ଲୁର ସବୁଜ ଅର୍ଥନୀତି ଏବଂ ପ୍ରଭାବ ନବସୃଜନ ନିର୍ଦ୍ଦେଶକ ଅଭିଷେକ ଜୈନ କହିଲେ, ସିଇଇଡବ୍ଲୁର ଏହି ଅଗ୍ରଣୀ ଅଧ୍ୟୟନ ଉଦୀୟମାନ ସବୁଜ ସୁଯୋଗ ବିଷୟରେ ବୋଧଗମ୍ୟତାକୁ ବ୍ୟାପକ କରେ, ଯାହା ବର୍ତ୍ତମାନ ନୀତି ନିର୍ଦ୍ଧାରକ, ଅର୍ଥନୀତିଜ୍ଞ, ଶିଳ୍ପପତି ଏବଂ ଅନ୍ୟାନ୍ୟ ପ୍ରମୁଖ ଅଂଶୀଦାରଙ୍କୁ ଅଧିକ ଚିନ୍ତା କରିବାର ଆବଶ୍ୟକତା ରହିଛି ।

## ଓଡ଼ିଶା ଏକ ସ୍ଥାୟୀ ଶିଳ୍ପ ହବ୍ ଭାବରେ ଉଭା ହେବ: ବିଭୂତି ଭୂଷଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବହୁ ପ୍ରତୀକ୍ଷିତ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୫ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାକ୍ଷୀ ହୋଇଛି, ଯାହା ଦୁଇଟି ବିଷୟବସ୍ତୁ ଉପରେ କେନ୍ଦ୍ରିତ ଏକ କ୍ଷେତ୍ରୀୟ ଅଧିବେଶନ ଆୟୋଜନ କରିଥିଲା । 'ଖଣିଜ ସୁରକ୍ଷା ଏବଂ ସ୍ଥାୟୀ ଖଣି ପାଇଁ ରଣନୀତି' ଏବଂ 'ଭବିଷ୍ୟତ ଖଣି ପ୍ରଯୁକ୍ତିବିଦ୍ୟା: କୃତ୍ରିମ ଖଣି ଏବଂ ମେସିନ୍ ଶିକ୍ଷଣର ଭୂମିକା'। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର ଜନତା ମଇଦାନରେ ଅନୁଷ୍ଠିତ ହୋଇଥିଲା। ଏହି କ୍ଷେତ୍ରୀୟ ଅଧିବେଶନକୁ ବାଣିଜ୍ୟ, ପରିବହନ, ଇସ୍ପାତ ଏବଂ ଖଣି ମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଦ୍ୱାରା ଇସ୍ପାତ ଏବଂ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର; ସୁଧାଂଶୁ ମୋହନ ସାମଲ ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। ଶିଳ୍ପ ନେତା, ନୀତି ନିର୍ଦ୍ଧାରକ ଏବଂ ପ୍ରଯୁକ୍ତି ଉଦ୍ଭାବକଙ୍କ ବିଶିଷ୍ଟ ସମାବେଶକୁ ସମ୍ବୋଧିତ କରି, ଓଡ଼ିଶା ସରକାରଙ୍କ ଇସ୍ପାତ ଏବଂ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଉତ୍ପାଦନାତ୍ମକ ଅଭ୍ୟାସ ଏବଂ ସକ୍ରିୟ ସରକାରୀ ନୀତି ଦ୍ୱାରା ଚାଳିତ ଓଡ଼ିଶା ଏକ ସ୍ଥାୟୀ ଶିଳ୍ପ ହବ ଭାବରେ ଉଭା ହେବାକୁ ପ୍ରସ୍ତୁତ। ମୁଁ ନିବେଶକମାନଙ୍କୁ ଆମ ରାଜ୍ୟର ବିପୁଳ ଖଣିଜ ସମ୍ପଦକୁ ଉପଯୋଗ କରିବା ଏବଂ ଆମର ଅଭିବୃଦ୍ଧି କାହାଣୀର ଏକ ଅଂଶ ହେବାକୁ ଆମନ୍ତ୍ରଣ କରୁଛି। ଏକାଠି, ଆସନ୍ତୁ ଏକ ଭବିଷ୍ୟତର ଶିଳ୍ପ ଦୃଶ୍ୟପଟ ଗଠନ କରିବା ଯାହା ସୁରକ୍ଷିତ, ସ୍ମାର୍ଟ ଏବଂ ସ୍ଥାୟୀ, ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣରେ ଯୋଗଦାନ ଦେବା ଏବଂ ଓଡ଼ିଶାର ଅଭିବୃଦ୍ଧି କାହାଣୀର ଏକ ଅଂଶ ହେବା। ସେ ଉନ୍ନତ ପ୍ରଯୁକ୍ତିବିଦ୍ୟା ଗ୍ରହଣରେ ବିଶ୍ୱସ୍ତରୀୟ ନେତା ଭାବରେ ନିଜକୁ ସ୍ଥାନିତ କରିବା ପାଇଁ ଓଡ଼ିଶାର ପ୍ରତିବଦ୍ଧତା ଉପରେ ମଧ୍ୟ ଆଲୋକପାତ କରିଥିଲେ। ଅଧିବେଶନରେ ସରକାରଙ୍କ ଇସ୍ପାତ ଏବଂ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର, ଖଣିଜ କ୍ଷେତ୍ରରେ ନିବେଶ, ନବସୃଜନ ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ସକ୍ରିୟ ନୀତି ଢାଞ୍ଚା ବିଷୟରେ ଅନ୍ତର୍ଦୃଷ୍ଟି ଉପସ୍ଥାପନ କରିଥିଲେ। ଏହି କ୍ଷେତ୍ରୀୟ ଅଧିବେଶନରେ ପି.ଏମ୍. ପ୍ରସାଦ, ଅଧ୍ୟକ୍ଷ, ସିଆଇଏଲ୍; ବି.ପି. ସିଂହ, ସିଏମଡି, ନାଲ୍କୋ; ଚାଣକ୍ୟ ଚୌଧୁରୀ, ଉପ-ଖଣି, ଟାଟା ଷ୍ଟିଲ୍; କୈଳାସ ପାଣ୍ଡେ, ବ୍ୟବସାୟ ମୁଖ୍ୟ, ଖଣି ଏବଂ ଖଣିଜ, ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍; ଡେଭିଡ୍ ଜନ୍ ଷ୍ଟୋନ୍, ସିଇଓ, କୋଇଲା, ବେଦାନ୍ତ ଲିମିଟେଡ୍; ଏସ କରୁଣାକର ରାଓ, ଏସଟିସି; ସୌଭିକ୍ ମଜୁମଦାର, ସିଓଓ-ଖଣି, ଜେଏସଡବ୍ଲୁ; ଟେକ୍ସମିନର ନିର୍ଦ୍ଦେଶକ ଧୀରଜ କୁମାର; ଇଗଘଝର ଖଣି ଏବଂ ରଣନୀତି ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ ମେହେତାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ସରକାରୀ ଅଧିକାରୀ ଏବଂ ଅନେକ ଶିଳ୍ପ ନେତା ଏବଂ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ୪୦୭୫ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫' ର ଦ୍ୱିତୀୟ ଦିନର ଦ୍ୱିତୀୟ ଅଧିବେଶନର ବିଷୟବସ୍ତୁ ହେଉଛି 'ସର୍କୁଲାର ଇକୋନୋମି'। ଏହି ଅଧିବେଶନରେ ବିଭିନ୍ନ କମ୍ପାନୀ ମାନଙ୍କ ଦ୍ୱାରା ମୋଟ ୪୦୭୫ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଦିଆଯାଇଛି। ଏହା ସମଗ୍ର ରାଜ୍ୟରେ ପାଖାପାଖି ୧୦ ହଜାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ କହିଛନ୍ତି ଯେ ଓଡ଼ିଶାର ବିଶାଳ ଶିଳ୍ପ ଏବଂ ଉତ୍ପାଦନ କ୍ଷେତ୍ର ହେତୁ ଥର୍ମାଲ୍ ପାୱାର ପ୍ଲାଂଟ, ଇଂଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଂଟ, ଆଲୁମିନା ରିଫାଇନାରୀ, ସିମେଂଟ ପ୍ଲାଂଟ ଇତ୍ୟାଦି ଶିଳ୍ପରୁ ଉତ୍ପନ୍ନ ହେଉଥିବା ପ୍ରମୁଖ ବର୍ଜ୍ୟ ଆଜିର ସମୟର ଅର୍ଥନୈତିକ ଇଞ୍ଜିନ ଏବଂ ସର୍ବାଧିକ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରୁଛି । ଏହି ବର୍ଜ୍ୟବସ୍ତୁ ଗୁଡ଼ିକୁ ଏକ ସିମ୍ବାୟୋଟିକ ଆସୋସିଏସନରେ କଂଚାମାଲ ଭାବେ ବ୍ୟବହାର କରିବାର କ୍ଷମତା ରହିଛି, ଯାହାଦ୍ୱାରା ରାଜ୍ୟରେ 'ବର୍ଜ୍ୟରୁ ସମ୍ପଦ' ର ଏକ ଇକୋସିଷ୍ଟମ ସୃଷ୍ଟି ହୋଇପାରିବ। ଓଡ଼ିଶାର ବର୍ଜ୍ୟ ପରିଚାଳନା ବଜାର ଯଥେଷ୍ଟ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ, ବର୍ଜ୍ୟ ଉତ୍ପାଦନ ବୃଦ୍ଧି ଏବଂ ବିଭିନ୍ନ ବର୍ଜ୍ୟ ବର୍ଗରେ ସ୍ଥାୟୀ ପରିଚାଳନା ଆବଶ୍ୟକ ରହିଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି ଯେ ତ୍ୱରାନ୍ୱିତ ଅର୍ଥବ୍ୟବସ୍ଥା ନୀତି ବର୍ଜ୍ୟବସ୍ତୁ ଉପଯୋଗ କ୍ଷେତ୍ରରେ ସୁଯୋଗ ସୃଷ୍ଟି କରି ବ୍ୟାପକ ପରିବେଶ ଏବଂ ସାମାଜିକ ଲାଭ ପ୍ରଦାନ କରିପାରିବ। ସିଦ୍ଧାନ୍ତ ଦାସ, ପୂର୍ବତନ ଡିଜିଏଫ ତଥା ସ୍ୱତନ୍ତ୍ର ସଚିବ ଏବଂ ଏନ ସୁବ୍ରମଣ୍ୟମ, ଜାନବୀ ପାପ୍ରିୱାଲ, ଆସୋସିଏଟ୍ ପାର୍ଟନର, ସରକ୍ୟୁଲେଟ୍ କ୍ୟାପିଟାଲ୍, ଡ. ତପନ କୁମାର ଚାନ୍ଦ, ପୂର୍ବତନ ସିଏମଡି, ନାଲକୋ, ଡ. ସିଦ୍ଧାର୍ଥ ଏସ ପାଢ଼ୀ, ପ୍ରଫେସର, ଆଇଆଇଏମ, କୋଝିକୋଡ୍ ଏହି ଅବସରରେ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କ୍ଷତିଗ୍ରସ୍ତ ପ୍ଲଟକୁ ୪୫.୨୮ କୋଟି ପ୍ରଦାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅମଳ ପରବର୍ତ୍ତୀ ଫସଲ କ୍ଷତି ବାବଦରେ ୨,୦୭,୮୮୭ ଗୋଟି କ୍ଷତିଗ୍ରସ୍ତ ପ୍ଲଟ ବାବଦକୁ ୪୫.୨୮ କୋଟି ପ୍ରଦାନ କରାଯାଇଛି । ଏହି ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ଫସଲ ବୀମା ପୋର୍ଟାଲରେ ମୋଟ ୨,୧୯,୮୩୪ ଗୋଟି ପ୍ଲଟ ବାବଦରେ କ୍ଷତିଗ୍ରସ୍ତ ଚାଷୀ ସୂଚନା ଦେଇଥିଲେ । ସେଥି ମଧ୍ୟରୁ ୨,୦୭,୮୮୭ ଗୋଟି ଆବେଦନ ଯାଞ୍ଚ ପରେ ବୈଧ ହୋଇଛି । ସୂଚନାଯୋଗ୍ୟ, ଗତ ଡିସେମ୍ବର ତୃତୀୟ ଏବଂ ଚତୁର୍ଥ ସପ୍ତାହରେ ରାଜ୍ୟରେ ହୋଇଥିବା ଅଦିନିଆ ବର୍ଷା ଯୋଗୁଁ ଅମଳ ପରବର୍ତ୍ତୀ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିଲା । ରାଜ୍ୟରେ ଥିବା ମୋଟ ୬୭୯୪ ଗୋଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ୩୦୬୫ ଟି ଗ୍ରାମ ପଞ୍ଚାୟତରୁ ଫସଲ କ୍ଷତି ହୋଇଥିବାର ଅଭିଯୋଗ ଆସିଥିଲା ଏବଂ ସେଥିମଧ୍ୟରୁ ୧୯୪୫ ଗୋଟି ଗ୍ରାମ ପଞ୍ଚାୟତରେ ଶତକଡା ୨୫ ଭାଗରୁ ଅଧିକ କ୍ଷତି ହୋଇଥିବାର ସୂଚନା ମିଳିଥିଲା । ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଏ ସଂକ୍ରାନ୍ତରେ କାର୍ଯ୍ୟ କରୁଥିବା ୪ ଗୋଟି ବୀମା କମ୍ପାନୀ ସମସ୍ତ ଅଭିଯୋଗର ତ୍ୱରିତ ତଦନ୍ତ ସମାପ୍ତ କରି କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ଆରମ୍ଭ କରିଥିଲେ।

## ସଶକ୍ତ ସମାଜ ଓ ସମୃଦ୍ଧ ଓଡ଼ିଶା ଗଠନରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏକ ସଶକ୍ତ ସମାଜ ଓ ସମୃଦ୍ଧ ଓଡ଼ିଶା ରାଜ୍ୟ ଗଠନରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ଗୌରବମୟ ଇତିହାସ ଓ ସଂସ୍କୃତି ଏବଂ ଓଡ଼ିଆ ଅସ୍ମିତାର ବିଧାଣୀ ଭାବେ ପରିଚିତ ବହୁ ଯୁଗସ୍ରଷ୍ଟାଙ୍କ ଜୀବନୀରୁ ଅନୁପ୍ରାଣିତ ହୋଇ ରାଜ୍ୟର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣରେ ବିଦ୍ୟାର୍ଥୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରନ୍ତୁ। ଶିକ୍ଷା କେବଳ ଜୀବିକା ଅର୍ଜନ କରିବାର ମାଧ୍ୟମ ନୁହେଁ, ବରଂ ଜୀବନର ମାର୍ଗଦର୍ଶକ ହେଉ ବୋଲି କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଏଥିସହ କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ନିଜର ଭବିଷ୍ୟତ ନିର୍ମାଣ କରିବା ସହ ଓଡ଼ିଶାକୁ ବିଶ୍ୱମଞ୍ଚରେ ଏକ ଅନନ୍ୟ ସ୍ଥାନ ପ୍ରଦାନ କରିବା ପାଇଁ ସଦାସର୍ବଦା ଚେଷ୍ଟିତ ରୁହନ୍ତୁ ବୋଲି ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ ମନ୍ତ୍ରୀ ଶ୍ରୀ ସୂରଜ। ପ୍ରକାଶଯୋଗ୍ୟ ଯେ, ଭୁବନେଶ୍ୱର ସ୍ଥିତ ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବରେ ମନ୍ତ୍ରୀ ଶ୍ରୀ ସୂରଜ ଆଜି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଜିର ବାର୍ଷିକ ଉତ୍ସବରେ ମନ୍ତ୍ରୀ ଶ୍ରୀ ସୂରଜ ମହାବିଦ୍ୟାଳୟ ପରିସର ମଧ୍ୟରେ ହୋଇଥିବା ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ମୁଖପତ୍ର 'ମଙ୍ଗଳ ପ୍ରଭାତ' ଉନ୍ମୋଚିତ ହେବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯାଇଥିଲା। ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଆଜିର ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ଦେବଯାନୀ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୀତିକାର ବୃନ୍ଦାବନ ଜେନାଙ୍କ ପରଲୋକ

କଟକ(ଭାସ୍କର ନ୍ୟୁଜ୍): ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଗୀତିକାର, ସଂଳାପକାର, ଚିତ୍ରନାଟ୍ୟ ଲେଖକ ତଥା ନିର୍ଦ୍ଦେଶକ ବୃନ୍ଦାବନ ଜେନାଙ୍କର ଆଜି କଟକ ବଡ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷ ହୋଇଥିଲା । ଲୋକପ୍ରିୟ ଗୀତ ଗୋରୀ ଦେଖିଲି କାଳୀ ଦେଖିଲି ଦେଖିଲି ଝିଅ ପଣେ ତୋରି ପରି ଏଡ଼େ ସୁନ୍ଦରୀ ନାହିଁ ତ କେହି ଜଣେ..., ଏମିତି ରାତି ସେ ଯେ ଅଭୁଲା ସ୍ମୃତି... ଆଦି ଗୀତ ତାଙ୍କୁ ବେଶ ଲୋକପ୍ରିୟ କରିପାରିଥିଲା। ୧୯୪୪ ମସିହା ଜାନୁୟାରି ୧୫ ତାରିଖରେ ଜନ୍ମିତ ବୃନ୍ଦାବନ ସିଡିଏ ସେକ୍ଟର-୬ର ସ୍ଥାୟୀ ବାସିନ୍ଦା। ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ଓ ସାହିତ୍ୟ ସ୍ନାତକୋତରରେ ସ୍ୱର୍ଣ୍ଣ ପଦକ ପ୍ରାପ୍ତ। ୧୯୬୫ ମସିହାରୁ ଆକାଶବାଣୀ ତଥା ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକବି ଭାବେ ମାନ୍ୟତାପ୍ରାପ୍ତ। ୧୯୭୨ରୁ ଓଡ଼ିଆ ଚଳଚ୍ଚିତ୍ରରେ ଜଣେ ଗୀତିକାର, ଚିତ୍ରନାଟ୍ୟ, ସଂଳାପଲେଖକ ଓ ନିର୍ଦ୍ଦେଶକ ଭାବେ ପ୍ରତିଷ୍ଠିତ ହୋଇପାରିଥିଲେ।

## ଉତ୍କର୍ଷ ଓଡ଼ିଶା-ମେକଇନ୍ ଓଡ଼ିଶା କନକ୍ଲେଭର ସାଂସ୍କୃତିକ କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱର ଜନତା ମଇଦାନ ଠାରେ ଆୟୋଜିତ ହୋଇଥିବା ଉତ୍କର୍ଷ ଓଡ଼ିଶା-ମେକଇନ୍ ଓଡ଼ିଶା କନକ୍ଲେଭର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।


CK BIRLA GROUP
orient electric

### ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍

ପଞ୍ଜିକୃତ କାର୍ଯ୍ୟାଳୟ: ୟୁନିଟ୍-୮, ପ୍ଲଟ୍ ନଂ.୭, ଭୋଇନଗର, ଭୁବନେଶ୍ୱର-୭୫୧୦୧୨, ଓଡ଼ିଶା
ଟେଲିଫୋନ୍: ୦୬୭୪-୨୩୯୬୯୩୦, ଫାକ୍ସ: ୦୬୭୪-୨୩୯୬୩୬୪, ଇମେଲ୍: investor@orientelectric.com
ୱେବସାଇଟ୍: www.orientelectric.com, ସିଆଇଏନ୍: ଏଲ୍୩୧୧୦୦ଓଆର୍୨୦୧୬ପିଏଲ୍ସି୦୨୫୮୯୨

୩୧ ଡିସେମ୍ବର ୨୦୨୪ ତ୍ରୈମାସିକ ଓ ନଅ ମାସର ଶେଷ ହୋଇଥିବା ବାର୍ଷିକ ସଠିକ୍ ହିସାବ ଆର୍ଥିକ ଫଳାଫଳ (କୋଟି ହିସାବରେ)

| କ୍ର.ସ. | ବିବରଣୀ | ତ୍ରୟମାସିକ ଶେଷ | | ନବମ ମାସର ଶେଷ |
|---|---|---|---|---|
| | | ୩୧ ଡିସେମ୍ବର ୨୦୨୪ | ୩୧ ଡିସେମ୍ବର ୨୦୨୩ | ୩୧ ଡିସେମ୍ବର ୨୦୨୪ |
| | | ଅଣ ହିସାବ | | ଅଣ ହିସାବ |
| ୧ | ମୋଟ ରାଜସ୍ୱ | ୮୧୬.୮୨ | ୭୫୧.୯୩ | ୨,୨୩୧.୮୩ |
| ୨ | ଏହି ଅବଧିର ମୋଟ ଲାଭ (ଟିକସ, ଏକ୍ସସେପ୍ସନାଲ୍ ଦ୍ରବ୍ୟ ଏବଂ/କିମ୍ବା ଅସାଧାରଣ ଦ୍ରବ୍ୟ) | ୩୬,୬୨ | ୩୨.୮୦ | ୭୦.୧୧ |
| ୩ | ଏହି ଅବଧିର ମୋଟ ଲାଭ ଟିକସ ପୂର୍ବରୁ (ଟିକସ, ଏକ୍ସସେପ୍ସନାଲ୍ ଦ୍ରବ୍ୟ ଏବଂ/କିମ୍ବା ଅସାଧାରଣ ଦ୍ରବ୍ୟ) | ୩୬,୬୨ | ୩୨,୮୦ | ୭୦.୧୧ |
| ୪ | ଏହି ଅବଧିର ମୋଟ ଲାଭ ଟିକସ ପରେ (ଟିକସ, ଏକ୍ସସେପ୍ସନାଲ୍ ଦ୍ରବ୍ୟ ଏବଂ/କିମ୍ବା ଅସାଧାରଣ ଦ୍ରବ୍ୟ) | ୨୭.୧୭ | ୨୪.୩୩ | ୫୧.୯୫ |
| ୫ | ଏହି ଅବଧିରେ ମୋଟ କମ୍ପ୍ରେନ୍‌ସିଭ୍ ଆୟ | ୨୭.୨୫ | ୨୪.୩୫ | ୫୨.୧୯ |
| ୬ | ଇକ୍ୱିଟି ସେୟାର କ୍ୟାପିଟାଲ | ୨୧.୩୪ | ୨୧.୩୪ | ୨୧.୩୪ |
| ୭ | ଅନ୍ୟାନ୍ୟ ଇକ୍ୱିଟି | | | |
| ୮ | ସେୟାର ପିଛା ଆୟ (ପ୍ରତି ୧ ଟଙ୍କା ପିଛା) | | | |
| | ବେସିକ୍: | ୧.୨୭ | ୧.୧୪ | ୨.୪୩ |
| | ଡାଇଲ୍ୟୁଟେଡ୍ | ୧.୨୭ | ୧.୧୪ | ୨.୪୩ |

ନୋଟ୍:
୧. କମ୍ପାନୀର ଉପରୋକ୍ତ ଆର୍ଥିକ ଫଳାଫଳ ଅଡିଟ୍ କମିଟି ଦ୍ୱାରା ସମୀକ୍ଷା ହେବା ସହ କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟରଙ୍କ ଜାନୁଆରୀ ୨୯, ୨୦୨୫ ଅନୁଷ୍ଠିତ ବୈଠକରେ ରେକର୍ଡକୁ ନିଆଯାଇଛି।
୨. ଅଡିଟେଡ୍ ଫାଇନାନ୍ସିଆଲ ରେଜଲ୍ଟ ୩୧ ଡିସେମ୍ବର ୨୦୨୪ ବର୍ଷ ଶେଷ ତ୍ରୟମାସିକ ପାଇଁ ସର୍ବଶେଷ ଫର୍ମାଟ ପୂରଣ ସହିତ ଷ୍ଟକ୍ ଏକ୍ସଚେଞ୍ଜେର୍ସ ସେବିର ରେଗୁଲେସନ ୩୩ ଅଧିନରେ (ଲିଷ୍ଟିଂ ଓବ୍ଲିଗେସନସ ଓ ଡିସକ୍ଲୋଜର ଆବଶ୍ୟକ) ରେଗୁଲେସନ ୨୦୧୫। ଅଡିଡେଟ୍ ଫାଇନାନ୍‌ସିଆଲ ରେଜଲ୍ଟର ସଂପୂର୍ଣ୍ଣ ଫର୍ମାଟ ୩୧ ଡିସେମ୍ବର ୨୦୨୪ ବର୍ଷ ଶେଷ ଓ ତ୍ରୟୋମାସିକ ପାଇଁ ଷ୍ଟକ ଏକ୍ସଚେଞ୍ଜର ୱେବ୍‌ସାଇଟ୍ (www.bseindia.com/ www.nseindio.com) ଓ କମ୍ପାନିର ୱେବ୍‌ସାଇଟ୍(www.orientelectric.com) ରେ ଉପଲବ୍ଧ ଅଛି।

ସ୍ଥାନ: ନୂଆଦିଲ୍ଲୀ
ତାରିଖ: ଜାନୁଆରୀ ୨୯, ୨୦୨୫

ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍ ପାଇଁ
ସ୍ୱା/-
ରବିନ୍ଦ୍ର ସିଂ ନେଗୀ
ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ







ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



## ଶିଳ୍ପାୟନର ସୁନେଲି ସକାଳ

# ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ସୁଦୃଷ୍ଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୋଟିଏ ମାସରେ ତିନିଥର ଓଡ଼ିଶାକୁ ଗସ୍ତରେ ଆସିବା ସହ ରାଜ୍ୟରେ ପୁଞ୍ଜି ନିବେଶ ଓ ଶିଳ୍ପାୟନ ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ସମସ୍ତ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ସମ୍ମିଳନୀରେ ଯୋଗଦେବାକୁ ସେ ପ୍ରଥମ ଥର ଭୁବନେଶ୍ୱର ଆସିଥିବା ସ୍ଥଳେ ପରବର୍ତ୍ତୀ ସମୟରେ ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ଆୟୋଜିତ ତ୍ରିଦିବସୀୟ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଶେଷରେ ମଙ୍ଗଳବାର ପୁଣିଥରେ ରାଜଧାନୀ ଭୁବନେଶ୍ୱରରେ ପହଞ୍ଚି ଓଡ଼ିଶାରେ ଶିଳ୍ପାୟନ ପାଇଁ ସୁବର୍ଣ୍ଣଯୁଗର ଅୟମାରମ୍ଭ କରିଛନ୍ତି। ଅଧିକ ନିବେଶକ ସାମିଲ ହୋଇଛନ୍ତି ବୋଲି ଉଲ୍ଲେଖ କରିଥିଲେ। ଦେଶର ସାମଗ୍ରୀକ ଅଭିବୃଦ୍ଧିରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିବାର ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ସହ ବାଣିଜ୍ୟ ଓ ପାରମ୍ପରିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ସିଙ୍ଗାପୁର ସମେତ ଏସୀୟ ରାଷ୍ଟ୍ରଗୁଡ଼ିକ ଆଗ୍ରହୀ ଅଛନ୍ତି। ଓଡ଼ିଶାର ବିକାଶ ଯାତ୍ରାରେ ସାମିଲ ହେବାକୁ ନିବେଶକମାନେ ଆଗେଇ ଆସିବାର ଏହା ପ୍ରକୃଷ୍ଟ ସମୟ ଏବଂ ସେମାନଙ୍କ ନିବେଶ ସଫଳତାର ନୂତନ ଶିଖରରେ ପହଞ୍ଚିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।



ଦେଶର ପ୍ରଧାନମନ୍ତ୍ରୀ ହେବା ପରେ ୩୦ଥର ଓଡ଼ିଶାକୁ ଆସିଥିବାର ଉଲ୍ଲେଖ କରି ମୋଦି ରାଜ୍ୟବାସୀଙ୍କ ଶକ୍ତି ଓ ସାମର୍ଥ୍ୟ ଉପରେ ତାଙ୍କର ଯଥେଷ୍ଟ ଭରସା ଥିବାର କହିଥିଲେ। ଦୁଇଦିନିଆ 'ଉତ୍କର୍ଷ ଓଡ଼ିଶା' ସମ୍ମେଳନର ପ୍ରଥମ ଦିନଟି ରାଜ୍ୟର ଶିଳ୍ପାୟନ ପାଇଁ ବେଶ୍ ଉତ୍ସାହଜନକ ମନେ ହୋଇଥିଲା। କାରଣ ପ୍ରଥମ ଦିନରେ ହିଁ ପାଖାପାଖି ସାଢ଼େ ୪ଲକ୍ଷ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ମିଳିଥିବା ବେଳେ ୫୪ଟି ବୁଝାମଣାପତ୍ର (ଏମ୍.ଓ.ୟୁ) ସ୍ୱାକ୍ଷରିତ ହୋଇଛି। ଦେଶର ପ୍ରସିଦ୍ଧ ଶିଳ୍ପ ସଂସ୍ଥା 'ଆଦାନି ଗ୍ରୁପ୍' ସବୁଠାରୁ ବଡ଼ ଏମ୍.ଓ.ୟୁ ସ୍ୱାକ୍ଷର କରିବା ଉଲ୍ଲେଖନୀୟ ହୋଇଛି। ଏହି ସଂସ୍ଥା ଆଗାମୀ ୫ବର୍ଷ ମଧ୍ୟରେ ଓଡ଼ିଶାରେ ୨ଲକ୍ଷ ୨୮ହଜାର କୋଟି ଟଙ୍କା ନିବେଶ କରିବାକୁ ଯୋଜନା କରିଛି। ଶକ୍ତି, ସିମେଣ୍ଟ, ଶିଳ୍ପ ପାର୍କ, ଆଲୁମିନିୟମ୍ ଆଦି କ୍ଷେତ୍ରରେ ଏହି ପୁଞ୍ଜି ଖଟାଯିବ ବୋଲି ସୂଚନା ମିଳିଛି। ସେହିପରି ଜେ.ଏସ୍.ପି.ଏଲ୍ କେନ୍ଦୁଝରରେ ଇସ୍ପାତ ୟୁନିଟ୍ ସ୍ଥାପନ ପାଇଁ ଛ' ବର୍ଷରେ ୭୦ ହଜାର କୋଟି ଟଙ୍କା ବିନିଯୋଗ କରିବାକୁ ଯୋଜନା କରିଥିବା ସ୍ଥଳେ ବେଦାନ୍ତ ଗ୍ରୁପ୍ ଏକଲକ୍ଷ କୋଟି ଟଙ୍କା ନିବେଶ ପାଇଁ ଯୋଜନା ପ୍ରସ୍ତୁତ କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମ ଦିନରେ ହିଁ ପୁଞ୍ଜିନିବେଶର ସମ୍ଭାବନାକୁ ନେଇ ଏକଶହ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ମତ ବିନିମୟ କରିଥିଲେ। ଯେପରି ମନେ ହେଉଛି ଦୁଇଦିନିଆ 'ଉତ୍କର୍ଷ ଓଡ଼ିଶା' ସମାବେଶକୁ ଓଡ଼ିଶାରେ 'ଶିଳ୍ପାୟନର ସୂର୍ଯ୍ୟୋଦୟ' କହିଲେ ଭୁଲ୍ ହେବନାହିଁ।

ରାଜ୍ୟର ବିଜେପି ସରକାରଙ୍କ ଦ୍ୱାରା ଆୟୋଜିତ 'ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା-୨୦୨୫' କନ୍‌କ୍ଲେଭ୍‌କୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାରେ ପୁଞ୍ଜି ବିନିଯୋଗ କରିବାକୁ ଦେଶ ବିଦେଶର ଉଦ୍ୟୋଗୀମାନଙ୍କୁ ଆହ୍ୱାନ ଦେବା ସଙ୍ଗେ ସଙ୍ଗେ ଶିଳ୍ପ ସ୍ଥାପନ ନିମନ୍ତେ ଏଠାରେ ପ୍ରକୃଷ୍ଟ ସୁବିଧାସୁଯୋଗ ଉପଲବ୍ଧ ରହିଛି ବୋଲି ମତବ୍ୟକ୍ତ କରିଛନ୍ତି। ଶିଳ୍ପପତିମାନେ ଓଡ଼ିଶାରେ ନିବେଶ କଲେ ନିଶ୍ଚିତ ଭାବରେ ସଫଳତା ପାଇପାରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇ ଭବିଷ୍ୟତରେ ଓଡ଼ିଶା ହିଁ ବିକଶିତ ଭାରତର ଇଞ୍ଜିନ୍ ହେବ ବୋଲି ମୋଦି ପ୍ରକାଶ କରିଥିଲେ। 'ଉତ୍କର୍ଷ ଓଡ଼ିଶା' ସମାବେଶରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ସୂଚିତ ହେଉଛି ଯେ ଓଡ଼ିଶା ପ୍ରତି ତାଙ୍କର ସୁଦୃଷ୍ଟି ରହିଛି ଏବଂ ଦେଶର ଶିଳ୍ପ ମାନଚିତ୍ରରେ ଏହାକୁ ଉଚ୍ଚ ସ୍ଥାନ ଦେବା ପାଇଁ ସେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଏହି ନିବେଶକ ମହାକୁମ୍ଭକୁ ସମ୍ବୋଧିତ କରିବା ଅବସରରେ ମୋଦି ଆଜି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ସମସ୍ତ ନିବେଶକ ସମ୍ମେଳନ ମଧ୍ୟରେ 'ଉତ୍କର୍ଷ ଓଡ଼ିଶା' ସର୍ବବୃହତ୍ ସମାବେଶ ଏବଂ ଏଥିରେ ୫ରୁ ୬ଗୁଣ

# ସେ ଦିନର ଖବରରେ : ମହାତ୍ମାଙ୍କ ମହାପ୍ରୟାଣ



ତପନ କୁମାର ପାଲ
ଦେଉଳ ସାହି, ତୁଳସୀପୁର, କଟକ
ମୋ : ୯୯୩୭୬୫୮୩୬୨

ଜାତିର ପିତା ଆମ ସମସ୍ତଙ୍କ ପ୍ରିୟ ବାପୁଜୀଙ୍କ ମହାପ୍ରୟାଣର ଖବର କେବଳ ପ୍ରତିଟି ଭାରତୀୟଙ୍କ ପାଇଁ ନୁହେଁ ତମାମ ବିଶ୍ୱବାସୀଙ୍କ ପାଇଁ ଥିଲା ଅତ୍ୟନ୍ତ ଦୁଃଖଦ। ୧୯୪୮ ଜାନୁଆରୀ ୩୦ ତାରିଖଟି ସବୁଦିନ ପରି ସ୍ୱାଭାବିକ ଥିଲା। ସେ ଦିନ ଦିଲ୍ଲୀର ବିର୍ଲା ହାଉସ୍‌ରେ ଲୋକଙ୍କ ଭିଡ଼ ସ୍ୱାଭାବିକ ମଧ୍ୟ ରହିଥିଲା। ମଧ୍ୟାହ୍ନରେ ଗାନ୍ଧିଜୀ ସେ ଦିନ ଦେଶ ବିଦେଶର ବିଭିନ୍ନ ଲୋକଙ୍କ ସହିତ ସାକ୍ଷାତ କରିଥିଲେ ଓ ସେମାନଙ୍କ ଭିତରେ ଜଣେ ସାମ୍ବାଦିକ ମଧ୍ୟ ଥିଲେ। ସେ ଦିନ ସଂଧ୍ୟା ୫ଟା ୧୬ ମିନିଟରେ ଅଜଣା ଆତତାୟୀଙ୍କ ଗୁଳିରେ ଜୀବନ ଦୀପ ନିର୍ବାପିତ ହୋଇଯାଇଥିଲା।

ଗାନ୍ଧିଜୀଙ୍କ ମୃତ୍ୟୁ ଖବର ବିଜୁଳି ବେଗରେ ସାରା ବିଶ୍ୱରେ ବ୍ୟାପି ଯାଇଥିଲା। ଆଜିର ଇଣ୍ଟରନେଟ ଯୁଗରେ ଏକଥା ସାଧାରଣ ମନେ ହୋଇପାରେ, କିନ୍ତୁ ପ୍ରାୟ ୮୦ବର୍ଷ ତଳେ, ଯେତେବେଳେ ଟେଲିଫୋନ ମଧ୍ୟ ବାଲୁତ ଅବସ୍ଥାରେ ଥିଲା ସନ୍ଧ୍ୟାବେଳେ ଘଟିଥିବା ଏ ଘଟଣା ପରଦିନ ପୃଥିବୀର ପ୍ରାୟ ସବୁ ବଡ଼ ଖବରକାଗଜର ପ୍ରଥମ ପୃଷ୍ଠାରେ ବଡ଼ ଆକାରରେ ସ୍ଥାନ ପାଇଥିଲା। 'ଦି ନ୍ୟୁୟର୍କ ଟାଇମ୍ସ' ପ୍ରଥମ ପୃଷ୍ଠାରେ ପ୍ରକାଶିତ ଖବରର ଶୀର୍ଷକ ଥିଲା 'ଗାନ୍ଧି ଇଜ୍ କିଲ୍‌ଡ଼ ବାଏ ଏ ହିନ୍ଦୁ, ଇଣ୍ଡିଆ ସେକେନ, ୱାର୍ଲଡ଼ ମୋର୍ନସ' ଜଣେ ହିନ୍ଦୁ ଦ୍ୱାରା ଗାନ୍ଧୀ ନିହତ, ଭାରତ ବିବ୍ରତ, ବିଶ୍ୱ ଶୋକାଚ୍ଛନ୍ନ। ତା'ସହିତ ହତ୍ୟା ପରେ ବମ୍ବେରେ ହୋଇଥିବା ଦଙ୍ଗାରେ ୧୫ ଜଣଙ୍କର ମୃତ୍ୟୁ ତଥା ଶାନ୍ତିରକ୍ଷା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ନେହେରୁଙ୍କ ଆହ୍ୱାନ ମଧ୍ୟ ସେଥିରେ ପ୍ରକାଶିତ ହୋଇଥିଲା।



ଘଟଣାର ସବିଶେଷ ତଥ୍ୟ ସହିତ ଦି ଆଇରିସ ଟାଇମସର ପ୍ରଥମ ପୃଷ୍ଠାରେ ପ୍ରକାଶିତ ଖବରରେ ତାଙ୍କୁ ଅହିଂସାର ଦେବଦୂତ ଭାବେ ଅଭିହିତ କରାଯାଇଥିଲା। ଯେଉଁ ଇଂଲଣ୍ଡର ଜଣେ ପ୍ରଧାନମନ୍ତ୍ରୀ ଗାନ୍ଧିଜୀଙ୍କୁ ଖବରକାଗଜ 'ଦି ଡେଲି ଟେଲିଗ୍ରାଫ' ଗାନ୍ଧିଜୀଙ୍କ ମୃତ୍ୟୁ ଖବରକୁ ପ୍ରଥମ ପୃଷ୍ଠାର ଅଧା ସ୍ଥାନ ଦେଇଥିଲା। ତାଙ୍କ ନିଧନ ବିଶ୍ୱ ଓ ଭାରତ ପାଇଁ ଅପୂରଣୀୟ କ୍ଷତି ବୋଲି ସେଥିରେ କୁହାଯାଇଥିଲା। ତାଙ୍କ ମୃତ୍ୟୁରେ ବିଶ୍ୱର ସବୁ ଦେଶର ଲୋକେ ଶୋକ ପାଳନ କରିବେ ବୋଲି ଲେଖା ଯାଇଥିଲା। ଆମେରିକାର ଅନ୍ୟତମ ବଡ଼ ଖବରକାଗଜ 'ଦି ୱାଶିଂଟନ ପୋଷ୍ଟ'ର ପ୍ରଥମ ପୃଷ୍ଠାରେ ମଧ୍ୟ ଏ ଘଟଣାକୁ ନେଇ ଏକ ଦୀର୍ଘ ଖବର ପ୍ରକାଶିତ ହୋଇଥିଲା। ସେଥିରେ ଗାନ୍ଧିଜୀଙ୍କୁ ବିଶ୍ୱର ଜଣେ ବିଶିଷ୍ଟ ଆଧ୍ୟାତ୍ମିକ ଓ ରାଜନୈତିକ ନେତା ଭାବେ ବର୍ଣ୍ଣନା କରାଯାଇଥିଲା। 'ଦି ଇକୋନୋମିଷ୍ଟ', 'ମାୟାମି ହେରାଲଡ଼' ଓ 'ବ୍ରୁକଲିନ ହେରାଲ୍ଡ' ଭଳି ତତ୍କାଳୀନ ବିଶ୍ୱର ଅନ୍ୟ ସବୁ ପ୍ରମୁଖ ଖବରକାଗଜ ଏହି ଘଟଣାକୁ ପ୍ରମୁଖତା ଦେଇ ପ୍ରଥମ ପୃଷ୍ଠାରେ ପ୍ରକାଶ କରିଥିଲେ। କହିବା ଅନାବଶ୍ୟକ ଯେ ହିନ୍ଦୀ ଓ ଆଞ୍ଚଳିକ ଭାଷାର ଖବରକାଗଜ ଗୁଡ଼ିକ ସମେତ ଭାରତରୁ ପ୍ରକାଶିତ ପ୍ରାୟ ସବୁ ଇଂରାଜୀ ଖବରକାଗଜ, ଯେପରିକି 'ଟାଇମ୍ସ ଅଫ୍ ଇଣ୍ଡିଆ', 'ହିନ୍ଦୁସ୍ଥାନ ଟାଇମ୍ସ', 'ଦି ଷ୍ଟେଟସମ୍ୟାନ' ଓ 'ଇଭିନିଂ ଟାଇମ୍ସ' ଆଦି ଏହାକୁ ପ୍ରଥମ ପୃଷ୍ଠାରେ ବହୁ ବଡ଼ ଆକାରରେ ସ୍ଥାନ ଦେଇଥିଲେ। ଗୋଟିଏ ସୂଚନାଯୋଗ୍ୟ କଥା ହେଲା ଖବରକାଗଜ ଭାବେ ସ୍ୱୀକୃତ 'ଦି ହିନ୍ଦୁ'ରେ ଖବରଟି କିନ୍ତୁ ପ୍ରଥମ ପୃଷ୍ଠାରେ ନଥିଲା। ତେବେ ଏହା ଗାନ୍ଧିଜୀଙ୍କ ପ୍ରତି ସମ୍ମାନରେ ଊଣା କାରଣରୁ ନୁହେଁ, 'ଦି ହିନ୍ଦୁ'ର ତତ୍କାଳୀନ ନୀତି କାରଣରୁ ଘଟିଥିଲା। ଉକ୍ତ ଖବରକାଗଜର ପ୍ରଥମ ପୃଷ୍ଠାରେ ସେତେବେଳେ କେବଳ ବିଜ୍ଞାପନ ସ୍ଥାନ ପାଇବାର ନିୟମ ଥିଲା, ଯାହାକୁ ପରେ ପରିବର୍ତ୍ତନ କରାଯାଇଥିଲା। ଦେଶ ବିଭାଜନ କାରଣରୁ ସଦ୍ୟ ଘଟିଥିବା ହିଂସା, ରକ୍ତପାତ ଓ ଶତ୍ରୁତା ପରେ ପରେ ପାକିସ୍ତାନର ଖବରକାଗଜ ଗୁଡ଼ିକ ଗାନ୍ଧିଜୀଙ୍କ ମୃତ୍ୟୁର ଖବରକୁ କେମିତି ପ୍ରକାଶ କରିଥିଲେ, ତାହା ଦେଖିବା କଥା। ଭାରତ ତଥା ବିଶ୍ୱର ସମ୍ବାଦପତ୍ର ପ୍ରଥମ ପୃଷ୍ଠାରେ ସ୍ଥାନ ଦେଇଥିଲେ ଏବଂ ଯଥାଯୋଗ୍ୟ ଶୋକ ଓ ସମ୍ମାନ ପ୍ରଦର୍ଶନ କରିଥିଲେ। କରାଚିରୁ ପ୍ରକାଶିତ ଲୋକପ୍ରିୟ ଖବରକାଗଜ 'ଡନ' ଲେଖିଥିଲା 'ଏମିତି ଏକ ମହାନ ଜୀବନର ଏଭଳି ଦୁଃଖଦ ଅନ୍ତ ସାରା ପାକିସ୍ତାନର ମୁସଲମାନ ମାନଙ୍କର ମଥାକୁ ଦୁଃଖରେ ଅବନତ କରି ଦେଇଛି।' ଲାହୋରରୁ ପ୍ରକାଶିତ 'ପାକିସ୍ତାନ ଟାଇମ୍ସ'ର ଖବରଟି ଶେଷ ହୋଇଥିଲା ଏମିତି, 'ଖିଲାଫତ ଆନ୍ଦୋଳନ ସମୟରେ ଅବିଭାଜିତ ଭାରତର ହିନ୍ଦୁ ଓ ମୁସଲମାନ ଗାନ୍ଧିଜୀଙ୍କ ନେତୃତ୍ୱରେ ରକ୍ତରେ ରକ୍ତ ମିଶାଇ ସ୍ୱାଧୀନତା ପାଇଁ ଲଢ଼େଇ କରିଥିଲେ। ଆସନ୍ତୁ ଆମେ ଆଶା କରିବା ଯେ ସେମାନେ ବର୍ତ୍ତମାନ ସ୍ୱାଧୀନ ଭାରତ ଓ ପାକିସ୍ତାନର ପତାକା ତଳେ ଶାନ୍ତିପୂର୍ଣ୍ଣ ଭାବେ ନିଜର ସ୍ୱାଧୀନତା ରକ୍ଷା କରିବା ଲାଗି ଲୁହରେ ଲୁହ ମିଶାଇବେ..।'

ମହାତ୍ମା ଗାନ୍ଧୀଙ୍କ ଦୁଃଖଦ ମହାପ୍ରୟାଣ ସମଗ୍ର ବିଶ୍ୱକୁ ଏକ ପ୍ରକାର ସ୍ତବ୍ଧ କରିଦେଇଥିଲା। ବିଶ୍ୱର ସମସ୍ତ ଖବରକାଗଜ ଏ ଖବରକୁ ଅତ୍ୟନ୍ତ ପ୍ରାଥମିକ ଭାବେ ସ୍ଥାନିତ କରି ସେମାନଙ୍କର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଶହୀଦ ଦିବସ ଓ ସ୍ମୃତିରେ ଗାନ୍ଧିଜୀ



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଜାନୁଆରୀ ୩୦କୁ ଭାରତବର୍ଷରେ 'ଶହୀଦ ଦିବସ' ଭାବେ ପାଳନ କରାଯାଏ। ଏହାକୁ 'ସର୍ବୋଦୟ ଦିବସ' ଭାବେ ମଧ୍ୟ ପାଳନ କରାଯାଏ। ୧୯୪୮ ଏହି ଦିନରେ ଜାତିର ପିତା ମହାତ୍ମା ଗାନ୍ଧୀ ବର୍ବର ହତ୍ୟାର ଶିକାର ହୋଇଥିଲେ। ୩୦ ଜାନୁଆରୀ ୧୯୪୮ ସମୟ ଅପରାହ୍ନ ୫ ଘଣ୍ଟା ୧୬ ମିନିଟ୍ ସ୍ଥାନ ନୂଆ ଦିଲ୍ଲୀସ୍ଥିତ ବିରଳା ଭବନ ମହାତ୍ମା ସାନ୍ଧ୍ୟକାଳୀନ ପ୍ରାର୍ଥନା ପାଇଁ ବାହାରୁଥିଲେ। ସଙ୍ଗରେ ଥିଲେ ଆଭା ଚଟ୍ଟୋପାଧ୍ୟାୟ, ନନ୍ଦଲାଲ ମେହତା, ପ୍ୟାରେଲାଲ, ଭି କଲ୍ୟାଣମ୍ ପ୍ରମୁଖ। ହଠାତ୍ ପହଞ୍ଚିଲେ ନାଥୁରାମ ବିନାୟକ ଗଡ଼ସେ। ସେ ବାପୁଙ୍କ ପଥ ରୋକି ପାଦ ଛୁଇଁ ପ୍ରଣାମ କଲେ। ପ୍ରାର୍ଥନା ସମୟ ଗଡ଼ି ଯାଉଥିବାରୁ ପ୍ରତିବାଦ କଲେ ଆଭା, ଭାଇ ବାପୁଙ୍କର ବିଳମ୍ବ ହୋଇଗଲାଣି। ତାଙ୍କ ତୁଣ୍ଡରୁ କଥା ପଦକ ନସରୁଣୁ, ତାଙ୍କୁ ଠେଲିଦେଇ ସେ ଦିନ ବାପୁଙ୍କ ଛାତିକୁ ଲକ୍ଷ୍ୟ କରି ଗୋଟିଏ ବେରେଟା ଏମ୍ ୩୪ ଅର୍ଦ୍ଧ ସ୍ୱୟଂକ୍ରିୟ ପିସ୍ତଲରୁ ତିନି ତିନିଟି ଗୁଳି ଚଳାଇଥିଲେ ଗଡ଼ସେ। ଘଟଣାସ୍ଥଳୀରେ ହେ ରାମ... କହି ଟଳିପଡ଼ିଥିଲେ ମହାତ୍ମା। ତାଙ୍କୁ ଚିକିତ୍ସାଳୟକୁ ନେବା ପରିବର୍ତ୍ତେ ସେହି ବିରଳା ଭବନ ମଧ୍ୟକୁ ଉଠାଇ ନିଆଯାଇଥିଲା। ଅଳ୍ପ କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଶହୀଦ ଦବିସ ପାଳନର ଲକ୍ଷ୍ୟ। ଏହି ଦିବସରେ ଭାରତର ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ଏବଂ ଭାରତୀୟ ଜଳ, ସ୍ଥଳ ଓ ବାୟୁ ସେନାର ତିନି ମୁଖ୍ୟ ଏକତ୍ର ଦିଲ୍ଲୀ ରାଜଘାଟରେ ଥିବା ମହାତ୍ମାଙ୍କ ସମାଧିରେ ପୁଷ୍ପ ଅର୍ପଣ କରନ୍ତି। ଦିନ ୧୧ଟାରେ ମହାତ୍ମା ତଥା ଅନ୍ୟ ଶହୀଦଙ୍କ ସ୍ମୃତିରେ ସମଗ୍ର ଦେଶରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଏ।

ଜାତିର ଜନକ ଭାବେ ମହାତ୍ମା ଗାନ୍ଧୀ କେବଳ ଭାରତ ନୁହେଁ ସମଗ୍ର ପୃଥିବୀରେ ଏକ ସମ୍ମାନସ୍ପଦ ବ୍ୟକ୍ତିତ୍ୱ, ତାଙ୍କ ଅହିଂସା ନୀତି ଆଜି ପୃଥିବୀରେ ସମସ୍ତ ରାଷ୍ଟ୍ରର ଜାତୀୟ ବାର୍ତ୍ତା ଭାବେ ପ୍ରମାଣ ସିଦ୍ଧ ହୋଇଛି। ସଶସ୍ତ୍ର ଗୋରା ଫଉଜଙ୍କୁ ଜଣେ ଆଣ୍ଠୁ ଲୁଚୁ ନଥିବା ପୋଷାକର ସାଧାରଣ ସେହି ବାପୁଜୀ ଭାରତମାତାରୁ ବିତାଡ଼ିତ କରିବାକୁ ସକ୍ଷମ ହୋଇଥିଲେ। ସମଗ୍ର ଭାରତର ଯେଉଁ ଅହିଂସା ନୀତିକୁ ଆଜି ସମଗ୍ର ବିଶ୍ୱ ସମ୍ମାନର ସହିତ ମଥାପାତ କରୁଛି ତାହା ପଛର ଘଟଣାଟି ହେଉଛି ସେହି ମହାନ ନାୟକଙ୍କ କୃତୀ। ପୃଥିବୀରେ ମହାତ୍ମା ଗାନ୍ଧୀ ଏପରି ଜଣେ ବିରଳ ବ୍ୟକ୍ତିତ୍ୱ ଯାହାଙ୍କ ନାମରେ ସାରା ପୃଥିବୀର ବିଭିନ୍ନ ଭାଷାରେ ଅନେକ ଚଳଚ୍ଚିତ୍ର ଓ ପୁସ୍ତକ ମଧ୍ୟ ଲେଖା ହୋଇଛି। କୁହାଯାଏ ଗାନ୍ଧିଜୀଙ୍କ ନାମରେ ଯେ କୌଣସି ପୁସ୍ତକ ତାହା ନିଶ୍ଚିତ ପ୍ରଚୁର ପାଠକୀୟ ଆଦୃତି ପାଇଥାଏ। ଆଜିର ଦିନରେ ଆମେ ଜାତିର ପିତାଙ୍କୁ ହରାଇ ଥିଲୁ। ସମଗ୍ର ବିଶ୍ୱ ମଧ୍ୟ ସ୍ତବ୍ଧ ହୋଇଯାଇଥିଲା ସେ ଦିନର ଏହି ଅଭାବନୀୟ ଘଟଣାକୁ ନେଇ। କିନ୍ତୁ ଗାନ୍ଧିଜୀଙ୍କ ଆଦର୍ଶ, ଚିନ୍ତା ଓ ଚେତନା ଯୁଗ ଯୁଗ ପାଇଁ କେବଳ ପ୍ରତିଟି ଭାରତୀୟଙ୍କ ହୃଦୟରେ ନୁହେଁ ସମଗ୍ର ବିଶ୍ୱବାସୀଙ୍କ ହୃଦୟରେ ଚିର ଜାଜ୍ଜ୍ୱଲ୍ୟମାନ ହୋଇ ରହିବ।

# ଉତ୍କଳ ସମ୍ମିଳନୀ ଓ ପଦବାବୁ



ଦିଲ୍ଲୀପ ଦାଶଶର୍ମା
ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର
ମୋ: ୮୯୮୪୦୦୭୬୦୦

ଉତ୍କଳ ସମ୍ମିଳନୀ ୧୯୦୩ରେ ଗଠନ ହୋଇଥିଲା ଓ ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ଆଜିର ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ଥିବା ଓଡ଼ିଆ ଭାଷା ଭାଷୀ ଅଞ୍ଚଳକୁ ଏକତ୍ରିତ କରି ଏକ ଓଡ଼ିଆ ପ୍ରଦେଶ ଗଠନ କରିବା। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସହିତ ଉତ୍କଳ ସମ୍ମିଳନୀ ଗଠନ ପାଇଁ ଯେଉଁ ବରପୁତ୍ରମାନେ ବହୁ ଚେଷ୍ଟା କରିଥିଲେ ସମସ୍ତଙ୍କ କଠିନ ପରିଶ୍ରମ ଫଳରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ହୋଇ ଉତ୍କଳ ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ସାଧିତ ହେଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ଏକ ଗୌରବମୟ ଭୂମିକା ଥିବା ଉତ୍କଳ ସମ୍ମିଳନୀ ଚାହୁଁଥିଲା ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ। ସ୍ୱତନ୍ତ୍ର ରାଜ୍ୟ ଗଠନ ପରେ ରାଜ୍ୟର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଦାୟିତ୍ୱ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ରହିଲା। ରାଜ୍ୟ ଗଠନ ପରେ ଉତ୍କଳ ସମ୍ମିଳନୀ କାମ କଲା ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କଳାର ଅଭିବୃଦ୍ଧି, ପ୍ରସାର ଓ ରାଜ୍ୟ ସୀମାର ସୁରକ୍ଷା ତଥା ଓଡ଼ିଆମାନଙ୍କର ଓଡ଼ିଶା ଭିତରେ ଓ ବାହାରେ ସାମାଜିକ ସୁରକ୍ଷା ପାଇଁ। ୧୯୩୬ ମସିହା ପରେ ଉତ୍କଳ ସମ୍ମିଳନୀର ଗୁରୁତ୍ୱ କମିଯାଇଥିଲେ ମଧ୍ୟ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ବିଶ୍ୱନାଥ ଦାସ, ରାଜେନ୍ଦ୍ର ନାରାୟଣ ସିଂହଦେଓ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ଡଃ ପ୍ରାଣକୃଷ୍ଣ ପରିଜାଙ୍କ ଭଳି ବହୁ ବରପୁତ୍ର ସମ୍ମିଳନୀର ସଭାପତି ଭାବରେ କାମ କରିଥିଲେ। ୧୯୬୯ ମସିହାରୁ ୧୯୯୮ ମସିହା ପର୍ଯ୍ୟନ୍ତ ଡଃ ରାଧାନାଥ ରଥ ଉତ୍କଳ ସମ୍ମିଳନୀର ସଭାପତି ଥିଲେ। ଡଃ ରାଧାନାଥ ରଥଙ୍କ ଦେହାନ୍ତ ପରେ ୧୯୯୮ ମସିହାରୁ ହରିଶ୍ଚନ୍ଦ୍ର ବକ୍ସିପାତ୍ର ଉତ୍କଳ ସମ୍ମିଳନୀର ସଭାପତି ଭାର ଗ୍ରହଣ କରି ଏହାକୁ ଚଳଚଞ୍ଚଳ କରିଥିଲେ। ଏହି ସମୟରୁ ଉତ୍କଳ ସମ୍ମିଳନୀରେ କାର୍ଯ୍ୟ ଆରମ୍ଭ କରିଥିଲେ ଆଜି ୧୦୦ ବର୍ଷରେ ପଦାର୍ପଣ କରୁଥିବା ବର୍ଷୀୟାନ ଗାନ୍ଧୀବାଦୀ, ସମାଜସେବୀ, ବରିଷ୍ଠ ସ୍ତମ୍ଭକାର, ଉତ୍କଳ ସମ୍ମିଳନୀର ଉପଦେଷ୍ଟା ତଥା ନିଶାନିବାରଣ ଆନ୍ଦୋଳନର ମାର୍ଗଦର୍ଶକ ପଦ୍ମ ଚରଣ ନାୟକ।

ପଦ୍ମ ଚରଣ ନାୟକ ଉତ୍କଳ ସମ୍ମିଳନୀ ଭୁବନେଶ୍ୱର ଶାଖାର ସଭାପତି ଥିଲେ ମଧ୍ୟ ସେ କାମ କରୁଥିଲେ ସମଗ୍ର ଉତ୍କଳ ସମ୍ମିଳନୀ ପାଇଁ। ସେତେବେଳେ ଉତ୍କଳ ସମ୍ମିଳନୀର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ କାମ କରୁଥାଏ ୧୯୯୭ ମସିହାରୁ ୟୁନିଟ-୨ରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଭି.ଏ.-୨୦/୩ ଠିକଣାରେ ଏକ ସରକାରୀ ଘରେ। ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ ସମିତି ବ୍ୟତୀତ ଉତ୍କଳ ସମ୍ମିଳନୀ ରାଉରକେଲା, ଗଞ୍ଜାମ ଓ କଟକ ଶାଖା ଭଳି ଅଳ୍ପ କେତୋଟି ଶାଖା ଥିଲା। ପଦବାବୁ ଉତ୍କଳ ସମ୍ମିଳନୀ କେନ୍ଦ୍ରାପଡା ଶାଖା, ପାରାଦ୍ୱୀପ ଶାଖା ଓ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ଭଳି ବହୁ ଶାଖା ଗଠନ କରାଇ ସମ୍ମିଳନୀର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ପଦ ବାବୁ ଉତ୍କଳ ସମ୍ମିଳନୀ ଭୁବନେଶ୍ୱର ଶାଖାର ସଭାପତି ଥିବା ସମୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ୧୫୦ତମ ଜୟନ୍ତୀ ପାଳନ କରିବା ସହିତ ଉତ୍କଳ ସମ୍ମିଳନୀର ଶତବାର୍ଷିକୀ ସମାରୋହ କରିବାରେ ବହୁ ସହଯୋଗ କରିଥିଲେ। ଉତ୍କଳ ସମ୍ମିଳନୀରେ ବହୁ ବିଶିଷ୍ଟ ଓଡ଼ିଆମାନଙ୍କୁ ସଦସ୍ୟତା କରାଇ ବହୁ କାମ କରୁଥିଲେ ପଦବାବୁ। ତା. ୨୫-୦୮-୨୦୦୩ ରିଖ ଦିନ ଉତ୍କଳ ସମ୍ମିଳନୀ ଭୁବନେଶ୍ୱର ଶାଖାର ସାଧାରଣ ସଭା ଓ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଭୁବନେଶ୍ୱର ସ୍ଥିତ କଟକ ରୋଡରେ ଥିବା ଯାତ୍ରୀ ନିବାସରେ। ସେହି ଦିନଠାରୁ ପଦବାବୁଙ୍କ ସ୍ଥାନରେ ଉତ୍କଳ ସମ୍ମିଳନୀ ଭୁବନେଶ୍ୱର ଶାଖାର ସଭାପତି ଭାବେ ଅଧିବକ୍ତା ଗଙ୍ଗାଧର ପାଣିଗ୍ରାହୀ ଦାୟିତ୍ୱ ନେଇଥିଲେ। ଏହା ପରେ ପଦବାବୁ ରାଜ୍ୟ ଉତ୍କଳ ସମ୍ମିଳନୀର ଉପଦେଷ୍ଟା ଭାବେ କାମ କଲେ।

ଜୟପୁର ଠାରେ ତା-୩୦-୧୧-୨୦୦୨ ରିଖ ଦିନ ଉତ୍କଳ ସମ୍ମିଳନୀର ପରିଷଦ ବୈଠକ ଓ ନିର୍ବାଚନ ହୋଇଥାଏ। ଏଥିରେ ବ୍ରହ୍ମପୁରର ବସନ୍ତ କୁମାର ପାଣିଗ୍ରାହୀ ସଭାପତି, ବାଲେଶ୍ୱରର ଇଂ ଅମରେନ୍ଦ୍ର ଦାସ ସାଧାରଣ ସମ୍ପାଦକ ଓ ପାରାଦ୍ୱୀପର ଭଗବାନ ମହାପାତ୍ର କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୩-୦୪ ଆର୍ଥୀକ ବର୍ଷରୁ ଓଡ଼ିଶା ରାଜ୍ୟ ସରକାର ଉତ୍କଳ ସମ୍ମିଳନୀ ମାଧ୍ୟମରେ ବିଚ୍ଛିନ୍ନାଞ୍ଚଳରେ ଲିପିଶିକ୍ଷା କେନ୍ଦ୍ର ଖୋଲି ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଆରମ୍ଭ କଲେ। ଉତ୍କଳ ସମ୍ମିଳନୀ ଏହି ଦାୟିତ୍ୱ ଗ୍ରହଣ କଲା ପରେ ବିଚ୍ଛିନ୍ନାଞ୍ଚଳରେ ଲିପିଶିକ୍ଷା ଚଲାଇବା ପାଇଁ ବିଭିନ୍ନ ରାଜ୍ୟର ଦାୟିତ୍ୱ ସମ୍ମିଳନୀର କର୍ମକର୍ତ୍ତାଙ୍କ ମଧ୍ୟରେ ବଣ୍ଟା ଯାଇଥିଲା। ଛତିଶଗଡ଼ ରାଜ୍ୟ ଦାୟିତ୍ୱ ଉପଦେଷ୍ଟା ପଦ୍ମଚରଣ ନାୟକଙ୍କ ଉପରେ ନ୍ୟସ୍ତ ଥିବାବେଳେ ଆନ୍ଧ୍ର ପ୍ରଦେଶ ଦାୟିତ୍ୱ ସଭାପତି ବସନ୍ତ ପାଣିଗ୍ରାହୀ, ଝାଡ଼ଖଣ୍ଡ ଦାୟିତ୍ୱ ଉପ-ସଭାପତି ଡ. ଗୁରୁ ପ୍ରସାଦ ମହାନ୍ତି ଓ ପଶ୍ଚିମବଙ୍ଗ ଦାୟିତ୍ୱ ସମ୍ପାଦକ ବିଚିତ୍ର ବଡଜେନାଙ୍କ ଉପରେ ନ୍ୟସ୍ତ ଥିଲା। ଛତିଶଗଡ଼ ରାଜ୍ୟ ଦାୟିତ୍ୱରେ ଥିବା ଉପଦେଷ୍ଟା ପଦ୍ମଚରଣ ନାୟକ ଏତେ ଉଦାର ଓ ଅନ୍ୟକୁ ଭରସା କରୁଥିଲେ ଯେ, ଛତିଶଗଡ଼ରେ ଲିପିଶିକ୍ଷା କେନ୍ଦ୍ର ଖୋଲିବା ପାଇଁ ରାଧାନାଥ ପ୍ରହରାଜ ଓ ମୋତେ ସେଠାକୁ ପଠାଇଥିଲେ। ୨୦୦୨ ମସିହାରେ ଆଜୀବନ ସଦସ୍ୟତା ଗ୍ରହଣ କରି ଅଳ୍ପ କିଛିଦିନ ପରିଚୟ ହେବା ପରେ ପଦବାବୁଙ୍କ ଆଶୀର୍ବାଦରୁ ପ୍ରଥମ ଥର ଛତିଶଗଡ଼ ଯାଇ ସେଠାରେ ସାତଦିନ ରହି ପ୍ରାୟ ୧୧୫ଟି ଲିପିଶିକ୍ଷା କେନ୍ଦ୍ର ଖୋଲିବାର ସୁଯୋଗ ମିଳିଥିଲା। ପଦବାବୁ ଉତ୍କଳ ସମ୍ମିଳନୀରେ ବହୁ କାମ କରିଛନ୍ତି। ଉତ୍କଳ ସମ୍ମିଳନୀକୁ ସରକାର ଦେଇଥିବା ଘରଟି ଗଳି ଭିତରେ ରହିଯାଉଥିବାରୁ ସମ୍ମିଳନୀକୁ ଆସୁଥିବା ଲୋକମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବାର ଲକ୍ଷ୍ୟ କରି ଏହି ଘର ମୁଖ୍ୟ ରାସ୍ତାକୁ ଆସିବା ନିହାତି ଆବଶ୍ୟକ ବୋଲି ଚିନ୍ତା କଲେ। ୨୦୦୫ ମସିହାରେ ଯେତେବେଳେ ପଦବାବୁ ଦେଖିଲେ ପୁରୁଣା ବସ୍‌ଷ୍ଟାଣ୍ଡରୁ ରାଜମହଲ ଛକକୁ ଯିବା ପାଇଁ ଥିବା ମୁଖ୍ୟ ରାସ୍ତା ପାଖରେ ଏକ ସରକାରୀ ଘର ଖାଲି ହୋଇଛି, ସେ ଜିଏ ବିଭାଗ ସହିତ ଯୋଗାଯୋଗ କରି ତା୦୩-୦୫-୨୦୦୫ ରିଖ ଦିନ ଉତ୍କଳ ସମ୍ମିଳନୀର ପୂର୍ବତନ ଠିକଣା ଭି ଏ-୨୦/୩କୁ ବଦଳାଇ ଦେଇ ସେହି ୟୁନିଟ-୨ ଅଞ୍ଚଳରେ ମୁଖ୍ୟ ରାସ୍ତା ଉପରେ ଥିବା ଭିଏ-୯/୧କୁ ନେଇ ଆସିଥିଲେ। ଆଜି ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀର ସେହି ଠିକଣା ଅଛି।



ଗତ ଡିସେମ୍ବର ୩୦ ଓ ୩୧ ଦୁଇ ଦିନ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଉତ୍ସବରେ 'ନକହିଲେ କୁଳ ଭାସିଯାଉଛି' ଶୀର୍ଷକ ପଦବାବୁଙ୍କର ଏକ ଲେଖା ବଣ୍ଟା ହେଉଥିଲା। ଏଥିରେ ରହିଥିଲା ଉତ୍କଳ ସମ୍ମିଳନୀରେ ଥିବା ଶଙ୍କଟ ସମ୍ପର୍କରେ। ଉତ୍କଳ ସମ୍ମିଳନୀରେ ବହୁ ସମୟରେ ବହୁ ଶଙ୍କଟ ଆସିଛି। ଏହି ଶଙ୍କଟ ଦୂର କରିବା ପାଇଁ ପଦବାବୁ ସବୁ ବେଳେ ଶଙ୍କଟ ମୋଚନ ଭାବରେ ଛିଡା ହୋଇଛନ୍ତି। ୨୦୦୭ ମସିହାରେ ଉତ୍କଳ ସମ୍ମିଳନୀର ସଭାପତି ଥିବା ବସନ୍ତ କୁମାର ପାଣିଗ୍ରାହୀ ସମ୍ମିଳନୀରେ ଆଜୀବନ ସଭାପତି ହେବେ ଓ ଉତ୍କଳ ସମ୍ମିଳନୀର ନିର୍ବାଚନ ବ୍ରହ୍ମପୁରରେ ହେବ ବୋଲି ଉତ୍କଳ ସମ୍ମିଳନୀର ଏକ ନୋଟିସ ସବୁ ଶାଖାକୁ ପଠା ଯାଇଥିଲା। ସେହି ନୋଟିସକୁ ବହୁ ବିରୋଧ ହେଲା। ଏପରିକି ଏହା ଅଦାଲତକୁ ମଧ୍ୟ ଯାଇଥିଲା। ସେହି ସମୟରେ ଉତ୍କଳ ସମ୍ମିଳନୀର ଆଉ ଏକ ଅଧିବେଶନ ଓ ନିର୍ବାଚନ ଭୁବନେଶ୍ୱରରେ ହେବ ବୋଲି ସ୍ଥିର ହୋଇଥିଲା। ଉତ୍କଳ ସମ୍ମିଳନୀ ଭାଗ ଭାଗ ହେବାରୁ ରକ୍ଷା କରିବା ପାଇଁ ଉପଦେଷ୍ଟା ପଦ୍ମ ଚରଣ ନାୟକ ପୂର୍ବତନ ବିଧାୟକ ତଥା ମୁଖ୍ୟ ସଚେତକ ଅଜୟ ଜେନା ଓ କଂଗ୍ରେସର ପ୍ରବକ୍ତା କୈଳାସ ଆଚାର୍ଯ୍ୟଙ୍କୁ ଧରି ବ୍ରହ୍ମପୁର ଯାଇ ବସନ୍ତ ପାଣିଗ୍ରାହୀଙ୍କ ସହିତ ସାକ୍ଷାତ ଆଲୋଚନା କରି ଆଜୀବନ ସଭାପତି, ବ୍ରହ୍ମପୁର ଓ ଭୁବନେଶ୍ୱରରେ ହେବାକୁ ଥିବା ଉତ୍କଳ ସମ୍ମିଳନୀର ଅଧିବେଶନକୁ ବାତିଲ କରିବା ପାଇଁ ସଭାପତି ବସନ୍ତ ପାଣିଗ୍ରାହୀଙ୍କ ଠାରୁ ଲେଖାଇ ଆଣିଥିଲେ। ଏହା ପରେ ଭୁବନେଶ୍ୱରରେ ୨୦୦୮ ମସିହାରେ ଉତ୍କଳ ସମ୍ମିଳନୀର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନକୁ ସଭାପତି ବସନ୍ତ କୁମାର ପାଣିଗ୍ରାହୀ ଆସିନଥିଲେ। ୨୦୦୮ ଉତ୍କଳ ସମ୍ମିଳନୀ ନିର୍ବାଚନରେ ରାଉରକେଲାର ଡ. ଭାବଗ୍ରାହୀ ମହାପାତ୍ର ସଭାପତି, ରାଧାନାଥ ପ୍ରହରାଜ ସାଧାରଣ ସମ୍ପାଦକ ଓ ଦିଲ୍ଲୀପ ଦାଶଶର୍ମା କୋଷାଧକ୍ଷ ଭାବେ ନିର୍ବାଚିତ ହେଲେ। ଏହି ନିର୍ବାଚନର ବହୁ ପୂର୍ବରୁ ପଦବାବୁ ଜାଣି ପାରିଥିଲେ ଯେ, ଭୁବନେଶ୍ୱରରେ ନିର୍ବାଚନ ହେଲେ ସଭାପତି ଥିବା ବସନ୍ତ କୁମାର ପାଣିଗ୍ରାହୀ ଆସିବେ ନାହିଁ। ତେଣୁ ତାଙ୍କ ସ୍ଥାନରେ ଉତ୍କଳ ସମ୍ମିଳନୀର ମର୍ଯ୍ୟାଦା କ୍ଷୁର୍ଣ୍ଣ ନହେବା ଭଳି କିଏ ସଭାପତି ହୋଇପାରିବେ ଓ ନିର୍ବାଚନ କିପରି ଠିକ୍ ଭାବରେ ହୋଇପାରିବ, ଏ ବିଷୟ ଚିନ୍ତା କରିବା ସହିତ ସେ ବହୁ ପରିଶ୍ରମ କରିଥିଲେ। ୨୦୦୮ ନିର୍ବାଚନ ପୂର୍ବରୁ ବହୁ ଚିନ୍ତା କରିବା ସହିତ ନିଷ୍ପତି ନେବା ପରେ ଦିନେ କହିଲେ ଦିଲ୍ଲୀପ ଆଜି କଟକ ଯିବା। ପଦବାବୁଙ୍କ ସହିତ ରାଧାନାଥ ପ୍ରହରାଜ ଓ ମୁଁ କଟକ ଯାଇ ତ୍ରିଲୋଚନ କାନୁନଗୋଙ୍କ ସହିତ ସାକ୍ଷାତ କରି ଆଗାମୀ ନିର୍ବାଚନରେ ଉତ୍କଳ ସମ୍ମିଳନୀର ସଭାପତି ଭାବେ ଦାୟିତ୍ୱ ନେବାକୁ ଅନୁରୋଧ କରିଥିଲୁ। ସେ ପଦବାବୁଙ୍କ କଥା ଟାଳି ପାରି ନଥିଲେ। ଉତ୍କଳ ସମ୍ମିଳନୀର ନିର୍ବାଚନ ପ୍ରତ୍ୟେକ୍ଷ ନୁହେଁ, ପରୋକ୍ଷ ନିର୍ବାଚନ। ସମ୍ମିଳନୀରେ କେନ୍ଦ୍ରୀୟ ନିର୍ବାଚନ ଲଢିବାକୁ ହେଲେ ପ୍ରଥମେ ଏକ ଶାଖାରୁ ପରିଷଦ ସଦସ୍ୟ ଭାବେ କେନ୍ଦ୍ରକୁ ନାମ ଆସିବ ଓ ଯେଉଁମାନଙ୍କର ନାମ ଆସିଥିବ ସେହିମାନେ କେବଳ ନିର୍ବାଚନରେ ଅଂଶଗ୍ରହଣ କରିବା ସହିତ ଭୋଟ ଦେଇ ପାରିବେ। ସେତେବେଳେ ଆଶଙ୍କା ଥିଲା ଓ ଜଣା ଯାଇଥିଲେ ଯେ, କଟକରୁ ଡ. ଗୁରୁ ପ୍ରସାଦ ମହାନ୍ତି ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ହେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଏଣୁ ସେ କଟକ ଶାଖାର ସଭାପତି ଥିବାରୁ ସେହି ଶାଖାରୁ କାଳେ ତ୍ରିଲୋଚନ କାନୁନଗୋଙ୍କ ନାମ ପରିଷଦ ସଦସ୍ୟ ଭାବେ ପଠାଇବେ ନାହିଁ, ତ୍ରିଲୋଚନ କାନୁନଗୋଙ୍କ ନାମ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାରୁ ପରିଷଦ ସଦସ୍ୟ ଭାବେ ପଠାଯାଇଥିଲା। କିନ୍ତୁ ନିର୍ବାଚନ ପୂର୍ବରୁ ତ୍ରିଲୋଚନ କାନୁନଗୋ ପୁଣି ସକ୍ରିୟ ରାଜନିତୀକୁ ଫେରିଥିବାରୁ ସେ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ଉତ୍କଳ ସମ୍ମିଳନୀର ସାଧାରଣ ଅଧିବେଶନ, ପରିଷଦ ବୈଠକ ଓ ନିର୍ବାଚନକୁ ଆସିଲେ ନାହିଁ। ତ୍ରିଲୋଚନ କାନୁନଗୋ ନିର୍ବାଚନ ସଭାକୁ ନଆସିବାରୁ ସମସ୍ତଙ୍କ ମନରେ ପ୍ରଶ୍ନ ଆସୁଥିଲା ବସନ୍ତ କୁମାର ପାଣିଗ୍ରାହୀଙ୍କ ପରେ ଉତ୍କଳ ସମ୍ମିଳନୀର ସଭାପତି କିଏ ହେବେ? ପ୍ରଥମ ଦିନ ସାଧାରଣ ସଭାରେ ଉତ୍କଳ ସମ୍ମିଳନୀର ପରବର୍ତ୍ତୀ ସଭାପତି ପଦ ପାଇଁ ପ୍ରାୟ ସମସ୍ତଙ୍କ ମନରେ ପଦ୍ମଚରଣ ନାୟକଙ୍କ ନାମ ଥିଲା। ଦ୍ୱିତୀୟ ଦିନ ପରିଷଦ ବୈଠକ ଓ ସମ୍ମିଳନୀର ନିର୍ବାଚନ ପୂର୍ବରୁ ପଦ୍ମଚରଣ ନାୟକଙ୍କୁ ଅନୁରୋଧ କରାଗଲା ସଭାପତି ନିର୍ବାଚନରେ ଅଂଶଗ୍ରହଣ କରିବା ପାଇଁ। ପଦବାବୁଙ୍କର ଗୋଟିଏ ଜିଦ୍ ସେ ସହମତି ଓ ସର୍ବସମ୍ମତି ଭିତିରେ ସଭାପତି ହୋଇ ପାରିବେ କିନ୍ତୁ ସଭାପତି ପାଇଁ ନିର୍ବାଚନ ଲଢିବେ ନାହିଁ। ଅନ୍ୟପକ୍ଷରେ କଟକର ଗୁରୁ ପ୍ରସାଦ ମହାନ୍ତି ସଭାପତି ପାଇଁ ନିର୍ବାଚନ ଲଢିବା ପାଇଁ ପ୍ରସ୍ତୁତ ହୋଇ ସର୍ବସମ୍ମତି ପ୍ରସ୍ତବକୁ ଗ୍ରହଣ ନକରି ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଗୁରୁ ମହାନ୍ତି ନାମାଙ୍କନ ପତ୍ର ପ୍ରତ୍ୟାହାର ନକରିବାରୁ ପଦବାବୁ ନିର୍ବାଚନରେ ଭାଗ ନେଲେନାହିଁ। ଏଣୁ ଏହି ନିର୍ବାଚନରେ କଟକର ଡ. ଗୁରୁ ପ୍ରସାଦ ମହାନ୍ତି ଓ ରାଉରକେଲାର ଡ. ଭାବଗ୍ରାହୀ ମହାପାତ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ଓ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଭାବେ ନିର୍ବାଚିତ ହୋଇଥିଲେ ଡ. ଭାବଗ୍ରାହୀ ମହାପାତ୍ର। ଏହି ନିର୍ବାଚନ ପରେ ମଧ୍ୟ ଉତ୍କଳ ସମ୍ମିଳନୀର ଶଙ୍କଟ ଦୂର ହୋଇନଥିଲା। ଉତ୍କଳ ସମ୍ମିଳନୀରେ ବିଶୃଙ୍ଖଳା ଦେଖାଦେଇଥିଲା। ୨୦୧୦ ମସିହା ବେଳକୁ ଏହି ବିଶୃଙ୍ଖଳା ଚରମସୀମାରେ ପହଞ୍ଚିଥିଲା। ଏହି ବିଶୃଙ୍ଖଳାକୁ ବନ୍ଦ କରି ଉତ୍କଳ ସମ୍ମିଳନୀର ଏକତ୍ରି କରଣ ପାଇଁ ପଦବାବୁଙ୍କ ନେତୃତ୍ୱରେ ଆବାହକ ଭାବେ ପଦ୍ମଚରଣ ନାୟକ, ସାତକଡି ହୋତା, ଜଗଦୀଶ ବକ୍ସିପାତ୍ର, ଗୁରୁ ପ୍ରସାଦ ମହାନ୍ତି, ବାଲେଶ୍ୱରର ବ୍ରଜନାଥ ରଥ, କଟକର ଅନ୍ନଦା ପ୍ରସାଦ ରାୟ, ତ୍ରିଲୋଚନ କାନୁନଗୋ ଓ ଶରତ କୁମାର କର ପ୍ରମୁଖ ଭୁବନେଶ୍ୱରର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଉତ୍କଳ ସମ୍ମିଳନୀର ଏକ ସ୍ୱତନ୍ତ୍ର ସମାବେଶ ଆୟୋଜନ କରିଥିଲେ। ଏଥିରେ ସାରା ରାଜ୍ୟରୁ ଉତ୍କଳ ସମ୍ମିଳନୀ ପ୍ରେମୀମାନେ ଯୋଗ ଦେଇଥିଲେ।

କେବଳ ଉତ୍କଳ ସମ୍ମିଳନୀକୁ ସଜାଡିବା ପାଇଁ ନୁହେଁ, ଉତ୍କଳ ସମ୍ମିଳନୀର ସମସ୍ତ କାର୍ଯ୍ୟକ୍ରମରେ ଆଜି ପର୍ଯ୍ୟନ୍ତ ପଦବାବୁ ସକ୍ରିୟ ଅଛନ୍ତି। ଉତ୍କଳ ସମ୍ମିଳନୀ, ଓଡ଼ିଆର ସ୍ୱାଭିମାନ ଓ ଓଡ଼ିଆ ଭାଷା ଆଦି ଉପରେ ଆକ୍ରମଣ ହେଲେ ପଦବାବୁ କେବେ ହେଲେ ଲଢିବାକୁ ପଛାଇ ନାହାଁନ୍ତି। ପାୱାର ହାଉସ୍ ଛକରୁ ଉତ୍କଳ ସମ୍ମିଳନୀ ସରଣୀ ଆରମ୍ଭ ହୋଇ ଡିଏଭି ସ୍କୁଲ ଦେଇ ଜାତୀୟ ରାଜପଥ ପର୍ଯ୍ୟନ୍ତ ଏହା ଲମ୍ବିଛି। ପାୱାର ହାଉସ୍ ଛକରେ ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ଶ୍ରୀରାମଚନ୍ଦ୍ର ଭଦେବଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ପଦ୍ମଚରଣ ନାୟକ, ଅଦ୍ୱୈତ ପାତ୍ର ଓ ଦିଲ୍ଲୀପ ଦାଶଶର୍ମା ସରକାରଙ୍କୁ ଆବେଦନ କରିଥିଲେ। ମାତ୍ର ସରକାର ସେଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାଏଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ନିଷ୍ପତି ନେଇ ପିଣ୍ଡି ନିର୍ମାଣ ଆରମ୍ଭ କରିଦେଲେ। ବହୁ ଆନ୍ଦୋଳନ ପରେ ସେହି ପିଣ୍ଡି ଉପରେ ନୀଳମଣି ରାଉତରାଏଙ୍କ ପ୍ରତିମୂର୍ତ୍ତି ବଦଳରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ସରକାର ବାଧ୍ୟ ହୋଇଥିଲେ। ସେହିଭଳି ଭୁବନେଶ୍ୱର ମାର୍କେଟ ବିଲ୍ଡିଂରେ ଥିବା ବହୁ ପୁରାତନ ବହି ଦୋକାନଟି ବନ୍ଦ ହେବା ଓ ଏହାକୁ ପାଖ ଲୁଗା ଦୋକାନ କିଣି ନେଇ ଏଥିଲେ ଲୁଗା ବିକ୍ରି କରିବା ପଦବାବୁଙ୍କୁ ଗଭୀର ଆଘାତ ଦେଇଥିଲା। ସେଥିପାଇଁ ସେ 'ଗ୍ରନ୍ଥାଳୟର ଅପମୃତ୍ୟୁ' ଶୀର୍ଷକ ଏକ ସ୍ତମ୍ଭ ଲେଖିବା ସହିତ ପୁସ୍ତକମେଳାରେ ଏକ ଆଲୋଚନାଚକ୍ର କରିଥିଲେ। ପଦବାବୁ ବହୁ ପୁସ୍ତକ ଲେଖିଛନ୍ତି ଓ ଅନୁବାଦ ମଧ୍ୟ କରିଛନ୍ତି। 'ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଦୃଷ୍ଟିରେ ମଧୁସୂଦନ ଦାସ' ଇଂରାଜୀ ପୁସ୍ତକକୁ ସଂକଳନ କରିଥିଲେ ଶୈଳବାଳା ଦାସ, ଏହାକୁ ପଦବାବୁ ଅନୁବାଦ କରି ଏହାର ନାମ ରଖିଛନ୍ତି 'ଚିରବନ୍ଦନୀୟ'। ଏହି ପୁସ୍ତକକୁ ଉତ୍କଳ ସମ୍ମିଳନୀ ପ୍ରକାଶ କରିଥିଲା। ସବୁ ବିଧାୟକମାନେ ମଧୁବାବୁଙ୍କ ବିଷୟରେ ଜାଣିବା ଉଚିତ ଭାବି ପଦବାବୁ ତତ୍କାଳୀନ ବାଚସ୍ପତିଙ୍କ ସହିତ ଆଲୋଚନା କରି ୧୫୦ଖଣ୍ଡ ଚିର ବନ୍ଦନୀୟ ପୁସ୍ତକ ଓ ୧୫୦ଟି ମଧୁବାବୁଙ୍କ ଫଟୋ ବିଧାନ ସଭାକୁ ପ୍ରଦାନ କରିଥିଲେ। ଏବେ ବି ପଦବାବୁ ଉତ୍କଳ ସମ୍ମିଳନୀର ଉପଦେଷ୍ଟା ଅଛନ୍ତି ଓ ଉପଦେଶ ଦେଇ ଚାଲିଛନ୍ତି। ଏବେ ରାଜ୍ୟରେ ମଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି। ୨୦୦୯ ମସିହାରେ ପଦବାବୁଙ୍କର ରାଜ୍ୟସ୍ତରୀୟ ୮୪ତମ ଜନ୍ମଦିନ ପାଳନ କରିଥିଲୁ। ଏଥିରେ ଇଂରାଜୀ ଖବରକାଗଜ ପାଇଓନିଅରର ମୁଖ୍ୟ ସମ୍ପାଦକ ତଥା ରାଜ୍ୟସଭା ସଦସ୍ୟ ଚନ୍ଦନ ମିତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ସାତକଡି ହୋତା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ୮୪ତମ ଜନ୍ମଦିନରେ ଅଭିନନ୍ଦନ ସମିତିର କୋଷାଧକ୍ଷ ଓ ଆଜି ୧୦୦ ତମ ଜନ୍ମଦିନ ସମିତିର ଆବାହକ ହେବାର ସୌଭାଗ୍ୟ ମୋତେ ମିଳିଥିବାରୁ ବହୁ ଆନନ୍ଦିତ। ପଦବାବୁ ୧୦୦ ବର୍ଷରେ ଯେଉଁ ଭଳି ସକ୍ରିୟ ଅଛନ୍ତି ଆହୁରି ଅଧିକ ବର୍ଷ ଏହି ଭଳି ସକ୍ରିୟ ରହିଲେ ଆହୁରି ଅଧିକ ଆନନ୍ଦ ହେବ।



ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପର ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ସଂଗଠନ କଳିଙ୍ଗ ମହିଳା ଶକ୍ତି ସଂଗଠନ ପକ୍ଷରୁ ବନ୍ଦର ନଗରୀ ପାରାଦୀପର ବିଭିନ୍ନ ସ୍ଥାନରେ ଗରିବ ପରିବାରର ପୁରୁଷ ଓ ମହିଳା ମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି । କଳିଙ୍ଗ ମହିଳା ଶକ୍ତିର ସଭାନେତ୍ରୀ ମନୋରମା ଖଟୁଆଙ୍କ ନେତୃତ୍ୱରେ ସଂଗଠନର ସଦସ୍ୟା ମାନେ ଜଗନ୍ନାଥ ମନ୍ଦିରର ପୂଜକ, ଲେପ୍ରସୀ କଲୋନୀ ବାସିନ୍ଦା, ରାଜ୍ୟ ସ୍ୱାସ୍ଥ୍ୟ ଚିକିତ୍ସାଳୟର ସଫେଇ କର୍ମୀ ଏବଂ ରାସ୍ତା କଡର ଅସହାୟ ବ୍ୟକ୍ତି ମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ । ସୂଚନାଥାଉକି କଳିଙ୍ଗ ମହିଳା ଶକ୍ତି ସଂଗଠନ ପକ୍ଷରୁ ନିୟମିତ ଅନ୍ତରରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସିଲେଇ ମେସିନ ସମେତ ଅନ୍ୟାନ୍ୟ ଉପକରଣ ଯୋଗାଇ ଦିଆଯିବା ସହ ମହିଳା ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ଏହି ସଂଗଠନ ସର୍ବଦା ସ୍ୱର ଉଠାଇଥାନ୍ତି । ସଂଗଠନର ଏପରି ମହତ କାର୍ଯ୍ୟକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି ।



# ଆଖି ବୁଜିଲା ଶିମିଳିପାଳର ପୋଷାହାତୀ 'ଭବାନୀ'



ବାରିପଦା (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ଜେନାବିଲର ହାତୀ ଶିବିରରେ ରହୁଥିବା ୬୮ବର୍ଷ ବୟସ୍କା ପୋଷାହାତୀ 'ଭବାନୀ'ର ମଙ୍ଗଳବାର ପ୍ରତ୍ୟୁଷରେ ୬ଟା ୮ ମିନିଟ୍ ରେ ମୃତ୍ୟୁ ଘଟିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ । 'ଭବାନୀ' ଶିମିଳିପାଳର ପୋଷା ମାଈହାତୀ ହୋଇଥିବା ବେଳେ ୨୦୦୧ ନଭେମ୍ବରରେ କର୍ଣ୍ଣାଟକରୁ ଶିମିଳିପାଳ ଅଭୟାରଣ୍ୟକୁ ଅଣାଯାଇଥିଲା ଏବଂ ପ୍ରଥମେ ତାକୁ ଅନ୍ୟ ପୋଷାହାତୀ ସହିତ ଗୁଡଗୁଡିଆ ହାତୀ ଶିବିରରେ ରଖାଯାଇ ଆଖପାଖ ତାଲିମ ଦିଆଯାଇଥିଲା । ସେବେଠାରୁ ଶିମିଳିପାଳରେ କାଠ ମାଫିଆ ଓ ବନ୍ୟଜନ୍ତୁ ଶିକାରୀଙ୍କୁ ଧରିବାରେ ବନ ବିଭାଗକୁ ସହାୟତା କରୁଥିଲା । ଶିମିଳିପାଳର ଅଞ୍ଚଳକୁ ହାତୀ ପଲ ପଶି ଆସିଲେ ସେମାନଙ୍କ ଘଉଡାଇବା ନିମନ୍ତେ ତାକୁ ବ୍ୟବହାର କରାଯାଉଥିଲା । ଏଥିସହ ବାଘ ଟ୍ରାକିଂ ତଥା ଘଞ୍ଚ ଜଙ୍ଗଲକୁ ବନ କର୍ମଚାରୀ ଯିବା ନିମନ୍ତେ ମଧ ତାହା ଦ୍ୱାର ସହାୟତା ନିଆଯାଉଥିଲା । ଶିମିଳିପାଳର ସମସ୍ତ ବନ କର୍ମଚାରୀଙ୍କ ସେ ମନ ଜିଣିଥିଲା । ଭବାନୀ ଔରସରୁ ୨୦୦୨ ଅକ୍ଟୋବର ୨୦ରେ 'ରାଜକୁମାର' ପୁରୁଷ ହାତୀ ଓ ୨୦୦୮ ଡିସେମ୍ବର ୧୪ ତାରିଖରେ 'ଶିବାନୀ' ମାଈହାତୀ ଜନ୍ମ ଗ୍ରହଣ କରିଛି । ଭବାନୀର ବୟସ ୬୦ବର୍ଷ ଅତିକ୍ରମ କରିବା ପରେ ତାକୁ ୨୦୧୮ରେ ର ବନ ସେବା କାର୍ଯ୍ୟରୁ ଅବସର ଦିଆଯାଇଥିଲା । ଶିମିଳିପାଳ ଅଭୟାରଣ୍ୟର ର ସୁରକ୍ଷା ସକାଶେ ତିନୋଟି ପୋଷା ହାତୀ କର୍ଣ୍ଣାଟକର ରାଜୀବ ଗାନ୍ଧୀ ଜାତୀୟ ଉଦ୍ୟାନର ହାମସୁର ବନ୍ୟପ୍ରାଣୀ ଡିଭିଜନର ହାବଲା ହସ୍ତୀ ପ୍ରକଳ୍ପ ଶିବିରରୁ ୨୦୦୧ ନଭେମ୍ବର ୨୪ରେ ତିନୋଟି ଟ୍ରକରେ ବାହାରି ୨୦୦୧ ଡିସେମ୍ବର ୧ ତାରିଖ ସନ୍ଧ୍ୟାରେ ଶିମିଳିପାଳ ଯଶିପୁରରେ ପହଞ୍ଚିଥିଲା । କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ କର୍ଣ୍ଣାଟକରୁ ଆସିଥିବା ଏହି ଏହି ତିନୋଟି ପୋଷା କୁଙ୍କିହାତୀଙ୍କ ମଧ୍ୟରୁ 'ମହେନ୍ଦ୍ର' (ପୁରୁଷ ଦନ୍ତାହାତୀ) ଏବଂ 'ଶୋଭା' ଓ 'ଭବାନୀ' (ଦୁଇଟି ମାଈ ହାତୀ)ଙ୍କୁ ଅଣାଯାଇ ଶିମିଳିପାଳରେ ରଖାଯାଇଥିଲା । ସେବେଠାରୁ ଶିମିଳିପାଳରେ ପ୍ରଶିକ୍ଷଣ ଦିଆଯିବା ସହ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ଓ ତନ୍ମଧ୍ୟରୁ ସ୍ୱତନ୍ତ୍ର ତାଲିମପ୍ରାପ୍ତ ପୋଷାହାତୀ 'ଶୋଭା'ର ଶିମିଳିପାଳ ଜେନାବିଲ ରେଞ୍ଜରେ ୨୦୨୨ ଡିସେମ୍ବରରେ ମୃତ୍ୟୁ ଘଟିଥିଲା ଏବଂ ପୋଷା ଦନ୍ତାହାତୀ 'ମହେନ୍ଦ୍ର'ର କିଛିଦିନ ପୂର୍ବରୁ ଗତ ଜାନୁଆରୀ ୧୨ ତାରିଖରେ ମୃତ୍ୟୁ ଘଟିଥିଲା ।

## ମାପ ଓଜନରେ ଠକେଇ, ଜରିମାନା ଆଦାୟ

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡା ମାପ ଓଜନ ବିଭାଗ ଚଢଉ କରି କେତେକ ବ୍ୟବସାୟୀଙ୍କ ଠାରୁ ଜରିମାନା ଆଦାୟ କରିବାରେ ସଫଳ ହୋଇଛି । ଜୁଏଲାରୀ ଦୋକାନରେ ମାପ ଓଜନ ବିଭାଗ ଚଢଉ କରି ଜାଣିବାକୁ ପାଇଲେ ବଟକରା ରିନ୍ୟୁ ନକରି ସୁନା ବିକ୍ରି କରୁଥିଲେ । ସେହିପରି ତିନୋଟି ତେଜରାତି ଦୋକନରେ ଚଢଉ କରାଯାଇଥିବା ବେଳେ କାଜୁ ଓ ମିକ୍ସଚରରେ କୌଣସି ଏକ୍ସପାରୀ ତାରିଖ ଲୋଖାଯାଇନଥିବା ଅଧିକାରୀ ଜାଣିପାରି ତାଙ୍କ ଉପରେ ୮ହଜାର ଟଙ୍କା ଜରିମାନା କରିଛନ୍ତି । ମାପ ଓଜନ ବିଭାଗର ଅକ୍ଷୟ ଭୋଇ ଓ ନିମାପଡା ଇନସ୍ପେକ୍ଟର, ନିରଂଜନ ଦାଶ, ମାନୁଆଲ ଆସିଷ୍ଟାଣ୍ଟ ସମେତ ଅନେକ ଷ୍ଟାଫ ଏହି ଚଢଉରେ ସାମିଲ ଥିଲେ ।

# ପୋଲିସ୍ ଭୟରେ ଲୁଚୁଛନ୍ତି ଅଧ୍ୟାପିକା, ବାପା ଗିରଫ

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡା ମହିଳା କଲେଜର ଅଧ୍ୟାପିକାଙ୍କ ନାମରେ ଛାତ୍ରୀ ଆଣିଛନ୍ତି ଗୁରୁତର ଅଭିଯୋଗ । ପୋଲିସ୍ ତଦନ୍ତ ଚଳାଇଥିବା ବେଳେ ଏହି ଘଟଣାରେ ସଂପୃକ୍ତ ଅଧ୍ୟାପିକାଙ୍କ ବାପାକୁ ପୋଲିସ୍ ବାନ୍ଧି କୋର୍ଟଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ବେଳେ ଅଧ୍ୟାପିକା ମଧ ପୋଲିସ୍ ଭୟରେ କେଉଁଆଡେ ପଳାଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନଯାୟୀ ନିମାପଡା ପୌରପରିଷଦ ଦେବୀମଣ୍ଡପ ସାହିର ପ୍ରସନ୍ନ ସେନାପତିଙ୍କ ଝିଅ କାଜଲ ସେନାପତି ନିମାପଡା ମହିଳା କଲେଜରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଭାବେ ପାଠ ପଢନ୍ତି । ସେହି କଲେଜର ଅଧ୍ୟାପିକା ଶୁଭସ୍ମିତା ସ୍ୱାଇଁ ଅଧ୍ୟାପିକା ଥାଇ ଛାତ୍ରୀଙ୍କୁ ଚଞ୍ଚକତା କରି କୋଣାର୍କରେ ଥିବା ଏକ ନର୍ସିଂ କଲେଜରେ ଛାତ୍ରୀଙ୍କ ଅଜାଣତରେ ଛାତ୍ରୀଙ୍କୁ ଅଡମିଶନ କରାଇ ଛାତ୍ରୀଙ୍କ ଷ୍ଟାଇପେଣ୍ଡ ଟଙ୍କା ହାତେଇ ନେଇଥିବା ଛାତ୍ରୀ ନିମାପଡା ଥାନାରେ ଅଭିଯୋଗ କରିଥିଲେ । ପୋଲିସ୍ ଥାନା କେସ୍ ନଂ- ୨୭୫/୨୪ରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ବେଳେ ଅଧ୍ୟାପିକାଙ୍କ ବାପା ଅଶୋକ କୁମାର ସ୍ୱାଇଁ ଟଙ୍କା ହଡପରେ ସଂପୃକ୍ତ ଥିବା ପୋଲିସ୍‌ର ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି । ପୋଲିସ୍ କୋଣାର୍କ ଅଂଚଳରେ ଚଢଉ କରି ଅଧ୍ୟାପିକାଙ୍କ ବାପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଜାମିନ ନାମଂଜୁର ପରେ ସଂପୃକ୍ତ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡିଛି । ଅଧ୍ୟାପିକାଙ୍କୁ ମଧ ପୋଲିସ୍ ଖୋଜୁଛି ।

# ଠାକୁର ଅଭିରାମ ପରମହଂସଙ୍କ ଜନ୍ମ ଉତ୍ସବ

କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକ୍ ଆଳିବାଡ ଗ୍ରାମପଞ୍ଚାୟତ କରମଳାଠାରେ ପ୍ରତିଷ୍ଠିତ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତି ଆନନ୍ଦ ଆଶ୍ରମରେ ୧୨୨ତମ ଜନ୍ମ ଉତ୍ସବ ଗତ ୨୭ତାରିଖ ଠାରୁ ପାଳିତ ହୋଇଥିବା ବେଳେ ୩୦ତାରିଖ ଦିନ ଉଦ୍ଯାପିତ ହେବ । ଠାକୁର ଅଭିରାମ ପରମହଂସ କରମଳା ଭୋଇପଡା ଗ୍ରାମରେ ତ୍ରିବେଣୀ ଅମାବାସ୍ୟା ଦିନ ଜନ୍ମଗ୍ରହଣ କରିଥିଲେ । ପ୍ରତିବର୍ଷ ଜନ୍ମ ଉତ୍ସବ ୪ଦିନ ଧରି ପାଳିନ କରାଯାଉଛି । ରାଜ୍ୟ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ପ୍ରତିବର୍ଷ ଜନ୍ମ ଉତ୍ସବକୁ ଆସି ଠାକୁରଙ୍କ ଆଶ୍ରମରେ ରହି ଭଜନ, କୀର୍ତ୍ତନ, ସଂଗୀତ, ଗୋଟିପଅନୃତ୍ୟ ଓ ଭିବିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପାଳନ କରିଥାଆନ୍ତି । ବର୍ତ୍ତମାନ କଣାସ ଅଞ୍ଚଳରେ ଝାଡାବାନ୍ତି ଲାଗିରହିଥିବାରୁ ଠାକୁରଙ୍କ ଆଶ୍ରମରେ ରନ୍ଧାରନ୍ଧି ନକରିବା ପାଇଁ ୧୫ଦିନ ତଳେ କଣାସ ତହସିଲଦାର ହେମାଂଶୁଶେଖର ଗିରି, ବିଡିଓ ନାରାୟଣ ସାହୁ, ଗଡିଶାଗୋଡା ଥାନା ଆଇ.ଆଇ.ସି ଦୁର୍ଗାଚରଣ ମହାପାତ୍ର ଓ ଆଶ୍ରମ ଶାନ୍ତି କମିଟି କର୍ମକର୍ତ୍ତାମାନେ ବସି ଚଳିତ ବର୍ଷ କୌଣସି ଭକ୍ତ ନ ରହିବା ୪ଦିନ ଧରି ପ୍ରସାଦ ନ ରାନ୍ଧିବା ପାଇଁ ନିଷ୍ପତି ହୋଇଥିବାରୁ ଚାଲିଥିବା ଉତ୍ସବରେ ପ୍ରସାଦ ରନ୍ଧାରନ୍ଧି ନ ହେବାରୁ ଭକ୍ତମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ବିଶେଷକରି ଗଞ୍ଜାମ, କଟକ, ଜଗତସିଂହପୁର, ଭଦ୍ରକ, ଯାଜପୁର, ବାଲେଶ୍ୱର ଜିଲ୍ଲାର ଭକ୍ତମାନେ ଆସି ୪ଦିନ ଧରି ରହୁଥିଲେ । ଆଜି ଜନ୍ମ ଉତ୍ସବ ହୋଇଥିବାରୁ ହଜାର ହଜାର ଭକ୍ତ ଆସି ଲମ୍ବା ଧାଡି ଠିଆ ହୋଇ ଠାକୁରଙ୍କୁ ଦର୍ଶନ କରିବାପରେ ମନ୍ଦିର ତରଫରୁ ଗୋଟିଏ ଗୋଟିଏ ଭକ୍ତମାନଙ୍କୁ ମିଠା ଲଡୁ ଦିଆଯାଇଥିଲା । ଭକ୍ତମାନଙ୍କ ମନରେ ଖୁସି ନଥିବା ଦେଖିବାକୁ ମିଳିଥିଲା । ଆଶ୍ରମରେ ଥିବା ସମସ୍ତ ସନ୍ୟାସୀ ଭକ୍ତମାନଙ୍କୁ ସହଯୋଗ କରୁଥିବା ଦେଖାଯାଇଥିଲା । ଗ୍ରାମ୍ୟଜଳ ଯୋଗାଣ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରମାନେ ଉପସ୍ଥିତ ରହିଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଗଡିଶାଗୋଦା ଥାନା ପୋଲିସ୍ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

## ଦୁର୍ଘଟଣାରେ ଯୁବକ ମୃତ

କଣ୍ଟାପଡ଼ା (ଭାସ୍କର ନ୍ୟୁଜ): ବାଇକ ଚଳାଉଥିବା ବେଳେ ଜଣେ ଯୁବକ ଏକ ଇଲେକ୍ଟ୍ରି ଖୁଣ୍ଟରେ ପିଟିହୋଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ମୃତକ ଜଣକ ଗୋବିନ୍ଦପୁର ଥାନା ଅଧିନସ୍ତ ବ୍ରାହ୍ମଣ ସାଇଲୋ ପଞ୍ଚାୟତ ଉରୁଜଙ୍ଗ ଗ୍ରାମର ମଦନା ଭୋଇଙ୍କ ପୁଅ ଚିନ୍ମୟୀ ଦାଶ ( ଗୁଡୁଲା ) ବୋଲି ଜଣାପଡ଼ିଛି । ତେବେ ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ କଣ୍ଟାପଡା ତହସିଲ କାର୍ଯ୍ୟାଳୟ ଆଗରେ ଶବ ରଖି କ୍ଷତି ପୁରଣ ଅଡ଼ି ବସିଥିଲେ ଗ୍ରାମବାସୀ । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ରେଡ଼କ୍ରସରୁ କଣ୍ଟାପଡା ତହସିଲ ଦାର ପ୍ରସନ କୁମାର ସାମନ୍ତରାୟ ୫ ହଜାର ଟଙ୍କା ମୃତକଙ୍କ ପରିବାରକୁ ହସ୍ତାନ୍ତର କରିଛନ୍ତି ।

# ଭୁବନ ପଞ୍ଚାୟତ ସମିତିର ସପ୍ତମ ଅଧିବେଶନ




ଭୁବନ (ଭାସ୍କର ନ୍ୟୁଜ): ଭୁବନ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ସିପ୍ରା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ନିର୍ବାଚିତ ପ୍ରତିନିଧି ମାନଙ୍କୁ ସମ୍ମାନ ଦେବା ସହ ସହମତିରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ । ସାଂସଦ ପ୍ରତିନିଧି ଭାବେ ପ୍ରେମାନନ୍ଦ ଜେନା ଯୋଗଦେଇଥିଲେ । ମାଘ ମାସ ଅଧାରୁ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଆଗାମୀ ଗ୍ରୀଷ୍ମ ଋତୁରେ ଯେଭଳି କୌଣସି ସ୍ଥାନରେ ପାନୀୟଜଳ ପାଇଁ ସମସ୍ୟା ସୃଷ୍ଟି ନହୁଏ, ସେଥିପ୍ରତି ଗୁରୁତ୍ୱ ଦେବାକୁ ସରପଞ୍ଚ, ସମିତି ସଭ୍ୟ ମାନେ ଦାବି କରିଥିଲେ । ଅଚଳ ନଳକୂପ ଗୁଡ଼ିକୁ ସ୍ଚଳ କରାଯିବ ଓ ଦୁର୍ଗମ ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ଅଧ୍ୟକ୍ଷା ଶ୍ରୀମତୀ ବରାଳ କହିଥିଲେ । ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ, ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ସୁବାସ ମାଝୀଙ୍କ ସମେତ ସମସ୍ତ ସରପଞ୍ଚ ,ସମିତି ସଭ୍ୟ ରାସନ କାର୍ଡ, ଧାନ ମଣ୍ଡି ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ବିଡ଼ିଓ ଆୟୁଶୀ ମହାପାତ୍ରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ବଡଭାଇର ଟାଙ୍ଗିଆ ଚୋଟରେ ସାନ ଭାଇ ମୃତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ତାଟିଗୁଡା ଗାଁରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ବଡ ଭାଇର ଟାଙ୍ଗିଆ ଚୋଟରେ ସାନ ଭାଇର ମୃତ୍ୟୁ ଘଟିଛି । ମୃତକ ତାଟିଗୁଡା ଗାଁର ଭୀମା ସୋଡ଼ୀ ବୋଲି ଜଣାପଡିଛି । ସୂଚନା ମୁତାବକ ତାଟିଗୁଡା ଗାଁର ଇର୍ମା ସୋଡ଼ୀଙ୍କ ମୃତ୍ୟୁ ପରେ ତାଙ୍କର ଦୁଇ ପୁଅ ବଡ ଭାଇ ମାଡା ଏବଂ ସାନ ଭାଇ ଭୀମାଙ୍କ ମଧ୍ୟରେ ଜମିଜମା ବିବାଦକୁ କେନ୍ଦ୍ର କରି ଶତ୍ରୁତା ଲାଗି ରହୁଥିଲା । ଏଥିପାଇଁ ଦୁଇ ଭାଇଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ଲାଗି ରହୁଥିଲା । ବର୍ତ୍ତମାନ ବାଦାମ ଚାଷକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ମତାନ୍ତର ହେବାରୁ ବଚସା ହୋଇଥିଲା । ଗତ ରାତିରେ ଭୀମା ନିଜ ଜମିରେ ଥିବା କୁଡିଆ ଭିତରେ ଶୋଇଥିବା ସମୟରେ ମାଡା ସେଠାରେ ପହଁଚି ଟାଙ୍ଗିଆ ସାହାଯ୍ୟରେ ଭୀମାକୁ ଆକ୍ରମଣ କରି ହତ୍ୟା କରିଥିବା ଜଣାପଡିଛି । ହତ୍ୟାକାଣ୍ଡ ପରେ ମାଡା ନିଜ ଘରେ ଯାଇ ରହିଥିଲା । ଗୋଟିଏ ଦିନ ପରେ ହତ୍ୟାକାଣ୍ଡ ସମ୍ପର୍କରେ ଘର ଲୋକ ଜାଣି ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ବଡ ଭାଇକୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି ।

## ସେମିନାର ଓ ସାଂସ୍କୃତିକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ବାରିପଦା (ଭାସ୍କର ନ୍ୟୁଜ): ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ଓଡିଶା ଝୁମର ଏକାଡେମୀ ଆନୁକୂଲ୍ୟରେ ଝୁମର ଉପରେ ଜାତୀୟ ସେମିନାର ଓ ସାଂସ୍କୃତିକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ସମ୍ପାଦକ ଆଇନଜୀବୀ ବସନ୍ତ କୁମାର ମହାନ୍ତିଙ୍କ ଆବାହନରେ ତଥା ସଭାପତି ଆଇନଜୀବୀ ଅବନୀ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଜାତୀୟ ପନ୍ତତ୍ତ୍ୱ ପ୍ରାଧିକାରଣର ଅଧ୍ୟକ୍ଷ ପ୍ରଫେସର ଡଃ କିଶୋର ବସା ଏକାଡେମୀର ଆଗାମୀ କାର୍ଯ୍ୟକ୍ରମ ଉପରେ ବହୁମୂଲ୍ୟ ପରାମର୍ଶ ଦେଇଥିଲେ । ଆଗାମୀ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡିଶା ସମେତ ଆସାମ, ପଶ୍ଚିମବଙ୍ଗ, ଝାରଖଣ୍ଡ, ଛତିଶଗଡ ଆଦି ରାଜ୍ୟରୁ ଝୁମରପ୍ରେମୀ ଓ ଝୁମର ବିଶାରଦ ଯୋଗ ଦେଇ ଝୁମର କଳାର ପ୍ରଚାର ପ୍ରସାର ସେମିନାରର ଲକ୍ଷ୍ୟ ବୋଲି ସମ୍ପାଦକଙ୍କ ସୂତ୍ରରୁ ପ୍ରକାଶ । ତତସହିତ ଝୁମର ଲେଖକ, କଳାକାର, ବାଦ୍ୟକାର, ଗୀତିକାର ମାନଙ୍କ ସମାଗମ ସହ ଝୁମର ସମ୍ପର୍କିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ଉପ ସଭାପତି ରାକେଶ ସିଂ, ଯୁଗ୍ମ ସହ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ମହାନ୍ତ, ଝୁମର ଲେଖକ ସର୍ବଶ୍ରୀ କୃପାସିନ୍ଧୁ ମହାନ୍ତ, ଗୁରୁଚରଣ ମହାନ୍ତଙ୍କ ସମେତ ମହାଦେବ ଦାସ, ସମାଜସେବୀ ଗଦାଧର ବେହେରା, ଆଇନଜୀବୀ ସୁରେନ୍ଦ୍ର ସିଂ ଓ ଝୁମର ଗବେଷକ ପ୍ରାଧ୍ୟାପକ ଗୋପବନ୍ଧୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଏସ୍ଓଏଫ୍ ପରୀକ୍ଷାରେ ଜେମ୍ସର ସଫଳତା

ଯାଜପୁର (ଭାସ୍କର ନ୍ୟୁଜ): ଯାଜପୁର ରୋଡର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଗ୍ଲୋରିୟସ ଇଂଲିଶ ମିଡିୟମ ସିନିୟର ସେକେଣ୍ଡାରୀ ସ୍କୁଲର ପିଲାମାନେ ଏସଓଏଫ୍ ତରଫରୁ ପ୍ରଚଳନ କରାଯାଇଥିବା ବିଭିନ୍ନ ଅଲିମ୍ପିଆଡ ପରୀକ୍ଷାରେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି । ଏହି ଏସଓଏଫ୍ ପରୀକ୍ଷାରେ ପ୍ରଥମ ଲେବୁଲରେ ପ୍ରାୟ ୧୦ ଜଣ ଜେନେରାଲ ନଲେଜ (ଏକ) ବିଷୟରେ ଡିଷ୍ଟିଂସନ ସହିତ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି ଏବଂ ଦ୍ୱିତୀୟ



ଲେବୁଲ ପାଇଁ ଉନ୍ନୀତ ହୋଇଛନ୍ତି । ସ୍କୁଲର ଏସଓଏଫ୍ ଦ୍ୱିତୀୟ ସୋପାନ ପରୀକ୍ଷା ଦେବା ନିମିତ୍ତ ବିଭିନ୍ନ ବିଭାଗରେ ପ୍ରାୟ ୧୦୨ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଏହା ଆଗାମୀ ଫେବୃଆରି ୯ ତାରିଖରେ ହେବାକୁ ଯାଉଅଛି । ଏସଓଏଫ୍‌ର ସମସ୍ତ ପରୀକ୍ଷା କାର୍ଯ୍ୟ ବରିଷ୍ଠ ଶିକ୍ଷକ ବିମଳ ଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ । ଏହି ସଫଳତାରେ ସ୍କୁଲର ସେକ୍ରେଟାରୀ ଡକ୍ଟର ଅଭୟ ପତି, ସଭାପତି ଆଡ଼ଭୋକେଟ ଅସ୍ମିତା ପତି, ଅଧ୍ୟକ୍ଷ ନିରଞ୍ଜନ ପାଣିଗ୍ରାହୀ ଓ ଉପାଧ୍ୟକ୍ଷ ସରୋଜ କୁମାର ସାହୁ ସନ୍ତୋଷ ପ୍ରକାଶ କରିଛନ୍ତି ।

## ଆସବାବପତ୍ର ଚୋରି କରି ଯୁବକ ଗିରଫ

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡା ଅଞ୍ଚଳରେ ଚୋରଙ୍କ ଆତଙ୍କ ବଢିଚାଲିଥିବା ବେଳେ ଜଣେ ଚୋର ଦିପିରେଣ୍ଟା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରର ଗ୍ରୀଲ କାଟି ଘର ଭିତରେ ପଶି ପାଣି ମୋଟର ସମେତ ଟ୍ରାକ୍ଟର ଅକ୍ସିଲ ଚୋରି କରି ନେଉଥିବା ବେଳେ ପରିବାର ଲୋକେ ଉଠିପଡି ଡାକ ପାକାଇଥିଲେ । ସେଠାରୁ ଚୋର କୌଶଳକ୍ରମେ ଖସି ଯାଇଥିବା ବେଳେ ଜଣେ ଚୋରକୁ ପୋଲିସ୍ ଗରଫ କରି କୋର୍ଟଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ ନିମାପଡା ପୌରପରିଷଦ ଦିପିରେଂଟା ଗ୍ରାମର ବଳରାମ ସେନାପତିଙ୍କ ପରିବାର ଘରେ ଶୋଇଥିବା ବେଳେ ଦୁଇଜଣ ଚୋର ଘରଛାତ ଗ୍ରୀଲ କାଟି ଘର ଭିତରେ ପଶି ଏକ ପାଣି ମୋଟର ପମ୍ପ, ଟ୍ରାକ୍ଟର ଆକ୍ସିଲ ଚୋରି କରି ନେଇ ଯିବା ସମୟରେ କିଛି ଶବ୍ଦ ଶୁଣି ପରିବାର ଲୋକେ ଉଠିପଡିଥିଲେ । ଚୋରମାନେ ଧମକ ଦେଇ ସେଠାରୁ ଖସି ପଳାଇଥିବା ବେଳେ ଏ ସଂପର୍କରେ ବଳରାମ ସେନାପତି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଚୋରିରେ ସଂପୃକ୍ତ ସେହି ଗ୍ରାମର ବଳରାମ ଭୋଇକୁ ଗିରଫ କରି କୋର୍ଟଚାଲାଣ କରିଛି ।

# ୧୪ ଚୋରା ବାଇକ ଜବତ, ୨ କୋର୍ଟଚାଲାଣ

ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ଼ ଥାନା ପୋଲିସକୁ ମିଳିଛି ବଡ଼ ସଫଳତା । ଗତ କିଛିଦିନ ତଳେ ବୋଲଗଡ଼ ଥାନା ରୋଲସିଂହ ଗ୍ରାମର କୁଳମଣି ପ୍ରଧାନଙ୍କ ଗ୍ଲାମେର ଚୁଡା ଛକରୁ ଚୋରି ହୋଇଥିବା ହେତୁ ସେ ବୋଲଗଡ଼ ଥାନାରେ କେଶ ନଂ୨୧/୨୫ ରେ ଏକ ଅଭିଯୋଗ କରିଥିଲେ । ଏହି ଅଭିଯୋଗକ୍ରମେ ବୋଲଗଡ଼ ପୋଲିସ ଚୋରି ବାଇକ ରାକେଟ ଧରିବାକୁ ସକ୍ରିୟ ହୋଇ କୌଣସି ସୂତ୍ରରୁ ଖବର ପାଇ କନ୍ଧମାଳ ଜିଲ୍ଲା ଗୋଛପଡା ଥାନା ବାଘ ଡୁଙ୍ଗୁରି ଗ୍ରାମର କଷ୍ଟ ନାୟକଙ୍କ ପୁଅ ସଂଜୀବନ ନାୟକ ଓରଫ ଟେନା(୨୦)କୁ ଧରିବାକୁ ସକ୍ଷମ ହୋଇଥିଲେ ଓ ତା ଠାରୁ ୭ଗୋଟି ଚୋରା ବାଇକ ଜବତ କରାଯାଇଥିଲା । ପରେ ତାକୁ ଥାନାକୁ ଆଣି ଅଧିକ ପଚାର ଉଚାର ପରେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ନେଳିଗୁଡା ଡ୍ୟାମ ଛକ କାଶୀନାଥ ନାୟକଙ୍କ ପୁଅ ପବିତ୍ର ନାୟକ(୨୮)କୁ ଧରିବାକୁ ସକ୍ଷମ ହୋଇଥିଲେ । ପବିତ୍ର ଦଶପଲ୍ଲା ନିକଟସ୍ଥ ଜଟିଆ ପାହାଡ଼ରେ ୭ଗୋଟି ବାଇକ ରଖିଥିବାର ଜଣା ପଡିଥିଲା ଓ ପୋଲିସ ଚୋରା ଗାଡି ଗୁଡିକୁ ଜବତ କରି ମୋଟ ୧୪ ଗୋଟି ଗାଡି ଜବତ କରି ଥାନା ହେପାଯତକୁ ଆଣିଥିଲା । ପୋଲିସ ଗାଡି ଗୁଡିକ ଜବତ କରି ଉପରୋକ୍ତ ୨ଜଣ ବାଇକ ଚୋରଙ୍କୁ ବୁଧବାର କୋର୍ଟଚାଲାଣ କରିଛି ।

## ରଥଯାତ୍ରା ପାଇଁ ପୁରୀରେ ପହଞ୍ଚିଲା ପ୍ରଥମ ପର୍ଯ୍ୟାୟ ରଥକାଠ

ପୁରୀ (ଭାସ୍କର ନ୍ୟୁଜ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ରଥ ନିର୍ମାଣ ପାଇଁ ମଙ୍ଗଳବାର ନୟାଗଡ଼ ବନଖଣ୍ଡ ଅନ୍ତର୍ଗତ ଦଶପଲ୍ଲା ବନାଞ୍ଚଳରୁ ୩ ଟ୍ରକ୍‌ରେ ୧୦୧ ଖଣ୍ଡ କାଠ ଆସି ପୁରୀ ପହଞ୍ଚିଛି । ସେଗୁଡ଼ିକୁ ବଡ଼ ଦାଣ୍ଡ ରଥଖଳାରେ ରଖାଯାଇଛି । ସେଥିରେ ୪୮ ଅସନ ଓ ୫୩ ଧଉରା କାଠ ରହିଛି । ପରମ୍ପରା ଅନୁଯାୟୀ ଆଗାମୀ ୨ରେ ଶ୍ରୀପଞ୍ଚମୀ ତିଥିରେ ତିନୋଟି ୧୨ ଫୁଟିଆ ଧଉରା କାଠ ପୂଜା କରାଯିବ । ଜୁନ୍ ୨୭ରେ ମହାପ୍ରଭୁଙ୍କ ଶ୍ରୀ ଗୁଣ୍ଡିଚା



ଯାତ୍ରା ହେବ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ, ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ଏବଂ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ ଅସନ, ଧଉରା ଓ ଫାଶୀ କାଠର ଆବଶ୍ୟକତା ରହିଛି । ଏହି ରଥ ନିର୍ମାଣ ପାଇଁ ୨୬୩ ବର୍ଷ ହେଲା ପାରମ୍ପରିକ ରୀତିରେ ଦଶପଲ୍ଲା ବନାଞ୍ଚଳରୁ କାଠ ଯୋଗାଣ ହେଉଛି । ଦଶପଲ୍ଲା ବନାଞ୍ଚଳର ଟାକରା ଓ ପୋଖରୀଗୋଚ୍ଛା ଜଙ୍ଗଲରୁ ୪୮ ଖଣ୍ଡ ଅସନ ଓ ୫୩ ଖଣ୍ଡ ଧଉରା କାଠ ୩ଟି ଟ୍ରକରେ ଅଣାଯାଇ ମଙ୍ଗଳବାର ଦଶପଲ୍ଲାର ଆରାଧ୍ୟ ଦେବ ଶ୍ରୀରଘୁନାଥଜୀଉ ଓ ଶ୍ରୀମହାବୀର ଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ୩ ଟ୍ରକ୍‌ରେ ୧୦୧ ଖଣ୍ଡ କାଠ ପୁରୀ ପଠାଯାଇଥିଲା । ଖୁବ୍‌ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ରଥ କାଠ ଆସି ପହଞ୍ଚିବ ବୋଲି ଅଧୀକ୍ଷକ ସୁଦର୍ଶନ ମେକାପ କହିଛନ୍ତି ।

## କୃଷ୍ଣଚନ୍ଦ୍ର ନାୟକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପ ଡକ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ବଡପଡ଼ିଆ ସ୍ଥିତ ୟୁନିୟନ ସଭାଗୃହରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ନାୟକଙ୍କର ଗତ ଜାନୁଆରୀ ୨୦ ତାରିଖ ଦିନ ପରଲୋକ ହୋଇଥିଲା । ପାରାଦୀପ ପୋର୍ଟ ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ୟୁନିୟନର କାର୍ଯ୍ୟକାରୀ ସଭାପତି ଅନନ୍ତ କୁମାର ଦାସ, କାର୍ଯ୍ୟକର୍ତ୍ତା ବ୍ରିଜେଶ ଲେଙ୍କା, ପାରାଦୀପ ଡକ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନର କାର୍ଯ୍ୟକାରୀ ସଭାପତି ଗୁଣନିଧି ଚୌଧୁରୀ, ବିବୁଧେନ୍ଦ୍ର ମହାରଣା, କୁଶଚନ୍ଦ୍ର ସୁତାର, ନିରଞ୍ଜନ ନାୟକ, ବିପ୍ଲବ ଜେନା, ଅକ୍ଷୟ ସ୍ୱାଇଁଙ୍କ ସମେତ ୟୁନିୟନର ବହୁ ଶ୍ରମିକ, କର୍ମଚାରୀ ଓ ଶୁଭେଚ୍ଛୁ ଉପସ୍ଥିତ ହୋଇ ସ୍ୱର୍ଗତ ନାୟକଙ୍କ ଫୋଟଚିତ୍ରରେ ପୁଷ୍ପ ମାଲ୍ୟ ପ୍ରଦାନ କରି ତାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ ।

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ

କେନ୍ଦୁଝର (ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରଶାସନ କେନ୍ଦୁଝର ଓ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣଙ୍କ ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟରେ ଦୁଇ ଦିନିଆ ନିଯୁକ୍ତି ମେଳା ଉଦଘାଟିତ ହୋଇଯାଇଛି । ପ୍ରଥମ ଦିନରେ ୮ ଗୋଟି ବ୍ଲକ ଯଥା କେନ୍ଦୁଝର ସଦର, ତେଲକୋଇ, ବାଂଶପାଳ, ଝୁମ୍ପୁରା, ଯୋଡ଼ା, ସାହାରପଡା ଓ ପାଟଣା ବ୍ଲକର ଆଶାୟୀ ଯୁବକ ଯୁବତୀ ମାନଙ୍କ ପାଇଁ ଏହି ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ନିଯୁକ୍ତି ମେଳାରେ ୪୦ ଗୋଟି ବେସରକାରୀ ସଂସ୍ଥା ଓ ୧୦ ଗୋଟି କାର୍ଯ୍ୟକ୍ରମ ପ୍ରଣୟନ ସଂସ୍ଥା ଯୋଗ ଦେଇଥିବା ବେଳେ ଅନ୍ୟୁନ ୨ ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତି ଆଶାୟୀ ପଞ୍ଜିକରଣ କରିଥିଲେ । ପ୍ରଥମ ଦିନରେ ୧୨୦ ଜଣ ପ୍ରାର୍ଥୀ ପ୍ରାର୍ଥୀନୀ ସିଧାସଳଖ ଚୟନ ହୋଇ ନିଯୁକ୍ତି ପତ୍ର ପ୍ରାପ୍ତ କରିଥିଲେ । ଏହି ଉଦଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କେନ୍ଦୁଝଗଡ ପୌରାଧ୍ୟକ୍ଷ ନିକୁ ସାହୁ, ଖଣି ଯାନ୍ତ୍ରିକ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ମନ୍ମଥ ମାଝୀ, ରଜାବର ରାଏ, ଜିଲ୍ଲା ନିଯୋଜନ ତଥା ଦକ୍ଷତା ବିକାଶ ଅଧିକାରୀ ଶ୍ରୀ ଗଣେଶ୍ୱର ନାୟକ ଯୋଗ ଦେଇଥିଲେ ।

# 'ଶାସ୍ତ୍ରୀୟ ଓଡ଼ିଆର ପ୍ରତ୍ନତାତ୍ତ୍ୱିକ ଉପାଦାନ' ଆଲୋଚନାଚକ୍ର



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ କେନ୍ଦ୍ରରେ 'ଶାସ୍ତ୍ରୀୟ ଓଡ଼ିଆର ପ୍ରତ୍ନତାତ୍ତ୍ୱିକ ଉପାଦାନ' ସଂପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନବକ୍ତା ଭାବରେ ଯୋଗଦାନ କରି ଜାତୀୟ ମନୁମେଣ୍ଟର ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା ଶାସ୍ତ୍ରୀୟ ଓଡ଼ିଆ ଭାଷାର ଗବେଷଣା ପାଇଁ ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ଉପରେ ଗୁରୁତ୍ୱଆରୋପ କରିଥିଲେ । ଏହାର ଦୁଇଟି ବିଭାଗ ଅଭିଲେଖ ଓ ତାଳପତ୍ର ପୋଥିକୁ ଆଧାର କରି ଅଧ୍ୟୟନ ଓ ଗବେଷଣାର ନୂତନ ଦିଗନ୍ତ ଉନ୍ମୋଚନ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଦୁଇଟି କ୍ଷେତ୍ରରେ ଗବେଷକମାନଙ୍କର ଅଭାବକୁ ଲକ୍ଷ୍ୟକରି ବିଭିନ୍ନ ବିଶ୍ୱବିଦ୍ୟାଳୟର ଭାଷା, ପ୍ରାଚୀନ ଇତିହାସ ଓ ପ୍ରତ୍ନତତ୍ତ୍ୱ ଇତ୍ୟାଦି ବିଭାଗଗୁଡ଼ିକ ସହିତ ସମନ୍ୱୟ ରକ୍ଷାକରି ଏ ଦିଗରେ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଅଭିଲେଖ ଓ ପ୍ରାଚୀନ ପୋଥିରେ ବ୍ୟବହୃତ ଓଡ଼ିଆ ଶବ୍ଦସମ୍ଭାର ସଂଗ୍ରହ କରି କାଳାନୁକ୍ରମରେ ସାହିତ୍ୟ ଗ୍ରନ୍ଥରେ ସେଗୁଡ଼ିକର ବ୍ୟବହାର ଅନୁସାରେ ପ୍ରାଚୀନତା ଓ ଐତିହ୍ୟ ପ୍ରମାଣିତ ହୋଇପାରିବ । ଆଲୋଚନାରେ ଭାଗ ନେଇ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ନିଜର ଅନୁଭୂତିରୁ ପୋଥି ସଂପାଦନା ବିଷୟରେ କେତେକ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଥିଲେ । ଆଲୋଚନାରେ ସଭାପତିତ୍ୱ କରି ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଶାସ୍ତ୍ରୀୟ ଗବେଷଣାକୁ କେବଳ ପ୍ରସାରମୁଖୀ ନକରି ଗଭୀରତା ପ୍ରତି ଧ୍ୟାନ ଦେବା ପାଇଁ ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭରୁ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ ଓ ସଫଳତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ମାଙ୍ଗଳିକ ଗାନ କରିଥିଲେ ଡ. ଅମ୍ବରୀଶ ଶତପଥୀ, କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଡ. ମନସା ଶ୍ରୀଚନ୍ଦନ ଓ ମିତାଲିମଧୁସ୍ମିତା ମହାନ୍ତି । ଏହି କାର୍ଯ୍ୟକ୍ରମରେ ଡ. ଅନାମ ବେହେରା, ଡ. ମୃଦୁଳା ମିଶ୍ର, ନିର୍ମଳ ଚନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ପାଣି, ସୁରେନ୍ଦ୍ର ପାଣିଗ୍ରାହୀ, ସ୍ନିଗ୍ଧା ଶୁଭଦର୍ଶିନୀ, ଲିଜାରାଣୀ ପରିଡ଼ା, ଅରୁଣ କୁମାର ନାୟକ, ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇ, ଡ. ହିମାଦ୍ରୀତନୟା ମିଶ୍ର, ରୂପଶ୍ରୀ ଧର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଶିକ୍ଷା ବିଭାଗ ନିୟମକୁ ଡିଏମ୍ ପବ୍ଲିକ ସ୍କୁଲର ଫୁଁ'



ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଦୀର୍ଘଦିନ ଧରି ଡି.ଏମ୍ ପବ୍ଲିକ୍ ସ୍କୁଲ, ବସୁଆଘାଇ, ଭୁବନେଶ୍ୱରର ଅନେକ ଗୁଡିଏ ସମସ୍ୟାର ଶାନ୍ତି ଶୃଙ୍ଖଳା ଭିତ୍ତିକ ସୁସମାଧାନ କରିବା ନିମନ୍ତେ ଆଶା ପୋଷଣ କରିଥିବା ସ୍କୁଲ ଅଭିଭାବକ ସଂଘ ପରିଶେଷରେ ସରକାରଙ୍କ ଦ୍ୱାରସ୍ଥ ହୋଇଛି । ସ୍କୁଲ କର୍ତ୍ତୃପକ୍ଷ ଏବଂ ପ୍ରିନ୍ସିପାଲ, ସମସ୍ତ ସରକାରୀ ଆଇନକାନୁନ୍‌କୁ ଆଖିଠାର ମାରି ଭୁବନେଶ୍ୱର ଉପକଣ୍ଠରେ ନିଜ ମନମୁଖୀରେ ଚଳାଇଛନ୍ତି ଘରୋଇ ବିଦ୍ୟାଳୟ । ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଅଭିଭାବକ ମହଲରେ । ପୂର୍ବରୁ ମଧ ଭୁବନେଶ୍ୱର ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ ଦିଆଯାଇଥିବା ବେଳେ ଆଜି ଅଭିଭାବକ ସଂଘ ସଭାପତି ପ୍ରଦୀପ୍ତ ମିଶ୍ରଙ୍କ ନେତୃତ୍ୱରେ ସୁଦାମ ଭୋଇ, ଶରତ ସାହୁ, ଅଜିତ ଓଝା, ବିଜୟ ଗୋଛାୟତ, ସୁରେଶ ସାହୁ, ହାପି ପାତ୍ର, ଦିଲ୍ଲୀପ ସାହୁ, ରଣଧୀର ଶର୍ମା, ସନ୍ତୋଷ ପାତ୍ର, ମିନାକ୍ଷୀ ସାହୁ, ହୃଦାନନ୍ଦ ରଣବିଜୁଳି ଏବଂ ରାଜକିଶୋର କାଣ୍ଡି ପ୍ରମୁଖ ଅନେକ ଅଭିଭାବକ ପୁନର୍ବାର ଶିକ୍ଷା ସଚିବଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିବା ସହ ସମସ୍ୟାଗୁଡ଼ିକ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ତୁରନ୍ତ ଏହା ଉପରେ ଆଇନଗତ ଭାବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି ।

ଓଡ଼ିଶା ଭାସ୍କର
ODISHA BHASKAR

MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025

# ଉତ୍କର୍ଷ ଓଡ଼ିଶା














ଉଦ୍‌ଯାପିତ ହୋଇଛି ଭୁବନେଶ୍ୱର ଜନତ ମୈଦାନରେ ଆୟୋଜିତ ଉତ୍କର୍ଷ ଓଡ଼ିଶା-ମେକ୍‌ଇନ୍ ଓଡ଼ିଶା କନ୍‌କ୍ଲେଭ । ଏହି ସମ୍ମିଳନୀରେ ମୋଟ ୧୪୫ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ପାଖାପାଖି ରାଜ୍ୟରେ ୧୩ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବାର ସ୍ଥିର କରାଯାଇଛି । ଏହା ଫଳରେ ୯ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିବ । ତେବେ ଚର୍ଚ୍ଚା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ଯୋଗଦେଇ ନିବେଶକମାନଙ୍କୁ ଓଡ଼ିଶାରେ ଶିଳ୍ପସ୍ଥାପନ ପାଇଁ ଗ୍ୟାରେଣ୍ଟି ଦେବା ପରେ ନିବେଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି । ବିଭିନ୍ନ କ୍ଷେତ୍ରରେ ଏହି ପୁଞ୍ଜି ନିବେଶ ପାଇଁ ଚୁକ୍ତିନାମା କରାଯାଇଛି । ତେବେ ଏହି ଅବସରରେ ଚାଲିଥିବା ପ୍ରଦର୍ଶନୀ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ନିମନ୍ତେ ଖୋଲା ରହିବା ନେଇ ସୂଚନା ଦିଆଯାଇଛି ।



























ଓଡ଼ିଶା ଭାସ୍କର
ODISHA BHASKAR

MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025

# ଉତ୍କର୍ଷ ଓଡ଼ିଶା

































ରାଉରକେଲା (ଭାସ୍କର ନ୍ୟୁଜ): ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦନ ସହ ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣ, ସେବା, ଗୁଣବତ୍ତା, ଉତ୍ପାଦନ ବ୍ୟୟ ହ୍ରାସ ଏବଂ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରାଉରକେଲା ଇସ୍ପାତ କାରଖାନାର ୧୦ ଜଣ ଅଧିକାରୀ ସମ୍ମାନଜନକ ଜବାହାର ପୁରସ୍କାର ଲାଭ କରିଛନ୍ତି। ଇସ୍ପାତ ଷ୍ଟାଡ଼ିୟମଠାରେ ଜାନୁଆରୀ ୨୬ ତାରିଖରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଆୟୋଜିତ ଉତ୍ସବରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହି ପୁରସ୍କାର ପ୍ରଦାନ କରିଥିଲେ । ଚଳିତ ବର୍ଷର ଜବାହାର ପୁରସ୍କାର ବିଜେତାମାନେ ହେଉଛନ୍ତି ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଜିଏମ ବ୍ରିଜ କୁମାର ଦେହାରିଆ, ବୋଲାଣି ଲୌହ ଖଣିର ଜିଏମ ଇନଚାର୍ଜ ବୁଦ୍ଧଦେବ ନାୟକ, କୋକ ଓଭେନ ବିଭାଗ ର ଜି ଏମ ସୁଶୀଲ କୁମାର ସିଂହ, ଡିଆଇସି ସଚିବାଳୟର ଜିଏମ ଶ୍ରୀମନ୍ତ କୁମାର ମଲ୍ଲିକ, ଏଚ ଆର, ଏଚ ଏ, ଏବଂ ଏୟାରପୋର୍ଟ ବିଭାଗର ଜିଏମ ରାକେଶ କୁମାର ବର୍ମା, ଚିକିତ୍ସା ବିଭାଗର ଅତିରିକ୍ତ ସିଏମଓ ଡକ୍ଟର ମେଘରାୟ ମାଝୀ, ବିଦ୍ୟୁତ ବିତରଣ ବିଭାଗର ଜିଏମ ଶୁଭେନ୍ଦୁ କୁମାର ବେହେରା, ପି ପି ଏଣ୍ଡ ସି ବିଭାଗର ଜିଏମ ସିଦ୍ଧାର୍ଥ ଆଚାର୍ଯ୍ୟ, ଏସଏମଏସ - ୨ ବିଭାଗର ଜିଏମ ପ୍ରେମେନ୍ଦ୍ର ପ୍ରଣୟ, ଟ୍ରାଫିକ ଓ କଞ୍ଚାମାଲ ବିଭାଗର ଜିଏମ ସନ୍ତୋଷ କୁମାର ଭୂୟାଁ ।



# ଅଘରିଆ ସମାଜର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

କୁଚିଣ୍ଡା(ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ ଅଘରିଆ ସମାଜ,ବାମଣ୍ଡା ଆଞ୍ଚଳିକ କମିଟିର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସମ୍ବିଧାନ ପ୍ରଣେତା ଡ .ଭୀମ ରାଓ ଆମ୍ବେଦକରଙ୍କ ଫଟୋ ଚିତ୍ରର ମାଲ୍ୟାର୍ପଣ କରି ରାଜ୍ୟ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ ପରୁଆଭାଡ଼ିର କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଉତ୍ସବରେ ଆଞ୍ଚଳିକ ସଭାପତି ଭବାନୀ ଶଙ୍କର ନାୟକ ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ସାଂଗଠାନିକ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଓ ପୂର୍ବତନ ରାଜ୍ୟ ସଭାପତି ଗଙ୍ଗାଧର ନାଏକ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ସମ୍ପାଦକ ଅଶୋକ ପଟେଲ ପ୍ରାରମ୍ଭିକ ସୂଚନା ଓ



ପରୁଆଭଡ଼ି ଗୁଡ଼ି ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ ସ୍ୱାଗତ ଭାଷଣ ଦେଇଥିଲେ । ଅତିଥିଗଣ ଭାରତୀୟ ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଅଘରିଆ ସମାଜର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହା ପରେ ଆୟୋଜିତ ସମ୍ବର୍ଦ୍ଧନା ପର୍ବରେ ନବ ନିର୍ବାଚିତ ଆଞ୍ଚଳିକ ସଭାପତି ଭବାନୀ ନାୟକ, ସମ୍ପାଦକ ଅଶୋକ ପଟେଲ, ଯୁବ ସଭାପତି ନିଳାଦ୍ରି ପଟେଲ,ମହିଳା ସଭାପତି ସସ୍ମିତା ପଟେଲ, କୁସୁମୀ ମଣ୍ଡଳ ଉପ ସଭାପତି ପ୍ରଶାନ୍ତ ପଟେଲ, ବଡ଼ରମା ଗୁଡ଼ି ସଭାପତି ସରୋଜ ପଟେଲ, ଜରାବଗା ଗୁଡ଼ି ସଭାପତି ସନ୍ତୋଷ ପଟେଲ, ହାଡ଼ି ପାଲି ଗୁଡ଼ି ସଭାପତି ନେତ୍ର ଭାନୁ ନାଏକ, କୁଚିଣ୍ଡା ଗୁଡ଼ି ସଭାପତି ନନ୍ଦ ଲାଲ ପଟେଲ, ପାଲେନ ପଡ଼ା ଗୁଡ଼ିର ରୁଦ୍ର ପ୍ରତାପ ନାଏକ, ସଗରା ଗୁଡ଼ିର ଅମିୟ ପଟେଲ ସମେତ ପାଞ୍ଚଗୋଟି ମଣ୍ଡଳ ର କର୍ମକର୍ତ୍ତା ଙ୍କୁ ରାଜ୍ୟ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ଆସନ୍ତା ମାସକ ଭିତରେ ପ୍ରତ୍ୟେକ ଗୁଡ଼ିର ସଭା କରିବାକୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିଲା । ଶେଷରେ ବିଭୂତି କଲ୍ୟାଣ ପଟେଲ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଅଧିକାଂଶ ଦିନ ଉପନିୟନ୍ତ୍ରକ ବୈଧ ମାପ ଓ ବିଜ୍ଞାନକ କାର୍ଯ୍ୟାଳୟ ବନ୍ଦ

କନ୍ଧମାଳ(ଭାସ୍କର ନ୍ୟୁଜ୍): ଜିଲ୍ଲାପାଳ କୌଣସି ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଦୃଢ଼ ପଦକ୍ଷେପ ନ ନେବା ଫଳରେ ମନମୁଖୀ କାର୍ଯ୍ୟ ସହିତ ଅସଦ ଭାବରେ ଟଙ୍କା ଆଦାୟ କରୁଛନ୍ତି। ଏହା ଦେଖାଯାଉଛି ଉପନିୟନ୍ତ୍ରକ ବୈଧ ମାପ ଓ ବିଜ୍ଞାନକ କାର୍ଯ୍ୟାଳୟରେ ଦେଖାଯାଇଛି । କନ୍ଧମାଳ ଜିଲ୍ଲା ଫୁଲବାଣୀ ପୌରପରିଷଦ ସ୍ଥିତ ଉପ ନିୟନ୍ତ୍ରକ ବୈଧ ମାପ ଓ ବିଜ୍ଞାନକ କାର୍ଯ୍ୟାଳୟ ଅଧିକାଂଶ ଦିନ ବନ୍ଦ ରହିବା ସହିତ କନ୍ଧମାଳବାସୀ ଓ ଓଜନ ମାପ ବେପାରୀ ମାନଙ୍କୁ ଭାରି କଷ୍ଟକର ହୋଇପଡିଛି । ସୂଚନା ଅନୁସାରେ ଉପ ନିୟନ୍ତ୍ରକ ବୈଧ ମାପ ଓ ବିଜ୍ଞାନକ କାର୍ଯ୍ୟାଳୟ ସଦାସର୍ବଦା ବନ୍ଦ ରହିବା କାରଣରୁ କନ୍ଧମାଳ ଜିଲ୍ଲାର କୋଣ ଅନୁକୋଣରୁ ନୂଆ ମାପ ଯନ୍ତ୍ର ନିମନ୍ତେ ହେଉ ଅବା ପୁରୁଣା ମାପଯନ୍ତ୍ରକୁ ନବୀକରଣ ନିମନ୍ତେ ଆସି ଫେରି ଯାଉଥିବା ଅନେକ ସମୟରେ ଦେଖିବାକୁ ମିଳୁଛି । ଆଉ କେତେକ ସମୟରେ ଉପନିୟନ୍ତ୍ରକ ବୈଧ ମାପ ଓ ବିଜ୍ଞାନକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଯୁବିନାଲ କୋର୍ଟକୁ ଉପ ନିୟନ୍ତ୍ରକ ବୈଧ ମାପ ଓ ବିଜ୍ଞାନକ କାର୍ଯ୍ୟାଳୟ ଭାବି ବହୁତ୍ ସମୟରେ ସାର୍‌ମାନେ କୁଆଡେ ଗଲେ ଆମର ଓଜନ ମାପ ଯନ୍ତ୍ର ଦେଖାଇଥାନ୍ତୁ କହି ପ୍ରଶ୍ନ

**ବେପାରୀ ହଇରାଣ**

କରିଥିବା ମଧ୍ୟ ନଜର ଆସିଛି । ଉପନିୟନ୍ତ୍ରକ ବୈଧ ମାପ ଓ ବିଜ୍ଞାନକ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ କାର୍ଯ୍ୟାଳୟରେ ରହୁନଥିବା ଓ ସପ୍ତାହକୁ ଥରେ କିମ୍ବା ଦୁଇଥର କାର୍ଯ୍ୟାଳୟକୁ ଆସି ରେଜିଷ୍ଟରରେ ସପ୍ତାହକ ଦସ୍ତଖତ କରି ଚାଲିଯାଉଥିବାର ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଅନେକ ସମୟ କାର୍ଯ୍ୟାଳୟ ବନ୍ଦ ହୋଇ ରହୁଛି। ଯାହାକୁନେଇ ଗ୍ରାମବାସୀ ସହିତ ସହରର ସମସ୍ତ ବେପାରୀ ହଇରାଣ ହରକତ ହେଉଥିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଅନ୍ୟ ପକ୍ଷରେ ଉପନିୟନ୍ତ୍ରକ ବୈଧ ମାପର ପିଅନମାନେ ଠିକ ଭାବରେ କାର୍ଯ୍ୟ ନକରି ଅଧିକାରୀଙ୍କୁ ପକେଟରେ ଧରି ଗ୍ରାମାଞ୍ଚଳର ଓ ସହରର ବେପାରୀମାନଙ୍କ ଠାରୁ ଚଡାଦରରେ ଟଙ୍କା ରୋଜଗାର କରି ଅଧିକାରୀଙ୍କୁ ପକେଟ ଗୁଞ୍ଜରଣ କରିଥାନ୍ତି। ତେଣୁ କର୍ମଚାରୀମାନେ ଭୟ ନ କରି ମନଇଚ୍ଛା ଗୋଟିଏ ଗୋଟିଏ ନିଜସ୍ୱ ଦୋକାନ ଖୋଲି ଅଫିସ ସମୟରେ ଲୋକମାନଙ୍କୁ ସେଠାକୁ ଡାକି ନିଜର ପକେଟ୍ ଗରମ କରିଥିବାର ଦେଖାଯାଇଛି ।କିନ୍ତୁ କାର୍ଯ୍ୟାଳୟଟି ଅଫିସ ସମୟରେ ବନ୍ଦ ରହିଥିବାର ନଜିର ରହିଛି। ଅଧିକାରୀଙ୍କ ମାରଣନୀତି ଫଳରେ ଓଜନ ମାପରେ କନ୍ଧମାଳ ଜିଲ୍ଲାରେ ଗ୍ରାହକମାନେ ବେଶି ଠକାମୀର ଶିକାର ହେଉଛନ୍ତି। ମୁଖ୍ୟମନ୍ତ୍ରୀ ଓ କନ୍ଧମାଳ ଜିଲ୍ଲାପାଳ ଏଥି ପ୍ରତି ଦୃଷ୍ଟି ଦେଇ ଦୃଢ଼ ପଦକ୍ଷେପ ନେବା ପାଇଁ ଦାବି ହେଉଛି। ।

## କନ୍ୟା ସନ୍ତାନ ଦିବସ

# 'ଝିଅ ହେଲେ ସଶକ୍ତ, ଉଜ୍ଜ୍ୱଳ ହେବ ଭବିଷ୍ୟତ'

ରାୟଗଡ(ଭାସ୍କର ନ୍ୟୁଜ): ଦେଶରେ ପୁଅଙ୍କ ତୁଳନାରେ ଝିଅମାନଙ୍କ ସଂଖ୍ୟା ହ୍ରାସ ଘଟୁଛି , ଯାହା ଆଗାମୀ ଦିନରେ ଏକ ବଡ଼ ସାମାଜିକ ସମସ୍ୟା ରୂପରେ ଦେଖାଦେବ। ତେବେ ଝିଅଙ୍କ ସଂଖ୍ୟା ବୃଦ୍ଧି କରାଇବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ଏବଂ ସଚେତନତା କାର୍ଯ୍ୟକ୍ରମମାନ କରାଯାଉଛି । ଆମ ଦେଶରେ ଗତ ୨୦୦୮ ମସିହାରୁ ଜାତୀୟ କନ୍ୟା ସନ୍ତାନ ଦିବସ ଭାବେ ଜାନୁୟାରୀ ୨୪ ତାରିଖ ପାଳିତ ହୋଇ ଆସୁଛି। ଚଳିତବର୍ଷ ମଧ୍ୟ ସାରା ଦେଶରେ ପାଳିତ ହୋଇଛି ଏହି ଦିବସ। ଏହି କ୍ରମରେ ରାୟଗଡ଼ା ଜିଲ୍ଲା ରେ କନ୍ୟା ସନ୍ତାନ ସଂଖ୍ୟା କମ ଥିବା ଜଗନ୍ନାଥପୁର ଏବଂ ରାମନାଗୁଡ଼ା ବ୍ଲକ ରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ବହୁ ଆଡମ୍ବର ସହକାରେ ପାଳନ କରାଯାଇଛି । 'ଝିଅ ହେଲେ ସଶକ୍ତ , ଉଜ୍ଜ୍ୱଳ ହେବ ଭବିଷ୍ୟତ' ବାର୍ତ୍ତାକୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଛି।




ଏହି ଦିବସ ଅବସରରେ ରମନାଗୁଡା ବ୍ଲକ ଗୁଲୁମୁଣ୍ଡାସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ଆଶ୍ରମ ଓ ଗୁଣୁପୁର ବ୍ଲକ ଡ଼ମ୍ବସୋର ସ୍ଥିତ ବାଳିକା ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ହେବା ସହିତ ବକ୍ତୃତା, ନାଚ , ଚିତା ଓ ଗୀତ ପ୍ରତିଯୋଗିତା କରାଯାଇଥିଲା । ତେବେ ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ପରିବାର କଲ୍ୟାଣ ଡା ମମତା ସାହୁ ଯୋଗ ଦେଇ କହିଥିଲେ ଯେ ପୁଅ ଝିଅ ସମସ୍ତେ ସମାନ , ତେବେ କମୁଥିବା ଝିଅଙ୍କ ସଂଖ୍ୟା ହ୍ରାସ କୁ ରୋକିବା ପାଇଁ ଆମକୁ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସେହିପରି ଭାବେ ଉକ୍ତ ଦୁଇ ବ୍ଲକରେ କନ୍ୟା ସନ୍ତାନ ସଂଖ୍ୟା କମ୍ ଥିବା ଉପକେନ୍ଦ୍ର ଯେପରିକି ରାମନାଗୁଡ଼ା ର ଲିମାପଦର ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଏବଂ ଜଗନ୍ନାଥପୁର ର ରେଗେଡା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର ଜନ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥପୂର୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ, ଡ. କାଳୀଚରଣ ପଣ୍ଡା ଏବଂ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବନ ବିହାରୀ ନାୟକ, ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ. ସୌରଭ ମହାପାତ୍ର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଂଘମିତ୍ରା ମହାପାତ୍ର ଉପସ୍ଥିତ ଥିଲେ । ସହ ପ୍ରବନ୍ଧକ, ଆଇନ ବ୍ୟାପାର ଅର୍ପିତା ପ୍ରସାଦ ପତି ଯୋଗ ଦେଇ, ଭ୍ରୁଣ ହତ୍ୟା କିପରି ରୋକାଯାଇପାରିବ, ସେ ଦିଗରେ ଆଇନରେ କଣ ସବୁ ପ୍ରାବଧାନ ରହିଛି, ତା' ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତା ରେ ଭାଗ ନେଇ କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଲହୁଣୀପଡା(ଭାସ୍କର ନ୍ୟୁଜ୍): ସଡ଼କ ସୁରକ୍ଷା କୁ ନେଇ ସଚେତନତା କାର୍ଯ୍ୟକ୍ରମ ଲହୁଣୀପଡ଼ା ପୋଲିସ ଓ ରାଜା ମୁଣ୍ଡା ବୋଲବମ ସେବା ସଂଘ ମିଳିତ ଉଦ୍ୟମରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ଏଥିରେ ବଣାଇ ଟିପର ଓ ଟ୍ରକ୍ ମିଳିତ କୋର କମିଟି, ଚାଳକ ମହାସଂଘ,ଓଲ ଓଡ଼ିଶା ମେକାନିକ ମହାସଂଘ, ରାଜା ମୁଣ୍ଡା ଓ ଗୁଡିଆଲି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଆସି ସହଯୋଗ ର ହାତ ବଢ଼ାଇ ଥିଲେ। ରାଜା ମୁଣ୍ଡା ବାଇପାସ୍ ଛକ ଠାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବଲବୋମ ସେବା ସଂଘ ର ସଭାପତି ରମେଶ ଚନ୍ଦ୍ର କର କଂ ଅଧ୍ୟକ୍ଷତାରେ ହୋଇଥିବା ବେଳେ ସଙ୍ଘ ର ସମ୍ପାଦକ ପ୍ରଦ୍ୟୁତ କୁମାର ଜିତ ମଂଚ ପରିଚାଳନା କରିଥିଲେ। ଏହି ସଡ଼କ ସୁରକ୍ଷା ଉତ୍ସବ ରେ ମୂଖ୍ୟ ଅତିଥି ଭାବେ ବଣାଇ ଉପଜିଲ୍ଲାପାଳ ଅକ୍ଷୟ କୁମାର ପିଲାଇ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଏମ ଭି ଆଇ ମାନସ ପୃଷ୍ଟି, ଲହୁଣୀପଡ଼ା ଥାନା ଅଧିକାରୀ ସୁରଜ କୁମାର ଝଙ୍କାର,ଡ୍ରାଇଭର ଟ୍ରେନିଙ୍ଗ ସେଣ୍ଟର ର ପ୍ରୀନ୍ସପାଲ ଦେବାଶିଷ ମାହାନ୍ତି,ଭିପି ବିଦେଶୀ ବେହେରା, ଲହୁଣୀପଡ଼ା ତହସିଲଦାର ବାବୁଲ ପିରେଇ,ରାଜ ମୋଟର ମାଲିକ ହରେଶ ପାଲ୍ ଏବଂ ଜେଆରସି ଟ୍ରେନର ହିସାବରେ କବିତା ମଞ୍ଜରୀ ମାହାନ୍ତ ଉପସ୍ଥିତ ଥିଲେ। ଫ୍ଲାକ ମାର୍ଚ୍ଚ କରି ବା ସହିତ ମଟର ସାଇକେଲ ରାଲି କରି ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଲୋକ ? ମାନଙ୍କୁ ସଚେତନ କରାଯାଇଥିଲା। ଗିରିଧାରୀ ସାହୁ ଯମରାଜ ଓ କୁଶା ଧୋଯ ଖଡିରନ୍ ଚିତ୍ରଗୁପ୍ତ ହୋଇ ଲୋକ ମାନଙ୍କୁ ସଚେତନ କରୁଥିଲେ। ସମସ୍ତଙ୍କ ଉଦ୍ୟମ ରେ ଅମାନିଆ ଓ ବେପରୁଆ ଗାଡି ଚାଳକ ଙ୍କୁ ରାସ୍ତାରେ ଛିଡ଼ା କରି ବେପରୁଆ ଗାଡି ନ ଚଳାଇବାକୁ ଉପଦେଶ ଦେବା ସହିତ କାହାକୁ ଚକୋଲେଟ୍ ବୁଝାଉ ଥିବା ବେଳେ କହାକୁ ହେଲମେଟ ଦେଇ ତ ଆଉ କାହାକୁ କାନ ଧରି ବସଉଠ କରି ବୁଝାଉ ଥିଲେ।ଏହା ଛଡ଼ା ଟ୍ରେନର ଏକ ? ଘଣ୍ଟିଆ କ୍ଲାସ ମଧ୍ୟ କରି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇ ଥିଲେ।ଏବଂ ପିଲାମାନଙ୍କୁ ନେଇ ସଡକ ସୁରକ୍ଷା ଉପରେ ପ୍ରତିଯୋଗିତା ମଧ୍ୟ କରାଇଥିଲା। ଏବଂ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ପାନୀୟ ଜଳଯୋଗାଣ ଉପରେ ଗୁରୁତ୍ୱ

ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହ ଠାରେ ଅଷ୍ଟମ ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧକ୍ଷା ନିରୁପମା ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଜିପିଇଓ ପରମେଶ୍ୱର ନାଏକ ଗତ ବୈଠକର ବିବରଣୀ ପଠନ କରିଥିଲେ। ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଶୁ ଓ ମହିଳା ବିକାଶ, ଗ୍ରାମୀଣ ଆବାସ ଯୋଜନା, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ପାନୀୟ ଜଳ ଯୋଗାଣରେ ସମସ୍ୟାକୁ ନେଇ ସଦସ୍ୟମାନେ ସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ବିଦ୍ୟୁତ୍ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଉପାଧକ୍ଷ ସୁଖିରାମ ସାଣ୍ଡ, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସାଂସଦ ପ୍ରତିନିଧି ସନ୍ତୋଷ ଭଇଁସାଲ, ଜିଲ୍ଲାପରିଷଦ ସଦସ୍ୟା ସଂଯୁକ୍ତା ମେହେର, ସହକାରୀ ଯନ୍ତ୍ରୀ କୁଳମଣି ଭୋଇ, ସୁଶୀଲ ଗୁରୁ, ଉପେନ୍ଦ୍ର ଭୋଇ, ଉମାକାନ୍ତ ମେହେର, ଦେବାଶିଷ ସାହୁ, ଦେବକାନ୍ତ ପାଣିଗ୍ରାହୀ, ବୈଦ୍ୟନାଥ ମିଶ୍ର ପ୍ରମୁଖ ସରପଞ୍ଚ ସମିତି ସଭ୍ୟାସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଜିପିଇଓ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



# ହାଟପିଣ୍ଡି ନିର୍ମାଣରେ ଅନିୟମିତତା

## ■ କାର୍ଯ୍ୟସ୍ଥଳରେ ସୂଚନା ଫଳକ ନାହିଁ

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ବିଭିନ୍ନ ପଞ୍ଚାୟତର ସାପ୍ତାହିକ ହାଟ ଗୁଡିକରେ ବ୍ୟବସାୟୀ ବସିବା ନିମନ୍ତେ ସ୍ୱତନ୍ତ୍ର ଭାବେ ପିଣ୍ଡି ନିର୍ମାଣ ଉପରେ ପ୍ରଶାସନ ଗୁରୁତ୍ୱ ଦେଇ ଫାଇଲ ଖୋଲି କାର୍ଯ୍ୟ ଆରମ୍ଭ ହୋଇଛି । ଗ୍ରାମାଞ୍ଚଳର ବଜାର ଉନ୍ନତିକରଣ ସହ ବସିବା ଓ ଛାଉଣି କରିବା ନିମନ୍ତେ ଯୋଜନା ପ୍ରସ୍ତୁତ ହେଉଥିବାବେଳେ ପ୍ରଶାସନିକ ସ୍ତରରେ ତଦାରଖ ଅଭାବରୁ ନିମ୍ନ ମାନର କାର୍ଯ୍ୟ ହେଉଥିବା ଦେଖିବାକୁ ମିଳୁଛି। ଏଭଳି ଚିତ୍ର ଦେଖିବାକୁ ମିଳିଛି ମୁଣ୍ଡିବେଡା ପଞ୍ଚାୟତରେ । ଖବର ନେବାରେ ଜଣାଯାଇଛି ଯେ - ରାଇଘର ବ୍ଲକର ୨୬ ଗୋଟି ପଞ୍ଚାୟତ ମଧ୍ୟରୁ ଅଧିକାଂଶ ପଞ୍ଚାୟତରେ ହାଟ ପିଣ୍ଡି ସହ ଛାଉଣି ନିର୍ମାଣ କାର୍ଯ୍ୟ ଜାରୀ ରହିଛି । ତେବେ ଉକ୍ତ ହାଟ ପିଣ୍ଡି ଗୁଡ଼ିକ ସମ୍ପୂର୍ଣ୍ଣ ନୂତନ ଭାବେ ନିର୍ମାଣ ବଦଳରେ ପୁରୁଣା ପିଣ୍ଡିର କଡ କଡ଼ରେ ଥିବା ମସଲା ଭାଙ୍ଗି ନିମ୍ନମାନର ମେଟାଲ ଚିପ୍ସ ବ୍ୟବହୃତ ହେଉଅଛି ଏତଦ୍ ବ୍ୟତୀତ ମଧ୍ୟସ୍ଥଳରେ ଥିବା ମାଟି ମୋରମ



ଯେମିତିକୁ ସେମିତି ରହିଥିବା ଦେଖିବାକୁ ମିଳିଛି । ତେବେ ଖୁଲମ୍‌ଖୁଲା ସବୁ ପଞ୍ଚାୟତରେ ନିମ୍ନମାନର କାର୍ଯ୍ୟ ହେଉଥିବାବେଳେ ବ୍ଲକରେ ଅଳ୍ପ ସଂଖ୍ୟାରେ କନିଷ୍ଠ ଯନ୍ତ୍ରୀ ତା ସାଙ୍ଗକୁ ବିଭିନ୍ନ କାର୍ଯ୍ୟ ବ୍ୟସ୍ତ ରହିଥିବା ଯୋଗୁଁ ଠିକାଦାରମାନେ ମନଇଚ୍ଛା କାର୍ଯ୍ୟ ସମ୍ପାଦନ କରୁଛନ୍ତି । ତେବେ ହାଟ ପିଣ୍ଡି ନିର୍ମାଣ କାର୍ଯ୍ୟ ସ୍ଥଳରେ ସୂଚନା ଫଳକ ଉଲ୍ଲେଖି ରହୁ ନ ଥିବା ବେଳେ ଅଧିକାଂଶ ସ୍ଥାନରେ କାର୍ଯ୍ୟ ଶେଷ ପରେ ସୂଚନା ଫଳକ ଦର୍ଶାଯାଉଥିବା ଦେଖିବାକୁ ମିଳୁଛି । ତେବେ ବର୍ତ୍ତମାନ ମୁଣ୍ଡିବେଡା ପଞ୍ଚାୟତ ହାଟ ପଦା ଠାରେ କାର୍ଯ୍ୟ ଜାରୀ ରହିଥିବା ବେଳେ ସୂଚନା ଫଳକ ଦର୍ଶା ଯାଇନାହିଁ । ମୁଣ୍ଡିବେଡା ପଞ୍ଚାୟତରେ କାର୍ଯ୍ୟ ସ୍ଥଳରେ କୌଣସି ଅଧିକାରୀଙ୍କ ଦେଖା ମିଳୁ ନଥିବା ବେଳେ ବିନା ସୂଚନା ଫଳକ ସହ ସମ୍ପୂର୍ଣ୍ଣ ନିମ୍ନମାନର ମେଟାଲ ଚିପ୍ସରେ କାର୍ଯ୍ୟ ହେଉଥିବା ଜଣାପଡିଛି । ଉକ୍ତ ପଞ୍ଚାୟତ ଠାରେ ବିନା ସୂଚନା ଫଳକ ସହ ୫୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇ ସାରିଛି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ମନରେଗା ଯୋଜନା ସହ ସିଏଫସି ଭଳି ଯୋଜନା ମିଳିତରେ ଉନ୍ନୟନ କାର୍ଯ୍ୟ ନିମନ୍ତେ ଫାଇଲ ଖୋଲା ଯାଇଥିବା ବେଳେ ତାହା ସଠିକ୍ ରୂପେ ସମ୍ପାଦନ ହୋଇ ପାରୁ ନାହିଁ । ଦିନକୁ ଦିନ ଗ୍ରାମାଞ୍ଚଳ ହାଟ ବଜାର ବୃଦ୍ଧି ପାଇ ଆସୁଥିବାବେଳେ କିଭଳି ବ୍ୟବସାୟୀ ବସି ବ୍ୟବସାୟ କରିବେ କିଭଳି ଗ୍ରାମାଞ୍ଚଳ ହାଟ ସରସ ସୁନ୍ଦର ହେବ ଏହାକୁ ଗୁରୁତ୍ୱ ଦେଇ ଯୋଜନା ପ୍ରସ୍ତୁତ ହେଉଥିବା ବେଳେ ଏଠାରେ ତଦାରଖ ଅଭାବରୁ ଯୋଜନା ଫଳପ୍ରଦ ହୋଇ ପାରୁନାହିଁ । ବିଶେଷ କରି ଗ୍ରାମୀଣ ହାଟ ବଜାରମାନଙ୍କରେ ପୂର୍ବରୁ ଅନେକ ପୁରାତନ ପିଣ୍ଡି ରହି ଥିବା ଯୋଗୁଁ ସ୍ଥାନ ଅଭାବ ସହ ପରିବେଶ ସୁନ୍ଦର ଦେଖିବାକୁ ମିଳୁ ନ ଥିଲା । ଏହି ହାଟପିଣ୍ଡି ନିର୍ମାଣ ସମୟରେ ସବୁ ଦିଗ ଉପରେ ଗୁରୁତ୍ୱ ଦିଆଯାଇ କିଭଳି ନୂତନ ବଜାର ସୃଷ୍ଟି ଉପରେ ଗୁରୁତ୍ୱ ଦେଇ ଫାଇଲ ଖୋଲା ଯାଇଥିବା ବେଳେ ତାହା କିନ୍ତୁ ଯୋଜନା ସଠିକ୍ ଉପଯୋଗୀ ହେଉ ନାହିଁ । ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ

ରାୟଗଡା(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା(ଦିଶା)କମିଟି ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କମିଟିର ଅଧ୍ୟକ୍ଷ ତଥା କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ସୋମବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାୟଗଡ ବିଧାୟକ ଆପଲସ୍ୱାମୀ କାଡ୍ରାକା, ବିଧାୟକ ବିଷମ କଟକଙ୍କ ପ୍ରତିନିଧି ଶ୍ରୀ ଦୁର୍ଗା ପ୍ରସାଦ ପଣ୍ଡା, ଗୁଣୁପୁର ବିଧାୟକ, ସତ୍ୟଜୀତ ଗମାଙ୍ଗ, ଜିଲ୍ଲାପାଳ ପାରୁଲ ପଟାୱରୀ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଲାଲମୋହନ ରାଉତରାଏଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ବୈଠକରେ ପ୍ରାରମ୍ଭରେ ପୂର୍ବ ବୈଠକରେ ଆଲୋଚିତ ବିଷୟ ଉପରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ସମୀକ୍ଷା କରିଥିଲେ। ଏହାପରେ ଆଜିର ବୈଠକରେ ଆଲୋଚନା ହେବାକୁ ଥିବା କାର୍ଯ୍ୟସୂଚୀ ଅନୁଯାୟୀ ବିଶେଷ କରି ପୂର୍ବତଟ ରେଳ ବିଭାଗ ଦ୍ୱାରା କରାଯାଉଥିବା ଗୁଣୁପୁର ଥେରୁବାଲି ନୂତନ ରେଳ ଲାଇନର ଆଗ୍ରତି ଓ ବିଭିନ୍ନ ସମସ୍ୟା, ନୂତନ ରେଳ ମଣ୍ଡଳ, କୋରାପୁଟ ସିଙ୍ଗାପୁର ରେଳ ଲାଇନର ଦୋହରୀକରଣ, ରାୟଗଡ ବିଜୟନଗରମ ୩ୟ ଲାଇନ, ଟିଟିଲାଗଡ଼ ବିଶାଖାପାଟଣା ୪ର୍ଥ ଲାଇନ ନିର୍ମାଣର ଅଗ୍ରଗତି ଓ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଗୁଣୁପୁର ଥେରୁବାଲି ରେଳଲାଇନ ନିର୍ମାଣ ପାଇଁ ଆଦିମ ଜନଜାତି ବସବାସ କରୁଥିବା ୬୦ଟି ଗ୍ରାମର ୨୬୯.୫୨୧ ହେକଟର, ସରକାରୀ ଜମି ୧୩୩.୪୩୭ ହେକ୍ଟର ଏବଂ ଜଙ୍ଗଲ ଜମି ୭୦.୮୨୮ ହେକ୍ଟର ଜମି ଆବଶ୍ୟକ ହେଉଛି ବୋଲି ରେଳବାଇ କର୍ତ୍ତୃପକ୍ଷ ବୈଠକରେ ଅବଗତ କରିଥିଲେ । ସେହିପରି ରାୟଗଡାଠାରେ ରେଳମଣ୍ଡଳ ନୂତନ ଗୃହ ନିର୍ମାଣ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ଗୃହରେ ଅବଗତ କରାଇଥିଲେ । ଏହାପରେ ଜାତୀୟ ରାଜପଥର ସୁନାବେଡା ଡିଭିଜନ ତରଫରୁ ଜିଲ୍ଲାରେ ନିଆଯାଇଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟ ଗୁଡିକର ଅଗ୍ରଗତି ଓ ବିଭିନ୍ନ ସମସ୍ୟା ଉପରେ ବୈଠକରେ ଆଲୋଚନା କରିଥିଲେ । ସେହିଭଳି ଗ୍ରାମ୍ୟ ନିର୍ମାଣ ବିଭାଗ ରାୟଗଡା ଏବଂ ଗୁଣୁପୁର ତରଫରୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଓ ସ୍ଥିତି ବିଷୟରେ ଆଲୋଚନା କରାଯାଇଥିଲା । ସେହିପରି ଗୁଣୁପୁର ଗ୍ରାମ୍ୟ ନିର୍ମାଣ ବିଭାଜନରେ ୨୧୬ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା ସେଥିରୁ ୨୦୮ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୮ଟି ରେ ଅଗ୍ରଗତି ଚାଲିଛି । ରାୟଗଡା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ତରଫରୁ ବୃହତ୍ତ ସେତୁ ପ୍ରକଳ୍ପ, ବୃହତ୍ତ ସଡକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବା ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଥିଲେ ସେଥିମଧ୍ୟରୁ ସାତବଙ୍କା ନାଳଉପରେ ଭାଟପୁର ସେତୁ , ରତାକୁଆନ ନାଳ ଉପରେ




ବୃହତ୍ତମ ସେତୁ , ଥୁଆମୂଳ-ରାମପୁର-କାଶୀପୁର ରାସ୍ତା ନିର୍ମାଣ ରାୟଗଡା କେରେଡ଼ା ରାସ୍ତା ନିର୍ମାଣ ନିମନ୍ତେ ହାତକୁ ନିଆଯାଇଥିବା ପ୍ରକାଶ କରିଥିଲେ । ଝଞ୍ଜାବତୀ ନାଳଉପରେ ନିର୍ମିତ ବୃହତ୍ତର ସେତୁ କୁଡିପାରି ନାଳ ଉପରେ ନିର୍ମାଣ ହେଇଥିବା ବୃହତ୍ତର ସେତୁ , କୁଟିଙ୍ଗୁଡ଼ା ନାଳ ଉପରେ ନିର୍ମିତ ବୃହତ୍ତର ସେତୁ ନିର୍ମାଣ କାମ ସଂପୂର୍ଣ୍ଣ ହୋଇଥିବା ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଥିଲେ । ସେହିଭଳି ପିତାମହଲଠାରୁ ସିରିକଣା ବାଇପାସ ରାସ୍ତା, କାଶୀପୁର ଠାରୁ ମାଣ୍ଡିବିଶି ଦେଇ ସିକରପାଇ ରାସ୍ତା, ଟିକିରି ଠାରୁ କାଶୀପୁର ଦେଇ ଡଙ୍ଗାସିଲ ରାସ୍ତା ସଂପୂର୍ଣ୍ଣ ହୋଇଥିବା ନିର୍ବାହୀ ଯନ୍ତ୍ରୀ ବୈଠକରେ ପ୍ରକାଶ କରିଥିଲେ। ଗୁଣୁପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଗ ତରଫରୁ ୧୫ଟି ପ୍ରକଳ୍ପ ହାତକୁ ନିଆଯାଇଛି ସେଥିମଧ୍ୟରୁ ୪ଟି ପ୍ରକଳ୍ପ ସଂପୂର୍ଣ୍ଣ ହୋଇଥିବା ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଥିଲେ । ଏହି ବୈଠକରେ ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥା ତରଫରୁ ନେଇଯାଇଥିବା ବୃହତ୍ତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ କ୍ଷୁଦ୍ର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା । ସେହିପରି ବେସାମରିକ ଯୋଗାଣ ବିଭାଗ ଉପରେ ଆଲୋଚନା କରି ଚଳିତ ଖରିଫ ଧାନକିଣା ଉପରେ ଆଲୋଚନା କରାଯାଇଥିଲା । ମାନ୍ୟବର ସାଂସଦ ଚାଷୀମାନଙ୍କୁ ଧାନ କିଣାରେ ଅସୁବିଧା ନକରି ତୁରନ୍ତ ତାଙ୍କଠାରୁ ଧାନ କିଣିବାକୁ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ କହିଥିଲେ। କୋଣସି ଚାଷୀ ଯେପରି ଠକାମିର ଶିକାର ନହେବେ ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ। ଏହାପରେ ଭାରତ ସଂଚାର ନିଗମ ଲିମିଟେଡ଼ ରାୟଗଡା ଉପରେ ଆଲୋଚନା କରିଥିଲେ । ଏହି ବୈଠକରେ ଦିଶା କମିଟିର ସମସ୍ତ ସଦସ୍ୟ ସଦସ୍ୟା, ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ ।

# ସବ୍ ଇନିସ୍‌ପେକ୍ଟର କ୍ଷୀରୋଦଙ୍କୁ ମିଳିଲା ରାଜ୍ୟପାଳ ସମ୍ମାନ

ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନାରେ କାର୍ଯ୍ୟରତ ଏସ୍‌ଆଇ କ୍ଷୀରୋଦ ଚନ୍ଦ୍ର ବାଗଙ୍କ ଉତ୍ତମ କର୍ତ୍ତବ୍ୟ ନିଷ୍ଠା ଯୋଗୁଁ ୨୦୨୪ ପାଇଁ ସାଧାରଣତନ୍ତ୍ର ଦିବସ ଅବସରରେ ଓଡିଶାର ରାଜ୍ୟପାଳ ଡ଼ ହରିବାବୁ କମ୍ଭମପତିଙ୍କ ହାତରୁ ରାଜ୍ୟପାଳ ସମ୍ମାନରେ ସମ୍ମାନୀତ ହୋଇଛନ୍ତି । ଅନ୍ୟତମ ଅତିଥି ଭାବରେ ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉପସ୍ଥିତ ଥିଲେ । ଶ୍ରୀ ବାଗ ୧୯୮୬ ମସିହାରେ କନେଷ୍ଟବଳ ଭାବରେ ଓଡ଼ିଶା ପୋଲିସରେ ଯୋଗଦାନ କରିଥିଲେ । ଉପନିରୀକ୍ଷକ ପଦବୀକୁ ପଦୋନ୍ନତି ପରେ ବିଭିନ୍ନ ମାଓ ପ୍ରବଣ ଜିଲ୍ଲା ଯଥା କଳାହାଣ୍ଡି ଓ ସୁବର୍ଣ୍ଣପୁର ଜିଲ୍ଲାରେ ମାଓବାଦୀ ଗୁଇନ୍ଦା ତଥ୍ୟ ସଂଗ୍ରହ ଓ ଅପରେସନ କାର୍ଯ୍ୟ କରିଛନ୍ତି । ବର୍ତ୍ତମାନ ନୂଆପଡା ଜିଲ୍ଲାର ଖଡ଼ିଆଳ ଠାରେ ତାଙ୍କ କାର୍ଯ୍ୟରେ ସଫଳତାର ସହ କାର୍ଯ୍ୟରତ । ଶ୍ରୀ ବାଗଙ୍କର କାର୍ଯ୍ୟଦକ୍ଷତା,କର୍ମବ୍ୟନିଷ୍ଠା ଓ ସାଧୁତାର ସୀକୃତି ସ୍ୱରୂପ ଓଡ଼ିଶା ସରକାର ତାଙ୍କୁ ୨୦୨୪ ମସିହା ନିମନ୍ତେ ରାଜ୍ୟପାଳ ପଦକ ସହ ମାନପତ୍ରରେ ସମ୍ମାନିତ କରିଛନ୍ତି। ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ର ଗୌରବ ଆଣିଲେ ଶ୍ରୀ ବାଗ। ତାଙ୍କ ମିଳିଥିବା ପୁରସ୍କାର ଯୋଗୁ ଖଡ଼ିଆଳ ଥାନାରେ ଖୁସିର ଲହରୀ ଖେଳିଯାଇଥିବା ଦେଖିବାକୁ ମିଳିଛି।




# ପିସ୍ତଲ ଦେଖାଇ ଧମକ

## ଅଭିଯୁକ୍ତ ଗିରଫ, ପିସ୍ତଲ ସହ ଦୁଇ ଜୀବନ୍ତ ଗୁଳି ଜବତ

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ଥାନା ଅଧୀନସ୍ଥ ଖପ୍ରାଖୋଲ ପାଟଣାଗଡ଼ ରାସ୍ତା ମାଟିଖାଇ ଗାଁ ନିକଟ ଯାଦବ ଢ଼ାବାରେ ପିସ୍ତଲ ଦେଖାଇ ଧମକ ଦେବା ଅଭିଯୋଗରେ ଖପ୍ରାଖୋଲ ପୋଲିସ ମାଟିଖାଇଗାଁର ପବିତ୍ର ଚିରାଙ୍ଗୁଲ (୪୮) କୁ ଗିରଫ କରି କୋର୍ଟଚାଲାଣ କରିଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତ ଠାରୁ ଏକ ଦେଶୀ ପିସ୍ତଲ ସହିତ ଦୁଇଟି ଜୀବନ୍ତ ଗୁଳି ଜବତ କରିଛି । ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର ୨୪/୨୫ ରେ ଭାରତୀୟ ନ୍ୟାୟ ସଂହିତା ଧାରା ୩୦୯(୬) ଏବଂ ଆର୍ମ ଆକ୍ଟର ୨୫/୨୭ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।





ନୂଆଦିଲ୍ଲୀ: ଜାନୁଆରି ୨୬ ତାରିଖରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ପରେଡରେ ପ୍ରଦର୍ଶିତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ, ବିଭିନ୍ନ ମନ୍ତ୍ରାଳୟ ଓ ବିଭାଗର ପ୍ରଜ୍ଞାପନ ମେଢ଼ ମଧ୍ୟରୁ ଉତ୍ତରପ୍ରଦେଶର ମେଢ଼ ଶ୍ରେଷ୍ଠ ବିବେଚିତ ହୋଇଛି। ଅନ୍ୟପକ୍ଷରେ ତ୍ରିପୁରାର 'ଅନନ୍ତ ଶ୍ରଦ୍ଧା: ତ୍ରିପୁରାରେ ୧୪ ଦେବତାଙ୍କ ପୂଜା- ଖାରଚି ପୂଜା' ଶୀର୍ଷକ ପ୍ରଜ୍ଞାପନ ମେଢ଼ ଦ୍ୱିତୀୟ ଏବଂ ଆନ୍ଧ୍ରପ୍ରଦେଶର 'ଇଟିକୋପ୍ପାକା ବୋମାଲୁ- ପରିବେଶ ଅନୁକୂଳ କାଠ ଖେଳନାକୁ ତୃତୀୟ ପୁରସ୍କାର ମିଳିଛି। କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗ ମଧ୍ୟରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର 'ଜନଜାତିୟ ଗୌରବ ବର୍ଷ' ଶ୍ରେଷ୍ଠ ପୁରସ୍କାର ପାଇଛି। ସେହିପରି ଜମ୍ମୁ-କଶ୍ମୀର ରାଇଫଲ୍ସ କଣ୍ଟିଜେଣ୍ଟ ପକ୍ଷରୁ ସର୍ଭିସେସ ମଧ୍ୟରେ ଶ୍ରେଷ୍ଠ ମାର୍ଚ୍ଚିଂ କଣ୍ଟିଜେଣ୍ଟ ପୁରସ୍କାର ମିଳିଥିବା ବେଳେ ସିଏପିଏଫ୍ ଓ ଅନ୍ୟାନ୍ୟ ସହାୟକ ବାହିନୀ ମଧ୍ୟରେ ଦିଲ୍ଲୀ ପୁଲିସ ମାର୍ଚ୍ଚିଂ କଣ୍ଟିଜେଣ୍ଟ୍ ଏହି ପୁରସ୍କାର ହାସଲ କରିଛି।

## ନିର୍ବାଚନୀ ଇସ୍ତାହାର ଘୋଷଣା କଲା କଂଗ୍ରେସ



ନୂଆଦିଲ୍ଲୀ: ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ସମସ୍ତ ରାଜନୈତିକ ଦଳ ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ଏହି ପରିପ୍ରେକ୍ଷିରେ ବୁଧବାର କଂଗ୍ରେସ ତାର ଘୋଷଣା ପତ୍ର ପ୍ରକାଶ କରିଛି । କଂଗ୍ରେସ ନିଜ ଇସ୍ତାହାରରେ ମହିଳା ଓ ଯୁବକଙ୍କ ପାଇଁ ଅନେକ ପ୍ରତିଶ୍ରୁତି ଦେଇଛି । ଏହି ଇସ୍ତାହାରରେ କଂଗ୍ରେସ ଜନସାଧାରଣଙ୍କୁ ୫ଟି ଗ୍ୟାରେଣ୍ଟି ମଧ୍ୟ ଦେଇଛି, ଯେଉଁଥିରେ ପ୍ୟାରୀ ଦିଦି ଯୋଜନା, ଜୀବନ ରକ୍ଷା ଯୋଜନା, ଯୁବ ଉଡାନ ଯୋଜନା, ମୁଦ୍ରାସ୍ଫୀତି ମୁକ୍ତ ଯୋଜନା ଏବଂ ମାଗଣା ବିଦ୍ୟୁତ୍ ଯୋଜନା ଅନ୍ତର୍ଭୁକ୍ତ । ପ୍ରତି ଗରିବ ପରିବାରର ଜଣେ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା ଦିଆଯିବ ବୋଲି କଂଗ୍ରେସ କହିଛି। ସମସ୍ତଙ୍କ ପାଇଁ ୨୫ଲକ୍ଷ ପର୍ଯ୍ୟନ୍ତ ଜୀବନବୀମା । ଏହି ଯୋଜନା କର୍ଣ୍ଣାଟକରେ କାର୍ଯ୍ୟକାରୀ କରାଯାଉଛି ଯଦି ଦିଲ୍ଲୀରେ ଆମ ସରକାର ଆସେ ତେବେ ଦିଲ୍ଲୀରେ ମଧ୍ୟ ଏହି ନିୟମ ଲାଗୁ କରାଯିବ । କଂଗ୍ରେସ କହିଛି ଯେ, ସରକାର ଗଠନ କରିବାର ୬ ମାସ ମଧ୍ୟରେ ଆମେ ଏକ ଶକ୍ତିଶାଳୀ ଲୋକପାଳ ବିଲ୍ ପାସ୍ କରିବୁ । ଆମେ ଉପରାଜ୍ୟପାଳଙ୍କୁ ଏହାର ପାସକୁ ବିଳମ୍ବ କରିବା ପାଇଁ କୌଣସି ବାହାନା କରିବାକୁ ଦେବୁ ନାହିଁ, ଯାହା ଆପ୍ ଏବଂ ବିଜେପି ଉଭୟ ପାଇଁ ଅନୁକୂଳ। କଂଗ୍ରେସ ତାର ଇସ୍ତାହାରରେ ଆହୁରି କହିଛି ଯେ, ନୂତନ ଶିକ୍ଷା ନୀତି ୨୦୨୦କୁ ବଦଳାଇବା ପାଇଁ ଏକ ଦିଲ୍ଲୀ ଶିକ୍ଷା ନୀତି ପ୍ରଣୟନ କରିବ । ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଲାପଟପ୍ ଏବଂ ଟାବଲେଟ୍ ପ୍ରଦାନ କରିବେ । ୩୦୦ ୟୁନିଟ୍ ବିଦ୍ୟୁତ୍ ମାଗଣା, ନୂତନ ମିଟର ଲଗାଇବା ଚାର୍ଜ ହ୍ରାସ କରାଯିବ । ଦୋକାନଗୁଡ଼ିକରେ ପ୍ରତି କିଲୋୱାଟ୍ ପାଇଁ ୪୫୦୦ ଟଙ୍କାର ସୁରକ୍ଷା ଜମା ହ୍ରାସ କରାଯିବ। ଲାଲ ଡୋରା ଏବଂ ବିସ୍ତାରିତ ଲାଲ ଦୋରା ଅଞ୍ଚଳର ଗ୍ରାମଗୁଡ଼ିକ ପାଇଁ ଘର କର ଛାଡ଼ ଘୋଷଣା କରିବେ । ଯମୁନା ନଦୀ ସଫା କରିବା ପାଇଁ ୮୫୦୦ କୋଟି ଟଙ୍କା ଖର୍ଚ୍ଚ ହେବା ସତ୍ତ୍ୱେ, ଏହାର ପ୍ରଦୂଷଣ ନିରନ୍ତର ବୃଦ୍ଧି ପାଉଛି । ଆମେ ଏହାର ପ୍ରଦୂଷଣ ସ୍ତରକୁ ଏପରି ସ୍ତରକୁ ହ୍ରାସ କରିବୁ ଯେଉଁଠାରେ କେବଳ ଅରବିନ୍ଦ କେଜ୍ରିୱାଲ ସ୍ନାନ କରିପାରିବେ ନାହିଁ ବରଂ ଛଟ ପର୍ବ ମଧ୍ୟ ପାଳନ କରିପାରିବେ। ସେହିପରି ପ୍ରତିବର୍ଷ ଡିଟିସି ବସ୍ ସଂଖ୍ୟା ୫୦୦ ବୃଦ୍ଧି କରାଯିବ । ଅଗ୍ନିପଥ ଯୋଜନା ପ୍ରତ୍ୟାହାର କରିବା ଏବଂ ସମସ୍ତ ଅଗ୍ନିବୀରଙ୍କୁ ସ୍ଥାୟୀ କରିବା ପାଇଁ ଆମେ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବୁ। ସେହିପରି ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ ଏକ ୨୪ ଘଣ୍ଟିଆ ଔଷଧକେନ୍ଦ୍ର ଏବଂ ପ୍ରତ୍ୟେକ ୱାର୍ଡରେ ଅତି କମରେ ଗୋଟିଏ ଔଷଧକେନ୍ଦ୍ର ରହିବ । ଦିଲ୍ଲୀର ସମସ୍ତ ବାସିନ୍ଦାଙ୍କୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ବୋଲି କଂଗ୍ରେସ ପ୍ରତିଶ୍ରୁତି ଦେଇଛି।

## ଭାରତ, ଚୀନ୍ ଉପରେ ଟ୍ରମ୍ପ ଖପ୍ପା

ନୂଆଦିଲ୍ଲୀ : ଆମେରିକାର ଫ୍ଲୋରିଡା ପ୍ରଦେଶରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଟ୍ରମ୍ପ କହିଛନ୍ତି, ଭାରତ, ଚୀନ୍ ଓ ବ୍ରାଜିଲ ଭଳି ଦେଶଗୁଡ଼ିକ ଉପରେ ମୋଟା ଅଙ୍କର ଟାରିଫ୍ ଲଗାଇବୁ। ସେମାନେ ଆମ ଉତ୍ପାଦ ଉପରେ ଅଧିକ ଟିକସ ନେଉଛନ୍ତି। ଏବେ ଆମେ ସେମାନଙ୍କଠାରୁ ଅଧିକ ଟିକସ ଅସୁଲ କରିବୁ । ଟ୍ରମ୍ପ କହିଛନ୍ତି, ଯେଉଁମାନେ ଆମେରିକାକୁ କ୍ଷତି



ପହଞ୍ଚାଉଛନ୍ତି, ଆମେ ସେମାନଙ୍କ ପ୍ରତି କଠୋର ନୀତି ଆପଣାଇବୁ । ଆମ ପାଇଁ ଅନ୍ୟ ଦେଶଗୁଡ଼ିକ କ'ଣ କରୁଛନ୍ତି, ତାହା ସାରା ବିଶ୍ୱ ଦେଖୁଛି । ଚୀନ୍ ଆମ ଉତ୍ପାଦ ଉପରେ ଅତ୍ୟଧିକ ଟିକସ ଲଗାଉଛି । ସେହିଭଳି ଭାରତ, ବ୍ରାଜିଲ ଓ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଏଭଳି କରୁଛନ୍ତି । ଆମେ ଆଉ ତାହା କରାଇଦେବୁ ନାହିଁ । କାରଣ ଆମେ ଆମେରିକାକୁ ସବୁଠୁ ଆଗରେ ରଖିବାକୁ ଚାହୁଁଛୁ । ଆମେରିକା ଏଣିକି ସଙ୍କୋଚ ବ୍ୟବସ୍ଥା ସ୍ଥିର କରିବ । ଏହାଦ୍ୱାରା ଆମ ରାଜକୋଷକୁ ଅର୍ଥ ଆସିବ । ଫଳରେ ଆମେରିକା ପୁଣିଥରେ ବହୁତ ଧନୀ ହୋଇଯିବ । ଏହାସବୁ ଖୁବଶୀଘ୍ର ହେବାକୁ ଯାଉଛି ବୋଲି ଟ୍ରମ୍ପ କହିଛନ୍ତି । ଉଲ୍ଲେଖଯୋଗ୍ୟ, ଟାରିଫ୍ ହେଉଛି ସୀମା ଶୁଳ୍କ ବା ଟିକସ ।

## ୩୦ରେ ସରଗୁଜା ଏବଂ ସୁରଜପୁର ଜିଲ୍ଲାକୁ ଯିବେ ରାଜ୍ୟ ନିର୍ବାଚନ କମିଶନ

ରାୟପୁର : ଛତିଶଗଡ ରାଜ୍ୟ ନିର୍ବାଚନ କମିଶନ ଅଜୟ ସିଂ ଆସନ୍ତା ୩୦ରେ ନିର୍ବାଚନ ଆୟୋଗର ଅଧିକାରୀଙ୍କ ସହ ଛତିଶଗଡର ସରଗୁଜା ଓ ସୁରଜପୁର ଜିଲ୍ଲାକୁ ଗସ୍ତ କରିବେ। ଏହି ଅବସରରେ ଶ୍ରୀ ସିଂ ଉକ୍ତ ଦୁଇ ଜିଲ୍ଲାରେ ଥିବା ପୌର ଏବଂ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସ୍ଥାପନ ହେବାକୁ ଥିବା ଷ୍ଟ୍ରଙ୍ଗ୍ ରୁମ୍ ଏବଂ ମତଦାନ କେନ୍ଦ୍ରର ବ୍ୟବସ୍ଥା କରିବେ। ସେଠାକାର ଦୁଇ ଜିଲ୍ଲାର ପୋଲିସ ଏସ୍‌ପି, ଜିଲ୍ଲାପାଳ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ରିଟର୍ଣ୍ଣିଂ ଅଫିସରଙ୍କ ସହିତ ଏକ ବୈଠକରେ ସାମିଲ ହୋଇ ନିର୍ବାଚନର ସମୀକ୍ଷା କରିବେ। ଏହି ପ୍ରତିନିଧି ଦଳ ୩୦ତାରିଖ ଦିନ ୧୦ଟାରେ ରାୟପୁର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ହେଲିକପ୍ଟରରେ ପୂର୍ବାହ୍ନ ୧୧ଟାରେ ଅମ୍ବିକାପୁରରେ ପହଞ୍ଚିବେ। ଦିନ ୧୨ଟାରେ ସେ ଷ୍ଟ୍ରଙ୍ଗରୁମ୍ ଏବଂ ମତଦାନ କେନ୍ଦ୍ର ନିରୀକ୍ଷଣ ସହ ବରିଷ୍ଠ ଅଧିକାରୀଙ୍କ ସହ ସୁରକ୍ଷା ନେଇ ଆଲୋଚନା କରିବେ। ରାଜ୍ୟ ନିର୍ବାଚନ କମିଶନ ଶ୍ରୀ ସିଂ କହିଛନ୍ତି ଦିନ ୧୨ଟା ପରେ ଆମେ ସଡ଼କ ମାର୍ଗରେ ସୁରଜପୁର ଯିବୁ ଏବଂ ସେଠାରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟର ସମୀକ୍ଷା କରିବୁ।

## ଇସ୍ରୋର ସଫଳ ସେଞ୍ଚୁରି ଲଞ୍ଚ୍

ଶ୍ରୀହରିକୋଟା : ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)କୁ ଏକ ବଡ଼ଧରଣର ସଫଳତା ମିଳିଛି ।



ଶ୍ରୀହରିକୋଟାରୁ ଇସ୍ରୋର ସେଞ୍ଚୁରି ଲଞ୍ଚ୍ ସଫଳ ହୋଇଛି। ସ୍ପେଶ୍ ପୋର୍ଟରୁ ଐତିହାସିକ ଉତ୍କ୍ଷେପଣ କରିଛି ଇସ୍ରୋ। ମହାକାଶକୁ ଗଲା ନାଭିଗେସନ ସାଟେଲାଇଟ୍ ଏନଭିଏସ୍-୦୨। ଜିଏସ୍‌ଏଲଭି-ଏଫ୍-୧୫ ରକେଟ ସହାୟତାରେ ଏହି ସାଟେଲାଇଟ୍ ଉଡାଣ ଭରିଛି। ଏହା ଇସ୍ରୋର ୧୦୦ତମ ମିଶନ। ବୁଧବାର ସକାଳ ୬.୨୩ରେ ଶ୍ରୀହରିକୋଟାରୁ ସଫଳ ଉତ୍କ୍ଷେପଣ କରି ଇସ୍ରୋ ଇତିହାସ ରଚିଛି। ଏ ନେଇ ଇସ୍ରୋ ଅଧ୍ୟକ୍ଷ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହି ସାଟେଲାଇଟ୍ ଭାରତୀୟ ଭୂପୃଷ୍ଠଠାରୁ ପ୍ରାୟ ୧୫୦୦ କିମି ଦୂରରେ ଥିବା ଅଞ୍ଚଳରେ ଉପଭୋକ୍ତାଙ୍କୁ ସଠିକ ସ୍ଥିତି, ବେଗ ଓ ସମୟ ପ୍ରଦାନ କରିବ। ଇସ୍ରୋ ଅନୁଯାୟୀ ଉପଗ୍ରହର ସେବାସ୍ଥଳୀୟ, ଆକାଶମାର୍ଗ ଓ ସାମୁଦ୍ରିକ ନେଭିଗେସନ, ନିର୍ଦ୍ଦିଷ୍ଟ କୃଷି, ଫ୍ଲିଟ୍ ମ୍ୟାନେଜମେଣ୍ଟ, ମୋବାଇଲ ଡିଭାଇସରେ ଅବସ୍ଥାନ ଭିତ୍ତିକ ସେବା, ଉପଗ୍ରହର କକ୍ଷପଥ ନିର୍ଦ୍ଧାରଣ ଇତ୍ୟାଦି ସେବା ପ୍ରଦାନରେ ବ୍ୟବହାର କରାଯିବ। ସୂଚନାଯୋଗ୍ୟ ଯେ ସୋମନାଥନଙ୍କ ପରେ ଇସ୍ରୋର ନୂଆ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଥିଲେ ଭି.ନାରାୟଣନ୍। ଏହା ତାଙ୍କର ପ୍ରଥମ ମିଶନ ଥିଲା, ଯାହା ସଂପୂର୍ଣ୍ଣ ସଫଳ ହୋଇଛି। ଇସ୍ରୋ ମୁଖ୍ୟ ଶ୍ରୀ ନାରାୟଣନ କହିଛନ୍ତି ଯେ ଏହା ଭାରତ ପାଇଁ ମାଇଲଷ୍ଟୋନ୍। ଏହା ଟିମ୍ ୱାର୍କ ଯୋଗୁ ସମ୍ଭବ ହୋଇପାରିଛି।

## ଇଥାନଲ କ୍ରୟ ବ୍ୟବସ୍ଥାକୁ କ୍ୟାବିନେଟ୍ ମଞ୍ଜୁରି

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ଭାରତ ସରକାରଙ୍କ ଇଥାନଲ ମିଶ୍ରିତ ପେଟ୍ରୋଲ (ଇବିପି) କାର୍ଯ୍ୟକ୍ରମ ଅଧୀନରେ ୧ ନଭେମ୍ବର, ୨୦୨୪ରୁ ୩୧ ଅକ୍ଟୋବର, ୨୦୨୫ ପର୍ଯ୍ୟନ୍ତ ଇଥାନଲ ଯୋଗାଣ ବର୍ଷ (ଇଏସୱାଇ) ପାଇଁ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ (ଓଏମସି) ପାଇଁ ଇଥାନଲ କ୍ରୟ ମୂଲ୍ୟ ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି। ତଦନୁଯାୟୀ, ଇଥାନଲ ଯୋଗାଣ ବର୍ଷ ୨୦୨୪-୨୫ (୧ ନଭେମ୍ବର ୨୦୨୪ରୁ ୩୧ ଅକ୍ଟୋବର ୨୦୨୫) ପାଇଁ ଇବିପି କାର୍ଯ୍ୟକ୍ରମ ନିମନ୍ତେ ସି ହେଭୀ ମୋଲାସେସ (ସିଏଚଏମ)ରୁ ଉତ୍ପନ୍ନ ଇଥାନଲର ଏକ୍ସ-ମିଲ୍ ଦର ଲିଟର ପିଛା ୫୬.୫୮ ଟଙ୍କାରୁ ବୃଦ୍ଧି କରାଯାଇ ଲିଟର ପିଛା ୫୭.୯୭ ଟଙ୍କାରେ ଧାର୍ଯ୍ୟ କରାଯାଇଛି। ଏହି ଅନୁମୋଦନ କେବଳ ଇଥାନଲ ଯୋଗାଣକାରୀଙ୍କ ପାଇଁ ମୂଲ୍ୟ ସ୍ଥିରତା ଏବଂ ପାରିଶ୍ରମିକ ମୂଲ୍ୟ ପ୍ରଦାନ କରିବାରେ ସରକାରଙ୍କ ନିରନ୍ତର ନୀତିକୁ ସହଜ କରିବ ନାହିଁ, ବରଂ ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ, ବୈଦେଶିକ ମୁଦ୍ରା ସଞ୍ଚୟ କରିବାରେ ଏବଂ ପରିବେଶ ପାଇଁ ଲାଭ ଆଣିବାରେ ମଧ୍ୟ ସାହାଯ୍ୟ କରିବ। ଆଖୁ ଚାଷୀମାନଙ୍କ ହିତ ଦୃଷ୍ଟିରୁ, ପୂର୍ବ ଭଳି, ଜିଏସଟି ଏବଂ ପରିବହନ ଶୁଳ୍କ ଅଲଗା ଭାବେ ଦେୟ ହେବ। ସିଏଚଏମ ଇଥାନଲର ମୂଲ୍ୟରେ ୩ ପ୍ରତିଶତ ବୃଦ୍ଧି ହେବା ଦ୍ୱାରା ବର୍ଦ୍ଧିତ ମିଶ୍ରଣ ଲକ୍ଷ୍ୟ ପୂରଣ କରିବା ପାଇଁ ଇଥାନଲର ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ ହେବ। ସରକାର ଇଥାନଲ ମିଶ୍ରିତ ପେଟ୍ରୋଲ (ଇବିପି) କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି, ଯେଉଁଥିରେ ଓଏମସିଗୁଡ଼ିକ ୨୦ ପ୍ରତିଶତ ପର୍ଯ୍ୟନ୍ତ ଇଥାନଲ ମିଶ୍ରିତ ପେଟ୍ରୋଲ ବିକ୍ରି କରିଥାନ୍ତି। ବିକଳ୍ପ ଏବଂ ପରିବେଶ ଅନୁକୂଳ ଇନ୍ଧନର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଲାଗି ଏହି କାର୍ଯ୍ୟକ୍ରମ ସାରା ଦେଶରେ କାର୍ଯ୍ୟକାରୀ ହେଉଛି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଦ୍ୱାରା ଇଥାନଲ ମିଶ୍ର ୨୦୧୩-୧୪ ଇଏସୱାଇରେ ୩୮ କୋଟି ଲିଟର ଥିଲା(ଇଏସୱାଇ-ବର୍ତ୍ତମାନ ଗୋଟିଏ ବର୍ଷର ୧ ନଭେମ୍ବର ଠାରୁ ପରବର୍ତ୍ତୀ ବର୍ଷର ୩୧ ଅକ୍ଟୋବର ପର୍ଯ୍ୟନ୍ତ ପରିଗଣିତ ହେଉଛି)। ୨୦୨୩-୨୪ ଇଏସୱାଇରେ ଇଥାନଲ ମିଶ୍ରଣ ୭୦୭ କୋଟି ଲିଟରକୁ ବୃଦ୍ଧି ପାଇଥିବାରୁ ହାରାହାରି ମିଶ୍ରଣ ୧୪.୬୦%ରେ ପହଞ୍ଚିଛି । ସରକାର ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ଲକ୍ଷ୍ୟକୁ ୨୦୩୦ ଠାରୁ ଇଏସୱାଇ ୨୦୨୫-୨୬କୁ ଉନ୍ନୀତ କରିଛନ୍ତି । ଭାରତରେ ଇଥାନଲ ମିଶ୍ରଣ ପାଇଁ ରୋଡମ୍ୟାପ୍ ୨୦୨୦-୨୫କୁ ସାର୍ବଜନୀନ କରାଯାଇଛି। ଏହି ଦିଗରେ ଏକ ପଦକ୍ଷେପ ସ୍ୱରୂପ, ଓଏମସିଗୁଡ଼ିକ ଚଳିତ ଇଏସୱାଇ ୨୦୨୪-୨୫ ସମୟରେ ୧୮ ପ୍ରତିଶତ ମିଶ୍ରଣ ହାସଲ କରିବାକୁ ଯୋଜନା କରିଛନ୍ତି। ଅନ୍ୟ ସାମ୍ପ୍ରତିକ ସହାୟକଗୁଡ଼ିକ ମଧ୍ୟରେ ଇଥାନଲ ବିଶୋଧନ କ୍ଷମତାକୁ ବାର୍ଷିକ ୧୭୧୩ କୋଟି ଲିଟରକୁ ବୃଦ୍ଧି କରିବା; ଇଥାନଲ ଅଭାବ ଥିବା ରାଜ୍ୟଗୁଡ଼ିକରେ ଉତ୍ସର୍ଗୀକୃତ ଇଥାନଲ ପ୍ଲାଣ୍ଟ (ଡିଇପି) ସ୍ଥାପନ ପାଇଁ ଦୀର୍ଘକାଳୀନ ଅଫ-ଟେକ୍ ଚୁକ୍ତି (ଏଲଟିଓଏ); ଏକକ ଫିଡ୍ ଡିଷ୍ଟିଲେରୀଗୁଡ଼ିକୁ ଏକାଧିକ ଫିଡରେ ରୂପାନ୍ତରିତ କରିବାକୁ ପ୍ରୋତ୍ସାହିତ କରିବା; ଇ-୧୦୦ ଏବଂ ଇ-୨୦ ଇନ୍ଧନର ଉପଲବ୍ଧତା; ଫ୍ଲେକ୍ସି ଇନ୍ଧନ ଯାନର ଶୁଭାରମ୍ଭ ଇତ୍ୟାଦି ଅନ୍ତର୍ଭୁକ୍ତ। ଏହି ସମସ୍ତ ପଦକ୍ଷେପ ବ୍ୟବସାୟିକ ସୁଗମତା ଏବଂ ଆତ୍ମନିର୍ଭର ଭାରତର ଲକ୍ଷ୍ୟ ହାସଲ ଦିଗରେ ମଧ୍ୟ ସହାୟକ ହେବ।

### ସୁପ୍ରିମ୍ କୋର୍ଟଙ୍କ କଡା ନିର୍ଦ୍ଦେଶ

## ପାର୍ସଲ ବୋମାର ଶୁଣାଣି ଶୀଘ୍ର ଶେଷ କର

ନୂଆଦିଲ୍ଲୀ: ବଲାଙ୍ଗୀର ପାଟଣାଗଡ଼ ପାର୍ସଲ ବୋମା ମାମଲାର ଶୁଣାଣି ଶେଷ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ମଧ୍ୟରେ ଶୁଣାଣି ଶେଷ କରିବାକୁ ଟ୍ରାଏଲ କୋର୍ଟଙ୍କୁ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ଶୁଣାଣି ଶେଷ ପାଇଁ କହିଥିଲେ। ଆଉ ୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ ୪ ସପ୍ତାହରେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତ ପୁଞ୍ଜିଲାଲ ମେହର ସୁପ୍ରିମକୋର୍ଟରେ ଜାମିନ ଆବେଦନ କରିଥିଲେ। ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣରେ ୨ ଜଣଙ୍କ ଜୀବନ ଯାଇଥିଲା। ୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ରେ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ନବବଧୂ ରିମା ସାହୁ ଗୁରୁତର ଆହତ ହୋଇ ଦୀର୍ଘଦିନ ଧରି ଚିକିତ୍ସିତ ହୋଇଥିଲେ। ବିବାହ ଉତ୍ସବର ୫ ଦିନ ପରେ ଉପହାର ପ୍ୟାକେଟ୍ ଜରିଆରେ ଏହି ବିସ୍ଫୋରଣ ଘଟି ୨ ଜଣଙ୍କ ମୃତ୍ୟୁ ଘଟିବା ରାଜ୍ୟ ତଥା ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଘଟଣାରେ ତତ୍କାଳୀନ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ବଲାଙ୍ଗୀର, ପାଟଣାଗଡ, ରାୟପୁର ଅଞ୍ଚଳରେ ତଦନ୍ତ କରି ଭଇଁଷା କଲେଜ



ଇଂଲିଶ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଘଟଣାର ମାଷ୍ଟରମାଇଣ୍ଡ ଓ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲେ। ଭଇଁଷା କଲେଜରେ ମୃତ ସୌମ୍ୟଶେଖରଙ୍କ ମା' ସଂଯୁକ୍ତା ସାହୁ ଅଧକ୍ଷା ଭାବେ କାମ କରୁଥିଲେ। ସଂଯୁକ୍ତାଙ୍କ ପ୍ରତି ପ୍ରତିଶୋଧ ପରାୟଣ ହୋଇ ପୁଞ୍ଜିଲାଲ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟାଇଥିଲେ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଥିଲା।

# ବାଣିଜ୍ୟ



ଗାନ୍ଧୀନଗର: କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ) ଉପରେ ଚାଲିଥିବା ବିତର୍କରେ ନିଜ ମତ ରଖିଛନ୍ତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଚେୟାରମ୍ୟାନ୍ ମୁକେଶ ଅମ୍ବାନୀ। ଗୁଜରାଟର ପଣ୍ଡିତ ଦୀନଦୟାଲ ଶକ୍ତି ବିଶ୍ୱବିଦ୍ୟାଳୟ (ପିଡିଇୟୁ)ର ସମାବର୍ତ୍ତନ ସମାରୋହରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉପରେ ସେ କହିଛନ୍ତି, ତୁମେ ଚାଟ୍ ଜିପିଟି ବ୍ୟବହାର କର, କିନ୍ତୁ ମନେରଖ ଯେ ଆମେ କୃତ୍ରିମ ବୁଦ୍ଧିମତ୍ତା ସହିତ ନୁହେଁ ବରଂ ନିଜ ବୁଦ୍ଧି ସହିତ ଆଗକୁ ବଢିବା । ମୁଁ ଆମର ଯୁବ ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ପରାମର୍ଶ ଦେବାକୁ ଚାହୁଁଛି। ଜଣେ କୃତ୍ରିମ ଇଣ୍ଟେଲିଜେନ୍ସକୁ ଏକ ସାଧନ ବା ଉପକରଣ ଭାବରେ ବ୍ୟବହାର କରିବାରେ ପାରଦର୍ଶୀ ହେବା ଆବଶ୍ୟକ । ଏହି ବିଶ୍ୱବିଦ୍ୟାଳୟ ଛାଡିବା ପରେ ତୁମକୁ ଏକ ବଡ଼ ଜୀବନ ବିଶ୍ୱବିଦ୍ୟାଳୟରେ ଯୋଗଦାନ କରିବାକୁ ପଡିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରି ମୁକେଶ ଅମ୍ବାନୀ କହିଛନ୍ତି, ପଣ୍ଡିତ ଦୀନଦୟାଲ ଶକ୍ତି ବିଶ୍ୱବିଦ୍ୟାଳୟର ଜନ୍ମ ପ୍ରଧାନମନ୍ତ୍ରୀଙ୍କ ଅସାଧାରଣ ଦୂରଦୃଷ୍ଟିର ଫଳ। କୋଡିଏ ବର୍ଷ ପୂର୍ବେ ସେ ମୋତେ କହିଥିଲେ ଯେ ଗୁଜୁରାଟ ଶକ୍ତି ଏବଂ ଶକ୍ତି ଉତ୍ପାଦ କ୍ଷେତ୍ରରେ ଦେଶର ନେତୃତ୍ୱ ନେବା ସେ ଚାହୁଛନ୍ତି।

## ଭାରତର ଶ୍ରେଷ୍ଠ ୫୦ଟି କର୍ମକ୍ଷେତ୍ରରେ ସ୍ଥାନପାଇଛି କୋଲ୍ ଇଣ୍ଡିଆ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବୁଧବାର କୋଲ୍ ଇଣ୍ଡିଆ ଲିମିଟେଡ୍ ଭାରତର ଶ୍ରେଷ୍ଠ ୫୦ଟି କର୍ମସ୍ଥଳରେ ସ୍ଥାନିତ ହେବାର ଗୌରବ ଅର୍ଜନ କରିଛି। ପ୍ରସିଦ୍ଧ ସଙ୍ଗଠନ 'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ଦ୍ୱାରା ୨୦୨୫ ମସିହାରେ ଉତ୍ପାଦନ କ୍ଷେତ୍ରରେ ୩୪୭ଟି ସଙ୍ଗଠନର କାର୍ଯ୍ୟକାରିତାର ଏକ ବ୍ୟାପକ ସର୍ଭେ କରାଯାଇଥିଲା। ଯେଉଁଥିରେ କୋଲ୍ ଇଣ୍ଡିଆ ଲିମିଟେଡକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନଜନକ କୃତି କୋଲ୍ ଇଣ୍ଡିଆର କର୍ମଚାରୀମାନଙ୍କ ପାଇଁ ଏକ ସହାୟକ ଏବଂ ସଶକ୍ତ ପରିବେଶ ପ୍ରଦାନ କରିବା ସହିତ ବିଶ୍ୱାସ, ଗର୍ବ ଏବଂ ସୌହାର୍ଦ୍ଦ୍ୟର ସଂସ୍କୃତି ବିକଶିତ କରିବା ପ୍ରତିବଦ୍ଧତାକୁ ରେଖାଙ୍କିତ କରେ। ଏହା ଉଲ୍ଲେଖନୀୟ ଯେ, ପୂର୍ବରୁ ମଧ୍ୟ ଏକ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ସଙ୍ଗଠନ ଗଠନ ପ୍ରତି ଏହାର ପ୍ରତିବଦ୍ଧତା ପାଇଁ କୋଲ୍ ଇଣ୍ଡିଆକୁ 'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ଭାବରେ ସ୍ୱୀକୃତି ଦିଆଯାଇଛି। କୋଲ୍ ଇଣ୍ଡିଆ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ଅଧୀନରେ ଏକ ମହାରତ୍ନ କମ୍ପାନୀ। ବିଶ୍ୱର ସର୍ବବୃହତ କୋଇଲା ଉତ୍ପାଦନକାରୀ କମ୍ପାନୀ ଭାବରେ, କୋଲ୍ ଇଣ୍ଡିଆ ଭାରତର ଘରୋଇ କୋଇଲା ଚାହିଦାର ୮୦%ରୁ ଅଧିକ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କାର୍ଯ୍ୟକ୍ଷମ ଉତ୍କର୍ଷତା, କର୍ମଚାରୀ କଲ୍ୟାଣ ଏବଂ ପରିବେଶଗତ ସ୍ଥିରତାକୁ ଦୃଢ଼ ଭାବରେ ଅନୁସରଣ କରି, କୋଲ୍ ଇଣ୍ଡିଆ ଭାରତର ଶକ୍ତି କ୍ଷେତ୍ର ଏବଂ ଅର୍ଥନୈତିକ ବିକାଶରେ ଏକ ଅଗ୍ରଣୀ ଅନୁଷ୍ଠାନର ଭୂମିକା ଗ୍ରହଣ କରୁଛି।

## ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ଆଇଇଏସଏ 'ଇଣ୍ଡିଆ ସେମିକଣ୍ଡକ୍ଟର ମାର୍କେଟ ରିପୋର୍ଟ'ଉନ୍ମୋଚିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ଉତ୍କର୍ଷ ଓଡ଼ିଶା କନକ୍ଲେଭ-୨୦୨୫ରେ ଭାରତୀୟ ଇଲେକ୍ଟ୍ରୋନିକ୍ସ ଆଣ୍ଡ ସେମିକଣ୍ଡକ୍ଟର ଆସୋସିଏସନ (ଆଇଇଏସଏ) ଏହାର ବହୁ ପ୍ରତୀକ୍ଷିତ 'ଇଣ୍ଡିଆ ସେମିକଣ୍ଡକ୍ଟର ମାର୍କେଟ ରିପୋର୍ଟ ୨୦୩୦' ଉନ୍ମୋଚିତ ହୋଇଛି। ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ମାନ୍ୟବର କେନ୍ଦ୍ର ଇଲେକ୍ଟ୍ରୋନିକକ୍ସ ଏବଂ ଆଇଟି,ରେଳ ଓ ଆଇଆଣ୍ଡବି ଅଶ୍ୱିନୀ ବୈଷ୍ଣବ, ଓଡ଼ିଶାର ରାଜ୍ୟ ଇଲେକ୍ଟ୍ରୋନିକକ୍ସ ଏବଂ ଆଇଟି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏବଂ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବଙ୍କ ଉପସ୍ଥିତିରେ ଏହି ରିପୋର୍ଟକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ରେଳବାଇ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଓଡ଼ିଶା ରାଜ୍ୟର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଏବଂ ଏହି ରିପୋର୍ଟରେ ୨୦୨୩ ରୁ ୨୦୩୦ ମଧ୍ୟରେ ଭାରତର ସେମିକଣ୍ଡକ୍ଟର ବଜାରର ଗଭୀର ବିଶ୍ଳେଷଣ କରାଯାଇଛି, ଯେଉଁଥିରେ ହ୍ୟାଣ୍ଡସେଟ୍, ଆଇଟି, ଟେଲିକମ୍, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ, ଅଟୋମୋଟିଭ୍, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଭଳି ପ୍ରମୁଖ ଶିଳ୍ପକୁ ଅନ୍ତର୍ଭୁକ୍ତ କରାଯାଇଛି। ଆଇଇଏସ୍‌ଏର ସଭାପତି ଅଶୋକ ଚାନ୍ଦକ ଏହି ରିପୋର୍ଟ ଉପରେ ଆଲୋକପାତ କରି କହିଛନ୍ତି ଯେ, ୨୦୩୦ ସୁଦ୍ଧା ଭାରତର ସେମିକଣ୍ଡକ୍ଟର ବଜାର ୧୦୩.୪ ବିଲିୟନ ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏକ ଦୃଢ଼ ସେମିକଣ୍ଡକ୍ଟର ଡିଜାଇନ୍ ଏବଂ ଉତ୍ପାଦନ ପଦକ୍ଷେପକୁ ପ୍ରୋତ୍ସାହିତ କରିବାରେ ସରକାରୀ ନୀତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ। ଆଇଇଏସ୍‌ଏର ଅଧ୍ୟକ୍ଷ ଡକ୍ଟର ଭି ବୀରପ୍ପାନ ବଜାରର ସମ୍ପ୍ରସାରଣ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ୨୦୨୪-୨୫ରେ ଭାରତର ସେମିକଣ୍ଡକ୍ଟର ବ୍ୟବହାର ବଜାରର ମୂଲ୍ୟ ୫୨ ବିଲିୟନ ଡଲାର ଏବଂ ୨୦୩୦ ସୁଦ୍ଧା ଏହା ୧୩% ସିଏଜିଆରରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

## ଜିନ୍ଦଲ ଷ୍ଟେନଲେସର ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜିନ୍ଦଲ ଷ୍ଟେନଲେସର ନିର୍ଦ୍ଦେଶକ ମଣ୍ଡଳୀ ଆଜି ଆର୍ଥିକ ବର୍ଷ-୨୫ ର ତୃତୀୟ କ୍ୱାର୍ଟରର ଆର୍ଥିକ ଫଳାଫଳ ଘୋଷଣା କରିଛନ୍ତି। ତୃତୀୟ କ୍ୱାର୍ଟର ପାଇଁ କମ୍ପାନୀର ମୋଟ ଏକକ ରେଭେନ୍ୟୁ ବାର୍ଷିକ ୧୦.୮% ଅଭିବୃଦ୍ଧି ସହ ୧୦,୦୬୬ କୋଟି ଟଙ୍କା ରହିଛି। ଷ୍ଟାଣ୍ଡଆଲୋନ ଏବିଡ଼ଟା ୧୦୦୩ କୋଟି ଟଙ୍କା ରହିଥିବା ବେଳେ ଟିକସ ପରବର୍ତ୍ତୀ ଲାଭ ୬୧୯ କୋଟି ଟଙ୍କା ରହିଛି। ଏହି କ୍ୱାର୍ଟରରେ ମୋଟ ଋଣ



୩,୩୪୪ କୋଟି ଟଙ୍କା ରେକର୍ଡ କରାଯାଇଥିବା ବେଳେ ମୋଟ ଋଣ - ଇକ୍ୟୁଟି ଅନୁପାତ ୦.୨ ରହିଛି। ଏହି କ୍ୱାର୍ଟରରେ ମୋଟ ଋଣ ଓ ଏବିଡ଼ଟା ଅନୁପାତ ୯ ରହିଛି। ଏହି ଅବଧିରେ ଏକୀକୃତ ମୋଟ ଆୟ ୯୯୦୭ କୋଟି ଟଙ୍କାରେ ପହଂଚିଛି। ଏକୀକୃତ ଏବିଡ଼ଟା ଏବଂ ଟିକସ ପରବର୍ତ୍ତୀ ଲାଭ ଯଥାକ୍ରମେ ୧୨୦୮ କୋଟି ଟଙ୍କା ଏବଂ ୬୫୪ କୋଟି ଟଙ୍କା ରହିଛି। ଆର୍ଥିକ ବର୍ଷ ୨୫ ପାଇଁ ନିର୍ଦ୍ଦେଶକ ମଣ୍ଡଳୀ ୫୦% ଆନ୍ତରୀଣ ଲାଭାଂଶ ବା ଇକ୍ୟୁଟି ସେୟାର ପିଛା ୧ ଟଙ୍କା (ଯାହାର ଫେସ୍ ଭାଲ୍ୟୁ ୨ ଟଙ୍କା)କୁ ଅନୁମୋଦନ କରିଛନ୍ତି। ଅର୍ଥ ପରିଶୋଧ ପାଇଁ ସଦସ୍ୟମାନଙ୍କ ଅଧିକାର ନିର୍ଣ୍ଣୟ କରିବା ରେକର୍ଡ ତାରିଖକୁ ୮ ଫେବୃଆରି, ୨୦୨୫ ସ୍ଥିର କରାଯାଇଛି। ୨୭ ଫେବୃଆରୀ, ୨୦୨୫ ଦିନ କିମ୍ବା ଏହା ପୂର୍ବରୁ ଲାଭାଂଶ ପରିଶୋଧ କରାଯିବ। କମ୍ପାନୀର ପ୍ରଦର୍ଶନ ସମ୍ପର୍କରେ ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ବର୍ତ୍ତମାନ ସମୟରେ ଭାରତୀୟ ଷ୍ଟିଲ ଏବଂ ଷ୍ଟେନଲେସ ଷ୍ଟିଲ ଶିଳ୍ପରେ ବିଭିନ୍ନ ଦେଶରୁ କମ୍ ମୂଲ୍ୟରେ ଶସ୍ତା ନିମ୍ନ ମାନର ଉତ୍ପାଦ ଆମଦାନୀ ହେଉଛି ।

## ମେକ୍ ଇନ୍ ଓଡ଼ିଶାକୁ ସଫଳ କରିବା ପାଇଁ ଓଡ଼ିଶା ଡିସକମ୍ ପ୍ରତିଶ୍ରୁତିବଦ୍ଧ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ ଗୁଡିକ ଓଡ଼ିଶାର ଆର୍ଥିକ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ରାଜ୍ୟର ବିଦ୍ୟୁତ୍ ବଣ୍ଟନ କାର୍ଯ୍ୟକୁ ରୂପାନ୍ତରିତ କରିବା ପାଇଁ ୭୦୦୦ ରୁ ଅଧିକ ସ୍ଥାନୀୟ ଠିକାଦାର ଏବଂ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରୁଛନ୍ତି। ଏହି ଚୁକ୍ତିନାମାଗୁଡ଼ିକ ଓଡ଼ିଶାର ଦ୍ରୁତ ଶିଳ୍ପାୟନ, ସ୍ଥାନୀୟ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ରାଜ୍ୟବ୍ୟାପୀ ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ସେମାନେ ସେମାନଙ୍କ ସଂସ୍ଥାରେ ମଧ୍ୟ ଶହ ଶହ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ଓଡ଼ିଶା ଡିସକମ୍-ଟିପି ସେଣ୍ଟ୍ରାଲ୍, ଟିପି ସଦର୍ନ, ଟିପି ନର୍ଦନ ଏବଂ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ୭ହଜାର ସ୍ଥାନୀୟ ଭେଣ୍ଡର ଏବଂ ଯୋଗାଣକାରୀଙ୍କ ସହ ସହଯୋଗିତା ସ୍ଥାପନ କରି ଦୈନନ୍ଦିନ କାର୍ଯ୍ୟ ଏବଂ ସେବା ସୁନିଶ୍ଚିତ କରୁଛନ୍ତି। ଏହି ସହଯୋଗିତା ମଧ୍ୟରୁ ଅନେକ ଟାଟା ପାୱାରର ଉତ୍କର୍ଷ ଓଡ଼ିଶା ପ୍ରତି ଯୋଗଦାନକୁ ସିଧାସଳଖ ସମର୍ଥନ କରିବା ସହିତ, ସ୍ଥାନୀୟ ଭେଣ୍ଡର ମାନଙ୍କୁ ନିକଟବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ନିଯୁକ୍ତି ଦେବା ପାଇଁ ଉତ୍ସାହିତ କରୁଛି।

### ଉତ୍କର୍ଷ ଓଡ଼ିଶା ୨୦୨୫

## ଆୟୁର୍ବେଦ ପ୍ରେରିତ ନ୍ୟୁରୋକସ୍ମେଟିକ୍ସର ପ୍ରି-ଲଞ୍ଚ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା ଭିତ୍ତିକ ଷ୍ଟାର୍ଟଅପ୍ କମ୍ପାନୀ 'ଜୀବଦା, ଦ୍ୱାରା ସ୍ନାୟୁ ସମ୍ବନ୍ଧୀୟ ବିଭିନ୍ନ ସୋନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ ର ଉଦଘାଟନ ସମାରୋହ ହେବାକୁ ଯାଉଛି । ଜୀବଦା, ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ ଦ୍ୱାରା ପ୍ରେରିତ ଏକ କମ୍ପାନୀ ଯାହା ବିଶ୍ୱରେ ପ୍ରଥମ ଥର ପ୍ରାଚୀନ ଆୟୁର୍ବେଦ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନ ର ମିଶ୍ରଣ କରି ବିଭିନ୍ନ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତ କରୁଛି ।ଏହି ସୌନ୍ଦର୍ଯ୍ୟ ଉତ୍ପାଦ ଗୁଡ଼ିକର ତତ୍ତ୍ୱ ଗୁଡ଼ିକ ପ୍ରାକୃତିକ ଓ ଜୈବିକ ଉତ୍ସ ରୁ ନିଆଯାଇଥିବା ଉପାଦାନ କୁ ନେଇ ପ୍ରସ୍ତୁତ ହେଉଅଛି। 'ଜୀବଦା' ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡିକ ସ୍ନାୟୁ ସମ୍ବେଦନଶୀଳ ହୋଇଥିବାରୁ ଏହା ଚର୍ମ ଯତ୍ନ ପାଇଁ ଖୁବ୍ ଉପଯୋଗୀ ଅଟେ ଯାହା ଦ୍ୱାରା ଚର୍ମ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ର ସଠିକ ନିଦାନ ହୋଇପାରେ। ହାର୍ଭାର୍ଡ ସ୍ନାତକ ଧରିତ୍ରୀ ପଟ୍ଟନାୟକ ଦ୍ୱାରା ପ୍ରତିଷ୍ଠିତ ଜୀବଦା ପ୍ରାକୃତିକ ସୌନ୍ଦାର୍ଯ୍ୟ ସାମଗ୍ରୀକୁ ପ୍ରୋତ୍ସାହିତ କରି ଏକ ବିଶ୍ୱସ୍ତରୀୟ ଅଗ୍ରଣି ସଂସ୍ଥା ରୁପେ ପ୍ରତିଷ୍ଠିତ କରିବାର ଲକ୍ଷ୍ୟ ରଖିଛି । ଏହା ଆୟୁର୍ବେଦିକ ଜ୍ଞାନକୁ ଆଧୁନିକ ବିଜ୍ଞାନ ସହିତ ଯୋଗ କରି ସୁସ୍ଥାୟୀ ସୌନ୍ଦର୍ଯ୍ୟ ଉତ୍ପାଦ ଯୋଗାଇ ଆସୁଛି। ନୀତିଗତ ଅଭ୍ୟାସ ପ୍ରତି ସଂକଳ୍ପିତ ଜୀବଦା ମହିଳା କୃଷକମାନଙ୍କୁ ସମର୍ଥନ କରୁଛି । ଜୀବଦାର ଉତ୍ପାଦଗୁଡିକୁ ବିଶ୍ୱ ସ୍ତରରେ ପ୍ରୋତ୍ସାହନ ଦେଇ ଓଡିଶାକୁ ସୌନ୍ଦର୍ଯ୍ୟ ପ୍ରସାଧନ କ୍ଷେତ୍ରରେ ମଧ୍ୟ ଆନ୍ତର୍ଜାତିକ ଖ୍ୟାତି ଦେବାକୁ ଲକ୍ଷ୍ୟ କରି ଧରିତ୍ରୀ ନିଜର ଚେଷ୍ଟା ଜାରି ରଖିଛନ୍ତି ।

## ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା କନକ୍ଲେଭରେ ଉପମୁଖ୍ୟମନ୍ତ୍ରୀଙ୍କ ଏନର୍ଜି ପାଭିଲିୟନ ପରିଦର୍ଶନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂ ଦେଓ ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ଏନର୍ଜି ପାଭିଲିୟନ ପରିଦର୍ଶନ କରିଥିଲେ । ଯେଉଁଠାରେ ସେ ଉନ୍ନତ ଶକ୍ତି ସମାଧାନ, ନବୀକରଣଯୋଗ୍ୟ ଶକ୍ତି ଏବଂ ଡିଜିଟାଲ ନବସୃଜନ କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ଅଗ୍ରଗତିକୁ ବୁଲି ଦେଖିଥିଲେ। ଏହି ପାଭିଲିୟନରେ ଆଡଭାନ୍ସ ଗ୍ରୀଡ୍ ପରିଚାଳନା, ରିଅଲ୍-ଟାଇମ୍ ଏନର୍ଜି ମନିଟରିଂ ଏବଂ ସ୍ମାର୍ଟ ମିଟର ଭଳି ଉଲ୍ଲେଖନୀୟ ପଦକ୍ଷେପକୁ ପ୍ରଦର୍ଶିତ କରାଯାଇଛି । ଏହି କାର୍ଯ୍ୟକ୍ରମର ପ୍ରଶଂସା କରି ସେ କହିଥିଲେ, 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ଏହି ଭବ୍ୟ ଷ୍ଟଲଗୁଡ଼ିକୁ ଦେଖି ମୁଁ ଖୁସି। ଏହି କାର୍ଯ୍ୟକ୍ରମ ଓଡ଼ିଶାର ନବସୃଜନ,



ଉଦ୍ୟୋଗୀ ମନୋଭାବ ଏବଂ ଅସୀମ ସମ୍ଭାବନାର ଏକ ପ୍ରକୃତ ପ୍ରମାଣ। ଆମ ରାଜ୍ୟ ବ୍ୟବସାୟ ଏବଂ ଶିଳ୍ପର ଭବିଷ୍ୟତକୁ ଗଢୁଥିବା ଦେଖି ମୁଁ ଗର୍ବିତ। ଏହି ଏନର୍ଜି ପାଭିଲିଅନ୍ ଦୀର୍ଘସ୍ଥାୟୀ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ଶକ୍ତି ସମାଧାନ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିବା ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରୁଛି । ବିଦ୍ୟୁତ୍ ବଣ୍ଟନରେ ଅଟୋମେସନ ଠାରୁ ଆରମ୍ଭ କରି ସବୁଜ ହାଇଡ୍ରୋଜେନ୍ ଏବଂ ସୌର ଶକ୍ତି ସମନ୍ୱୟରେ ଉନ୍ନତି ପର୍ଯ୍ୟନ୍ତ କିଭଳି ଓଡ଼ିଶା ଏକ ଦୃଢ଼ ଏବଂ ସ୍ଥିର ଏନର୍ଜି ଇକୋସିଷ୍ଟମ ଗଠନ ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରୁଛି ତାହା ଏହି ପାଭିଲିଅନ୍‌ରେ ଦର୍ଶାଯାଇଛି। ଏହି ପଦକ୍ଷେପ ଯୋଗୁଁ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଘଟିବା ସହିତ ଆମ ରାଜ୍ୟ ସ୍ୱଚ୍ଛ ଏବଂ ସ୍ମାର୍ଟ ଶକ୍ତି ସମାଧାନରେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିଛି ।





ତୁଳସୀ ବୃକ୍ଷକୁ ଅତ୍ୟନ୍ତ ପବିତ୍ର ଓ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏହା କେବଳ ଧାର୍ମିକ ଦୃଷ୍ଟିରୁ ନୁହେଁ ବରଂ ଔଷଧୀୟ ଓ ବାସ୍ତୁ ଶାସ୍ତ୍ରରେ ଏହାର ବିଶେଷ ମହତ୍ତ୍ୱ ରହିଛି। ପ୍ରତ୍ୟେକଙ୍କ ଘର ଅଗଣାରେ ତୁଳସୀ ବୃକ୍ଷ ଶୋଭା ପାଏ । ତେବେ ତୁଳସୀ ବୃକ୍ଷ ଲଗାଇବା ସ୍ଥାନ ସହ କିଛି ବାସ୍ତୁ ନିୟମ ପ୍ରତି ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ। ବାସ୍ତୁ ଶାସ୍ତ୍ର ଅନୁସାରେ ତୁଳସୀ ବୃକ୍ଷ ନିକଟରେ କିଛି ବୃକ୍ଷକୁ ରଖିବା ଉଚିତ୍ ନୁହେଁ । ନଚେତ୍ ଏହାର ସକରାତ୍ମକ ପ୍ରଭାବ କମ୍ ହୋଇଥାଏ। ବାସ୍ତୁ ଅନୁସାରେ ତୁଳସୀ ବୃକ୍ଷ ନିକଟରେ କଦାପି ଶମି ବୃକ୍ଷ ରଖିବା ଉଚିତ୍ ନୁହେଁ। ଏହି ୨ଟି ବୃକ୍ଷକୁ ଏକାଠି ରଖିବା ଦ୍ୱାରା ଘରେ ଆର୍ଥିକ ସମସ୍ୟା ଲାଗି ରହିଥାଏ। ଅଯଥାରେ ଟଙ୍କା ଖର୍ଚ୍ଚ ହୋଇଥାଏ ।ଏହି ୨ଟି ବୃକ୍ଷ ମଧ୍ୟରେ ୪ କିମ୍ବା ୫ ଫୁଟର ବ୍ୟବଧାନ ରହିବା ଦ୍ୱାରା ସକରାତ୍ମକ ପ୍ରଭାବ ମିଳିଥାଏ। କିଛି ଲୋକେ ସାଜସଜ୍ଜା ଦୃଷ୍ଟିରୁ କଣ୍ଟା ଜାତୀୟ ବୃକ୍ଷକୁ ଘରେ ରଖିଥାନ୍ତି । ମାତ୍ର ତୁଳସୀ ନିକଟରେ କଦାପି କଣ୍ଟା ଜାତୀୟ ବୃକ୍ଷ ରଖନ୍ତୁ ନାହିଁ । ଏହାଦ୍ୱାରା ଜୀବନରେ ସମସ୍ୟା ଲାଗି ରହିଥାଏ।





## 'ତେରେ ଇସ୍କ ମେଁ'ରେ ଧନୁଷଙ୍କ ବିପକ୍ଷରେ କ୍ରିତି

ଅଭିନେତା ଧନୁଷ୍‌ଙ୍କ ଆଗାମୀ ଫିଲ୍ମ 'ତେରେ ଇସ୍କ ମେଁ'ର ଦ୍ୱିତୀୟ ଟିଜର ମଙ୍ଗଳବାର ରିଲିଜ୍ ହୋଇଛି, ଯେଉଁଥିରେ ଫିଲ୍ମରେ ମୁଖ୍ୟ ଅଭିନେତ୍ରୀଙ୍କ ଉପରୁ ପରଦା ଉଠିଛି। ପ୍ରଥମ ଟିଜରରେ କେବଳ ଅଭିନେତ୍ରୀଙ୍କ ଭଏସ୍ ଓଭର ଶୁଣିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ରରେ ଧନୁଷ୍‌ଙ୍କ ବିପକ୍ଷରେ ଅଭିନେତ୍ରୀ କ୍ରିତି ସାନନ୍ ନଜରକୁ ଆସିବେ। ୨୦୧୩ରେ ରିଲିଜ୍ ହୋଇଥିବା 'ରଂଝଣା' ଫିଲ୍ମର ୧୨ବର୍ଷ ପରେ ନିର୍ଦ୍ଦେଶକ ଆନନ୍ଦ ଏଲ୍ ରାୟଙ୍କ ସହ ଧନୁଷ୍‌ଙ୍କ ଯୋଡ଼ିକୁ ପୁଣିଥରେ ଦେଖିବାକୁ ମିଳିବ। ପୂର୍ବରୁ ଏକ ଟିଜର ଦ୍ୱାରା 'ତେରେ ଇସ୍କ ମେଁ' ଫିଲ୍ମର ଘୋଷଣା କରାଯାଇଥିଲା, ଯାହା ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ତେବେ ଉକ୍ତ ଟିଜରରେ ଫିଲ୍ମର ମୁଖ୍ୟ ଅଭିନେତ୍ରୀଙ୍କ ଉପରୁ ପରଦା ଉଠାଯାଇ ନଥିଲା। ସେଥିରେ କେବଳ ଅଭିନେତ୍ରୀଙ୍କ ସ୍ୱର ଶୁଣାଯାଇଥିଲା। ତେବେ ମଙ୍ଗଳବାର ଫିଲ୍ମର ଦ୍ୱିତୀୟ ଟିଜରକୁ ଧନୁଷ୍ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିବା ସହ ଏଥିରେ କ୍ରିତିଙ୍କୁ ଟ୍ୟାଗ କରିଛନ୍ତି। ଏହି ଟିଜରରେ କ୍ରିତିଙ୍କୁ ଏକ ଦଙ୍ଗା ହୋଇଥିବା ଅଞ୍ଚଳରେ ଚାଲି ଚାଲି ଆଗକୁ ବଢୁଥିବାର ଦେଖିବାକୁ ମିଳିଛି। ସେ ନିଜର ପୁରୁଣା ସ୍ମୃତିକୁ ମନେପକାଇ ଚାଲିବାବେଳେ ନିଜ ଉପରେ ପେଟ୍ରୋଲ ଢାଳୁଛନ୍ତି। ଏହାପରେ ସେ ଏକ ସ୍ଥାନରେ ବସି ସିଗାରେଟ ଜଳାଉଛନ୍ତି। ଏହି ଦୃଶ୍ୟ ସହ 'ତେରେ ଇସ୍କ ମେଁ' ଫିଲ୍ମର ଦ୍ୱିତୀୟ ଟିଜର ଶେଷ ହୋଇଛି। ଧନୁଷ୍ ତାଙ୍କ ପୋଷ୍ଟ'ର କ୍ୟାପ୍‌ସନରେ ଲେଖିଛନ୍ତି, "ନିଆଁର ପ୍ରକୋପ ମଧ୍ୟରେ ବି କିଛି ପ୍ରେମ କାହାଣୀ ବଢ଼ିବା ପାଇଁ ହୋଇଥାଏ। ଏହାର ପ୍ରମାଣ ହେଉଛନ୍ତି ଶଙ୍କର ଓ ମୁକ୍ତି। ଆସନ୍ତା ନଭେମ୍ବର ୨୮ରେ 'ତେରେ ଇସ୍କ ମେଁ' ମୁକ୍ତିଲାଭ କରିବ।" ଫିଲ୍ମର ପ୍ରଥମ ଟିଜରରେ କ୍ରିତିଙ୍କର ଏକ ଭଏସ୍ ଓଭର ରହିଥିଲା ଯେଉଁଥିରେ ସେ କହିଥିଲେ, "କେବଳ ପୁଅମାନେ ପ୍ରେମରେ ଜୀବନ ଦେଇଥାନ୍ତି କି ? ପ୍ରେମ ପାଇଁ ଜୀବନ ଦେବାକୁ କିଛି ଝିଅଙ୍କର ମଧ୍ୟ ସାହସ ରହିଛି।" ପ୍ରକାଶ ଯେ, ହିମାଂଶୁ ଶର୍ମାଙ୍କ ଦ୍ୱାରା ନିର୍ମିତ ଏହି ଫିଲ୍ମରେ ଏ. ଆର୍. ରେହମାନ ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି।

## କହୁ କହୁ ମନକଥା କହିଦେଲେ ରଶ୍ମିକା



ସାଉଥର ସୁନ୍ଦରୀ ଅଭିନେତ୍ରୀ ରଶ୍ମିକା ମନ୍ଦାନା। ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥାଆନ୍ତି। ତାଙ୍କ ନାଁକୁ ପ୍ରାୟତଃ ଅଭିନେତା ବିଜୟ ଦେବରକୋଣ୍ଡାଙ୍କ ସହ ଯୋଡି ରହିଥାଏ। ଏତିକି ହିଁ ନୁହେଁ ସେମାନଙ୍କ ସମ୍ପର୍କକୁ ନେଇ ଅନେକ ଗୁଜବ ପ୍ରଚାରିତ ହୁଏ। ବର୍ତ୍ତମାନ ପର୍ଯ୍ୟନ୍ତ ଦୁହେଁ ସେମାନଙ୍କ ସମ୍ପର୍କକୁ ସହଜରେ ଗ୍ରହଣ କରିନାହାଁନ୍ତି। କିନ୍ତୁ ସେମାନଙ୍କୁ ପ୍ରାୟତଃ ଅନେକ ସ୍ଥାନରେ ସ୍ପଟ୍ କରାଯାଇଛି। ପୂର୍ବରୁ ଉଭୟଙ୍କର କିଛି ଫଟୋ ଭାଇରାଲ ହୋଇଥିଲା। ନିକଟରେ ରଶ୍ମିକା ଏକ ସାକ୍ଷାତକାରରେ ତାଙ୍କ ସମ୍ପର୍କକୁ ନେଇ କିଛି କହିଛନ୍ତି। ଯେତେବେଳେ ତାଙ୍କୁ ପଚରାଗଲା କି ସେ ସିଙ୍ଗଲ୍ ଅଛନ୍ତି କି ନାହିଁ, ସେ ନିଜକୁ 'ପାର୍ଟନର୍' ବୋଲି କହିଥିଲେ। କାହା ସହ ସମ୍ପର୍କରେ ଅଛନ୍ତି ବୋଲି ହିଣ୍ଟ ଦେଇଥିଲେ। ରଶ୍ମିକା ଆହୁରି କହିଛନ୍ତି, "ଘର ମୋର ଖୁସିର ସ୍ଥାନ। ମତେ ଯେତେ ନେମ୍ ଫେମ୍ ମିଳୁ ପଛେ, ମୁଁ କିନ୍ତୁ ଗୋଟିଏ ଝିଅ, ଭଉଣୀ ଏବଂ ସାଥୀଟିଏ। ଜଣେ ପାର୍ଟନର୍ ପାଖରେ ତାଙ୍କୁ କ'ଣ ସବୁଠାରୁ ଅଧିକ ଆକର୍ଷଣ କରେ ଏନେଇ ସେ କହିଛନ୍ତି, "ମୁଁ ସେହି ଲୋକମାନଙ୍କ ପ୍ରତି ଆକର୍ଷିତ, ଯାହା ପାଖରେ ସୁନ୍ଦର ହସ ଅଛି ଏବଂ ଯେଉଁମାନେ ସେମାନଙ୍କ ଆଖପାଖରେ ଥିବା ଲୋକଙ୍କୁ ସମ୍ମାନ କରନ୍ତି।

## ସୌଭାଗ୍ୟ ପାଇଁ ଆପଣାନ୍ତୁ ଏହି ଉପାୟ

ଜୀବନ ନୌକା ଅତିବାହିତ କଲାବେଳେ ଅନେକ ଆହ୍ୱାନ ଓ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିଥାଏ। ଜୀବନରେ ସୌଭାଗ୍ୟ ଓ ଦୁର୍ଭାଗ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। କୌଣସି ଧର୍ମାଶ୍ରିତ ହେଲେ ବା କେବଳ ମଠ ମନ୍ଦିର ଯାଇ ଆଧ୍ୟାତ୍ମିକ କାର୍ଯ୍ୟକଲେ ଯେ ଜଣେ ସୌଭାଗ୍ୟ ପ୍ରାପ୍ତ ହେବ ସେପରି କିଛି ମାନେ ନାହିଁ। ଈଶ୍ୱରଙ୍କ ପ୍ରତି ସମର୍ପଣ ଭାବନା ରଖି ସମାଜସେବାରେ ପ୍ରତିଟି ମୁହୂର୍ତ୍ତ ବିନିଯୋଗ କଲେ ଆପଣଙ୍କୁ ସୌଭାଗ୍ୟ ପ୍ରାପ୍ତ ହୋଇପାରିବ। ତେବେ ସୌଭାଗ୍ୟ ପ୍ରାପ୍ତ ହେବା ପାଇଁ ସର୍ବନିମ୍ନ କିଛି ଉପାୟ...

- ଗୁରୁପୁଷ୍ୟା ଅବା ରବିପୁଷ୍ୟା ଯୋଗରେ ବରପତ୍ର ଆଣି ହଳଦିରେ ସ୍ୱସ୍ତିକ ଚିହ୍ନ କରି ଘରେ ରଖନ୍ତୁ।
- ଘରର ମୁଖ୍ୟଦ୍ୱାର ଉପରେ ଭଗବାନ ଶ୍ରୀଗଣେଶଙ୍କ ପ୍ରତିମା ଅବା ଚିତ୍ର ଲଗାନ୍ତୁ। ଠାକୁରଙ୍କ ମୁହଁ ଘର ଭିତରକୁ ରହିବ। ପ୍ରତିଦିନ ସକାଳୁ ଏହି ଠାକୁରଙ୍କ ପାଖରେ ଦୁବ ନିଶ୍ଚୟ ଦେବେ।
- ମା'ଲକ୍ଷ୍ମୀ ସହିତ ଭଗବାନ ବିଷ୍ଣୁଙ୍କ ଯୁଗଳ ମୂର୍ତ୍ତି ପୂଜା କରନ୍ତୁ। ପୂଜା ପରେ ଛୋଟପିଲା ଓ ଭିକାରୀଙ୍କୁ ଭୋଜନ ଦାନ କରନ୍ତୁ। ଏହାଦ୍ୱାରା ସମସ୍ତ ଦୁଃଖ ଦୂର ହୋଇଯିବ।
- ନୂଆକାର୍ଯ୍ୟ, ବ୍ୟବସାୟ, ଚାକିରି, ରୋଜଗାର ଆଦି ଶୁଭ କାର୍ଯ୍ୟରେ ବାହାରିବା ପୂର୍ବରୁ ଘରର କୌଣସି ମହିଳା ଏକମୁଠା କଳା ବିରି ପକାଇ ଏହାକୁ ଭୂମିରେ ଛିଞ୍ଚାଡ଼ି ଦିଅନ୍ତୁ। ଏହାଦ୍ୱାରା ସଫଳତା ମିଳିବ।
- ଗରିବ, ଅସହାୟ, ରୋଗୀ ଅବା କିନ୍ନରଙ୍କୁ ସହାୟତା ପାଇଁ ଦାନ କରନ୍ତୁ। ଯଦି ସମ୍ଭବ କିନ୍ନରଙ୍କୁ ଦେଇଥିବା ଟଙ୍କାରୁ ଏକ କଏନ ଆଣି ଆପଣଙ୍କ ମନିପର୍ସରେ ରଖନ୍ତୁ। ଏହାଦ୍ୱାରା ବହୁତ ଲାଭ ହୋଇଥାଏ।
- କଳା ହଳଦି ଖଣ୍ଡ ଶୁଭ ମୁହୂର୍ତ୍ତରେ ଘରେ, ବ୍ୟବସାୟୀମାନେ କ୍ୟାସ ବକ୍ସ ରଖନ୍ତୁ।





## ଛୁରାମାଡ଼ ଘଟଣା ପରେ ଦୁଇପୁଅଙ୍କ ପାଇଁ ସୈଫ-କରିନା ନେଲେ ଏଭଳି ନିଷ୍ପତ୍ତି

ବଲିଉଡ ଅଭିନେତା ସୈଫ ଅଲ୍ଲୀ ଖାନଙ୍କ ଉପରେ ଛୁରାମାଡ଼ ହେବା ଘଟଣା ପରେ ଖାନ ପରିବାର ଓ ଘରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରି ଦିଆଯାଇଛି। ସମ୍ପ୍ରତି ଖାନ ପରିବାର ନିଜର ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶିତ ରିପୋର୍ଟ ମୁତାବକ, 'ସୈଫ ଅଲ୍ଲୀ ଖାନ ଓ କରିନା କପୁରଙ୍କ ପିଆର୍ ଜାନୁଆରୀ ୨୮ ତାରିଖରେ ଗଣମାଧ୍ୟମକୁ ସାକ୍ଷାତକାର କରି କହିଛନ୍ତି, ସୈଫ ଓ କରିନାଙ୍କ ପକ୍ଷରୁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି କି ଆଗାମୀ ଦିନରେ ଖାନ ପରିବାରର ଦୁଇପୁଅ ତୈମୁର ଓ ଜହାଙ୍ଗୀରଙ୍କ ଫଟୋ ଓ ଭିଡିଓ କୈଦ କରିବେ ନାହିଁ। ସେ ଜନ୍ମଦିନ ପାର୍ଟି ହେଉ କି କୌଣସି ସ୍ଥାନରେ ଖେଳୁଥିବା ସମୟରେ ପିଲାଙ୍କ ଫଟୋ ଉଠାଇ ପାରିବେ ନାହିଁ। ଏଥିପ୍ରତି ସୈଫ ପ୍ରତିବନ୍ଧକ ଲାଗୁ କରିଛନ୍ତି। ଏପରିକି ତାଙ୍କ ଘର ତଳେ ଛିଡ଼ା ହେବାକୁ ବାରଣ କରିଛନ୍ତି। ସେ କରିନା ଓ ସୈଫ ଘରୁ ବାହାରିବା ସମୟରେ ହେଉ କିମ୍ବା ଆସିବା ବେଳେ ଗଣମାଧ୍ୟମ ଉଭୟଙ୍କ ଫଟୋ ଓ ଭିଡିଓ ନେବା ପାଇଁ ହଇରାଣ ନକରନ୍ତୁ।'



## ଘରେ କ'ଣ କ'ଣ ରଖିବେ ନାହିଁ

ସଂସାର ଭିତରେ ଘର କରିଥିଲେ, ଘରେ ଅନେକ ଜିନିଷ ରଖିବାକୁ ପଡ଼ିଥାଏ। ଆପଣଙ୍କ ବ୍ୟକ୍ତିଗତ ଜୀବନ ହେଉ କିମ୍ବା ଆଧ୍ୟାତ୍ମିକ ଜୀବନ। ତେବେ ଘରେ ସମସ୍ତ ଜିନିଷ ରଖିବା ଶୁଭକାରକ କିମ୍ବା ମଙ୍ଗଳକାରକ ହୋଇଥାଏ କି ନାହିଁ ଏ ନେଇ ତର୍କବିତର୍କ ଆଲୋଚନା ଲୋକମାନଙ୍କ ଭିତରେ ସ୍ୱାଭାବିକ ଭାବେ ଉଠିଥାଏ ଏ ନେଇ ଆଜିର ଛୋଟିଆ ଉପସ୍ଥାପନା....



- ଭାଙ୍ଗି ଯାଇଥିବା ବାସନ, ଦର୍ପଣ, ଇଲେକ୍ଟ୍ରୋନିକ ସାମଗ୍ରୀ, ଫର୍ଣ୍ଣିଚର, ଘଡ଼ି, ଦୀପ, ଝାଡୁ, ମଗ, କପ୍ ଆଦି କୌଣସି ସାମଗ୍ରୀ ଘରେ ରଖିଲେ ଅଶୁଭ। ଏହାଦ୍ୱାରା ଘରେ ନକାରାତ୍ମକ ଶକ୍ତି ଉତ୍ପନ୍ନ ହେବା ସହ ବାସ୍ତୁ ଦୋଷ ଦେଖାଯାଏ।
- ମହାଭାରତ ଯୁଦ୍ଧ ଫଟୋ, ନଟରାଜ ମୂର୍ତ୍ତି, ତାଜମହଲ ଚିତ୍ର, ବୁଡ଼ିଯାଉଥିବା ଜାହାଜ, ଜଙ୍ଗଲ ପଶୁ ଓ କଣ୍ଟାଯୁକ୍ତ ବୃକ୍ଷର ଚିତ୍ର ଘରେ ରଖନ୍ତୁ ନାହିଁ। କୁହାଯାଏ ଏହି ସବୁ ଚିତ୍ର ଦେଖିବା ଦ୍ୱାରା ମନଉପରେ ଖରାପ ପ୍ରଭାବ ପଡ଼ିଥାଏ। ପ୍ରତିଦିନ ଏହି ଚିତ୍ରକୁ ଦେଖିଲେ ନକାରାତ୍ମକ ଭାବନା ବିକାଶ ହୋଇଥାଏ।
- ଛିଣ୍ଡା ଚପଲ ରଖିବା ଅତ୍ୟନ୍ତ ଅଶୁଭ।
- ବାସ୍ତୁ ଅନୁଯାୟୀ ଘର ଛାତରେ ପଡ଼ିଥିବା ଅଳିଆ ଅଶୁଭ। ଏହା ପରିବାର ଉପରେ ଖରାପ ପ୍ରଭାବ ପକାଏ। ଘର ଛାତ ଉପରେ ଅଦରକାରୀ ସାମଗ୍ରୀ ରଖିବା ଦ୍ୱାରା ପିତୃ ଦୋଷ ଉତ୍ପନ୍ନ ହୁଏ ବୋଲି କୁହାଯାଏ।
- ଫଟା ପର୍ସ ଓ ଭଙ୍ଗା ଟ୍ରେଜେରୀ ରଖନ୍ତୁ ନାହିଁ। ପର୍ସ ଓ ଟ୍ରେଜେରୀରେ ଧାର୍ମିକ ଓ ପବିତ୍ର ବସ୍ତୁ ରଖନ୍ତୁ ଯାହାକୁ ଦେଖି ସକାରାତ୍ମକ ଶକ୍ତି ବୃଦ୍ଧି ହୁଏ, ଯାହା ଦେଖି ମନ ପ୍ରସନ୍ନ ହୋଇଥାଏ।
- ବହି ଓ ଛୋଟମୋଟ ସାମଗ୍ରୀ ରଖିବା ପାଇଁ ବ୍ୟବହାର କରାଯାଉଥିବା ଆଲମିରାରେ କବାଟ ନଥିଲେ ଅଶୁଭ। ଖୋଲା ଆଲମାରି ଘରେ ରଖିଲେ କାମରେ ବାଧା ସୃଷ୍ଟି ହୁଏ ଓ ଧନ ପାଣି ପରି ବୋହି ଯାଇଥାଏ।
- ଦେବୀଦେବତାଙ୍କ ଫାଟି ଯାଇଥିବା ଫଟୋ, ଭଙ୍ଗାମୂର୍ତ୍ତି ଓ ଉଇ ଲାଗିଥିବା ଫଟୋ ଘରେ ରଖନ୍ତୁ ନାହିଁ । ଏହାକୁ ନଦୀରେ ବିସର୍ଜନ କରିଦିଅନ୍ତୁ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଶିକ୍ଷାଧିନ କଙ୍କିଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଚଳିତ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଅଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରଣୀ କୁମାର ସିଂହଙ୍କ ସଭାପତିତ୍ୱରେ ଏହି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ଦେହୁରୀ, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ସମ୍ମାନିତ ଅତିଥି ଭାବେ ରାଧାକୃଷ୍ଣ ଜୀଉ ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟତ୍ରୀ କୁମୁଦିନୀ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ମକର ଚାନ୍ଦ ସାହୁ, ମଞ୍ଚାସିନ ହୋଇ ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟରେ ଆବଶ୍ୟକ ଥିବା ଶିକ୍ଷକ ଏବଂ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପେଣ୍ଡାଲ ପାଇଁ ପ୍ରଧାନ ଶିକ୍ଷକ ସିଂହ ମୁଖ୍ୟ ଅତିଥିଙ୍କୁ ଜଣାଇଥିଲା ବେଳେ, ତାହା କାର୍ଯ୍ୟକାରୀ କରିବା ପାଇଁ ଅତିଥିମାନେ ସାତଦିନ ମଧ୍ୟରେ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ସହଯୋଗ କରିଥିବା ବେଳେ, ମଞ୍ଚ ସଞ୍ଚାଳନ ଓ ଧନ୍ୟବାଦ ଅର୍ପଣ ଦାୟିତ୍ୱ ଶିକ୍ଷକ ବରୁଣ କୁମାର ସାହୁ ନିର୍ବାହ କରିଥିଲେ।

# ତିହିଡ଼ି ମହୋତ୍ସବ ଉଦ୍‌ଘାଟିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମହୋତ୍ସବ କମିଟି ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଉଦ୍‌ଘାଟକ ଭାବେ ଯୋଗ ଦେଇ ମହୋତ୍ସବକୁ ଉଦ୍‌ଘାଟନ କରି କହିଥିଲେ ଯେ, ସଂସ୍କୃତି ଓ ପରମ୍ପରାକୁ ମହୋତ୍ସବ ଉଜ୍ଜୀବିତ କରି ରଖେ। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ଭଦ୍ରକ ଜିଲା ଭାଇଚାରାର ଗୁରୁତ୍ୱ ବହନ କରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡ଼ିଓ ଜ୍ୟୋତିର୍ମୟ କର, ସମିତିସଭ୍ୟା ଜ୍ୟୋତ୍ସ୍ନାରାଣୀ ଜେନା, ସିଆରଏସ ହାଇସ୍କୁଲ ପ୍ରଧାନ ଶିକ୍ଷକ ସମରେନ୍ଦ୍ରନାଥ ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ମହୋତ୍ସବ କମିଟି ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ଲକ୍ଷ୍ମୀଧର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଡ. ଅମୂଲ୍ୟ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରବଚିକା ବିଶ୍ୱମୈତ୍ରୀ ନାୟକ ବେଦପାଠ କରିଥିବା ବେଳେ କଣ୍ଠଶିଳ୍ପୀ ବଙ୍କିମ ଚନ୍ଦ୍ର ନାୟକ ଏବଂ ପଞ୍ଚାନନ ଦତ୍ତଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯାଇଥିଲା। କୁନି ପ୍ରବଚକ କେଶବ ଦୀତିକୃଷ୍ଣ ପ୍ରବଚନ ଦେଇଥିଲେ। ବିଭିନ୍ନ ସ୍କୁଲର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମାଜସେବୀ ଧୀରେନ୍ଦ୍ର ସାହୁ, ଗିରିଜାରମଣ ଜେନା, ଅମର ଜେନା, ପ୍ରଭାତ ଜେନା, ମନୋଜ ପାଣିଗ୍ରାହୀ, ମନୋଜ ସେନାପତି, ପ୍ରିୟବ୍ରତ ପାଢ଼ୀ, ମୃତ୍ୟୁଞ୍ଜୟ ଦାସ, ସଂଜୟ କୁମାର ଦାସ, ଦୟାନିଧି ସାହୁ, ବିସ୍ମୟ ବିହାରୀ ସାହୁ ପ୍ରମୁଖଙ୍କ ସମେତ ମହୋତ୍ସବ କମିଟି, ଶ୍ୟାମାକ୍ଲବ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସଦସ୍ୟମାନେ ଉଦ୍‌ଘାଟନ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଅଦ୍ୱିକା ଯୋଜନାରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ




ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): କିଶୋରୀ ସଶକ୍ତିକରଣ ଓ ବାଲ୍ୟବିବାହ ନିରାକରଣ ନିମନ୍ତେ ରାଜ୍ୟ ସରକାରଙ୍କ ଅଦ୍ୱିକା ଯୋଜନା ଅଧୀନରେ ବୁଧବାର ନନ୍ଦାହାଣ୍ଡି ବ୍ଲକ୍‌ର ସମନ୍ୱିତ ଶିଶୁବିକାଶ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆନୁଷ୍ଠିତ ହୋଇଯାଇଛି। କିଶୋର ଓ କିଶୋରୀମାନଙ୍କର ଅର୍ନ୍ତନିହିତ ପ୍ରତିଭାର ପରିପ୍ରକାଶ ନିମନ୍ତେ ହୋଇଥିବା କାର୍ଯ୍ୟକ୍ରମକୁ ନବରଙ୍ଗପୁର ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲାପାଳ ଡ. ମହାପାତ୍ର ନିଜର ବକ୍ତବ୍ୟରେ କହିଲେ ସମସ୍ତ କିଶୋରୀମାନେ ପ୍ରତିଭା ସମ୍ପର୍ଣ୍ଣ। ଅନୁକୂଳ ଓ ପ୍ରତିକୂଳ ପରିବେଶ ମଧ୍ୟରେ ଦେଶରେ କିଶୋରୀମାନେ ନିଜର ପ୍ରତିଭା ପାଇଁ ଆଜି ସାମାଜରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ଯାହା ଆଇନଗତ, ସ୍ୱାସ୍ଥ୍ୟଗତ ଓ ସାମାଜିକ ସ୍ତରରେ ଗ୍ରହଣୀୟ ନୁହଁ ତାହାକୁ ନ କରିବା ପାଇଁ ଉପସ୍ଥିତ କିଶୋରୀମାନଙ୍କୁ ପ୍ରରାମର୍ଶ ଦେଇଥିଲେ। କିଶୋରୀମାନେ ନିଜର ପ୍ରତିଭା ଦ୍ୱାରା ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ୱନଶୀଳ ହୋଇ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ଆଣିବା ପାଇଁ କିଶୋରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ମହାତ୍ମା ଗାନ୍ଧୀ ଯେପରି ରାଜା ହରିଶ୍ଚନ୍ଦ୍ର ନାଟକ ଦେଖି ଜୀବନରେ ସତ୍ୟର ପୂଜାରୀ ହୋଇ ପାରିଥିଲେ, ସେହିପରି ଅଦ୍ୱିକା ବୈଠକରେ ଯେଉଁସବୁ ବିଷୟ ଆଲୋଚନା ହେଉଛି ତାହାକୁ ବାସ୍ତବ ଜୀବନରେ ପାଳନ କରିବା ପାଇଁ କିଶୋରକିଶୋରୀମାନଙ୍କୁ ପ୍ରରାମର୍ଶ ଦେଇଥିଲେ। ଆହ୍ୱନଏଡର ଜିଲ୍ଲା ପରାମର୍ଶଦାତା ଫକିରଚରଣ ରାଉତଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ନିଜର ବକ୍ତବ୍ୟରେ କିଶୋରୀ ସଶକ୍ତିକରଣ ଓ ବାଲ୍ୟବିବାହ ନିରାକରଣ ଉପରେ ଅଦ୍ୱିକା ବୈଠକର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିବା ବେଳେ ନନ୍ଦାହାଣ୍ଡି ବ୍ଲକର ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ୧୧ରୁ ୧୯ବର୍ଷ ବୟସର ୩୦୦ କିଶୋରକିଶୋରୀ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗୀତା, ଏକକ ଅଭିନୟ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗୀତା କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରଯାଇଥିଲା। ବିଚାରକ ଭାବରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍ତମା ହରିଜନ, ସାମ୍ବାଦିକ ପ୍ରଭଞ୍ଜନ ତ୍ରିପାଠୀ, ସୁପରଭାଇଜର ମନିକା ସରକାର, ଶାନ୍ତିଲତା ଭୂମିଆଁ, ସଂଗୀତା ଦାସ, ନିକିସା ନାୟକ, ମମତା ସଂଯୋଜିକା ସୁପ୍ରଭା ତ୍ରିପାଠୀ, ପୋଷଣ ସଂଯୋଜକ ଚରଣସିଂ ବିଶି, ଓ୍ୱାନଷ୍ଟପ କିଶୋରୀ ପଟ୍ଟନାୟକ , ଶୋଭା ଅନୁଷ୍ଠାନର ଭୂମୀ ସତନାମୀ ପ୍ରମୁଖ କୃତି ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ, ପିରାମଲ ଫାଉଣ୍ଡେସନ ସଂଯୋଜକ ବିକ୍ରମ ରଣା, ମିସନ ଶକ୍ତି ହବରୁ ସରିତା ପାଣି, ପ୍ରୀତି ବାଗ, ରବୀନ୍ଦ୍ର ମିଶ୍ର, ହୀମାନ ଗୌଡ଼, ପ୍ରଶାନ୍ତ ନାଗ, ସୁମିତ ରାଜମିଶନ ଗ୍ରାହମ, ସୁସ୍ମିତା ପାତ୍ର ପ୍ରମୁଖ ଉପସ୍ଥିତ ରହି କିଶୋରକିଶୋରୀ ମାନଙ୍କୁ ଉତ୍ସାହିତ କରିଥିଲେ।

## ୧୭୭ ମଣ୍ଡି ମାଧ୍ୟମରେ ୩୭୨୭୨୨ କ୍ୱିଣ୍ଟାଲ ଧାନ କ୍ରୟ

ପୁରୀ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲାର ସମସ୍ତ ୧୧ଗୋଟି ବ୍ଲକରେ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନେ ବିଭିନ୍ନ ବ୍ଲକ୍ ଦାୟିତ୍ୱରେ ରହି ଧାନ ସଂଗ୍ରହ କୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି। ଯୋଗାଣ ଅଧିକାରୀ,ସମବାୟ ସମିତିର କର୍ମକର୍ତ୍ତା ଓ ଆର ଏମ ସି ପକ୍ଷରୁ କୃଷକ ମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର କୃଷକ ମାନେ ଧାନ ବିକ୍ରିରେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନହୁଅନ୍ତି ସେଥିପାଇଁ ସଜାଗ ରହି ପଦକ୍ଷେପ ନେବାକୁ ଜିଲ୍ଲାପାଳ ସ୍ୱାଇଁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ପଞ୍ଜିକୃତ ୪୮୯୬୪ କୃଷକଙ୍କ ଠାରୁ ୧୧୬୮୬୦୨ କ୍ୱିଣ୍ଟାଲ ୯୪ କି.ଗ୍ରା ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ଚଳିତ ମାସ ୨୯ ତାରିଖ ସୁଦ୍ଧା ୧୮୭ଟି ମଣ୍ଡି ମଧ୍ୟରୁ ଖୋଲାଯାଇ ଥିବା ୧୭୭ଟି ମଣ୍ଡିରେ ୮୫୪୨ କୃଷକଙ୍କ ଠାରୁ ୩୭୨୭୨୨ କ୍ୱିଣ୍ଟାଲ ୧୩ କି.ଗ୍ରା ଧାନ ସଂଗ୍ରହ ହୋଇଛି।

## ନିର୍ବାଚନମଣ୍ଡଳୀ ସ୍ତରୀୟ ଯୁବ ଓ ଛାତ୍ର କଂଗ୍ରେସର ବୈଠକ




କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ୍ ମା'କୁଣ୍ଡାମଚଣ୍ଡୀ ପୀଠରେ କାକଟପୁର ନିର୍ବାଚନ ମଣ୍ଡଳୀର ଯୁବ ଓ ଛାତ୍ର କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକ କାର୍ଯ୍ୟକାରୀ ସଭାପତି ଜଶୋବନ୍ତ ନାରାୟଣ ମହାନ୍ତିଙ୍କ ସଭାପତୀତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ କଂଗ୍ରେସର ପୂର୍ବତନ ବିଧାୟକ ପ୍ରାର୍ଥୀ ବିଶ୍ୱଭୁଷଣ ଦାସ, ବରିଷ୍ଠ ଆଇନଜୀବୀ ପ୍ରଫୁଲ କୁମାର ନାୟକ, ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ତପନ କୁମାର କାଣ୍ଡି, ଅତିବୁର ରହେମାନ, ଶେଖ ଲିୟାକତ, ରଜନୀ କାନ୍ତ ପଣ୍ଡା, ଶ୍ରୀକାନ୍ତ ରାଉତରାୟ, ମିଥୁନ କାଣ୍ଡି ପ୍ରମୁଖ ବିଭିନ୍ନ ବ୍ଲକର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସର୍ବସମ୍ମତି କ୍ରମେ କାକଟପୁର ନିର୍ବାଚନ ମଣ୍ଡଳୀ ସଭାପତି ଇରାକ ପାତ୍ର, ବ୍ଲକ୍ ସଭାପତି ଖିରୋଦ ଭୋଇ, ଅସ୍ତରଙ୍ଗ ବ୍ଲକ୍ ସଭାପତି ସୂର୍ଯ୍ୟକାନ୍ତ, ଗୋପ ବ୍ଲକ୍ ସଭାପତି ଦେବେନ୍ଦ୍ର ପ୍ରଧାନ, କୋଣାର୍କ ପାଇଁ ଚନ୍ଦନ ଲେଙ୍କା ମନୋନୀତ ହୋଇଥିଲେ। ଆଗାମୀ ନିର୍ବାଚନରେ କଂଗ୍ରେସ ସଙ୍ଗଠନକୁ ମଜବୁତ କରିବା ପାଇଁ ସମସ୍ତ କର୍ମୀ, ନିର୍ବାଚିତ ସଭାପତିମାନେ ଶପଥ ନେଇଥିଲେ।

## ବଚପନ ବିଦ୍ୟାଳୟରେ ବାର୍ଷିକ ଉତ୍ସବ, ଜଙ୍ଗଲ ସଫାରୀ ପାଳିତ

ବାରିପଦା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଶହୀଦ ସ୍ମୃତି ଭବନ ପରିସରରେ ବଚପନ ବିଦ୍ୟାଳୟର ଅଧକ୍ଷା ମିନାକ୍ଷୀ ପାତ୍ରଙ୍କ ପୌରହିତ୍ୟରେ ବାର୍ଷିକଉତ୍ସବ ପାଳିତ ହେଇଯାଇଛି। ମୟୁରଭଞ୍ଜ ଜିଲ୍ଲାର ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ମୁଖ୍ୟ ଅତିଥି ଏବଂ ମୁଖ୍ୟ ବକ୍ତା ଭାବରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ ମହାବିଦ୍ୟାଳୟ ର ଅତିରିକ୍ତ ଡିନ ପ୍ରଫେସର ରିତାଞ୍ଜଳୀ ବେହେରା ଯୋଗ ଦେଇ ପିଲାଙ୍କୁ ନୈତିକ ମୂଲ୍ୟବୋଧ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ମ୍ୟାନେଜମେଣ୍ଟ ଟ୍ରଷ୍ଟି ସ୍ୱରୂପ କୁମାର ଦାସ ଏବଂ ଟ୍ରଷ୍ଟି ମାନଙ୍କ ମଧ୍ୟରେ ସୌମେନ ମହାନ୍ତି , ଶୁଭସ୍ମିତା ମହାନ୍ତି, ଶୁଭ୍ରାନ୍ତି ମହାନ୍ତି, ଅମିତ କୁମାର ବେହେରା କାର୍ଯ୍ୟକ୍ରମକୁ ସଫଳ କରାଇବାରେ ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଅବସରରେ କୁନିକୁନି ପିଲାଙ୍କ ଦ୍ୱାରା ଖୁବ ସୁନ୍ଦର ଭାବରେ ନୃତ୍ୟ ପରିବେଷଣ ହୋଇ ଥିଲା। ପରିଶେଷରେ ଜାହ୍ନବି ଭଞ୍ଜ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଯାଜଭୈରବ ନୂଆଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ଦ୍ୱାରା ନିପୁଣ ଓଡ଼ିଶା ମେଳା ଆଗ୍ରାହାଟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାଧନ କେନ୍ଦ୍ର ସଂଯୋଜକ ଶିବାନନ୍ଦ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ରାଉତ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଷମା କୁମାରୀ ଦେଇ, ସମାଜସେବୀ ସହଦେବ ବରାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗଳ୍ପକଥନ, ଭାଷା ଦକ୍ଷତା, ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଶିଶୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସରଳ ଭାବେ ଗ୍ରହଣ କରି ନିଜର ପ୍ରତିଭାକୁ ପ୍ରସାର କରିବା, ପୁଣି ଆଗାମୀ ଶ୍ରେଣୀରେ ସରଳ ଭାବେ ଗ୍ରହଣ କରି ନିଜକୁ ଶିକ୍ଷାର ଗୁଣାତ୍ମକ ବିକାଶ କରିବା ନିପୁଣ ଓଡ଼ିଶାର ଲକ୍ଷ୍ୟ ବୋଲି ସଂଯୋଜକ ମଲ୍ଲିକ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସନାତନ ଦେହୁରୀ, କରୁଣାକର ବେହେରା, ପବିତ୍ର କୁମାର ଦେବତା, ସରୋଜ କୁମାର ଦେହୁରୀ, ସାଇନ୍ କୁମାର ବିଶୀ, ଅଜୟ ଦେହୁରୀ, ମୀନାକ୍ଷୀ ଦାସ, ସୁନେତ୍ରୀ ନାୟକ, ରୋଜାଲିନ୍ ନାୟକ, ସୁଜାତା କାନୁନ୍‌ଗୋ, ଆରତୀ କୁମାରୀ ସ୍ୱାଇଁ, ପଦ୍ମାଳୟା ରଥ ପମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରଞ୍ଜିତା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁରୂପ ଭାବେ ଟାଙ୍ଗୀ ସର୍ଦ୍ଦୋଳା ସ୍ଥିତ ନିଗମାନନ୍ଦ ନୋଡ଼ାଲ ହାଇସ୍କୁଲରେ ବନ୍ଦାଳ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ୧ମ, ୨ୟ ଓ ୩ୟ ଶ୍ରେଣୀର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ଦେହୁରୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ, ମୁଖ୍ୟବକ୍ତା ବିଭୂତି ଭୂଷଣ ସାହୁ, ସମ୍ମାନିତ ଅତିଥି ଭାବେ ହରିଅନ୍ତା ସରପଞ୍ଚ ସୋଫିଆ ବିବି ଓ ପରିଚାଳନା କମିଟି ଅଧକ୍ଷ ଗୌରାଙ୍ଗ ସ୍ୱାଇଁ ଯୋଗ ଦେଇଥିଲେ। ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବା ବେଳେ ସିଆରସିସି ଅକ୍ଷୟ ହାତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରକାରୀ ଜମିରେ ବେଆଇନ ଇଟାଭାଟି



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସହର ନିକଟବର୍ତ୍ତୀ ଅଞ୍ଚଳରେ ମାଳମାଳ ବେଆଇନ ଇଟାଭାଟି ପରିବେଶକୁ ଅସନ୍ତୁଳିତ କରିବାରେ ଲାଗିଛି। କେନ୍ଦୁଝର ସଦର ତହସିଲ ନରଣପୁର-ହରିଡାଗୋଠ ଯିବା ରାସ୍ତାର ବାମ ପାର୍ଶ୍ୱରେ ଥିବା ସରକାରୀ ଜମିରେ ବହୁ ସଂଖ୍ୟାରେ ନାଲି ଇଟାଭାଟି ତିଆରି ଚାଲିଛି। ମଣ୍ଡୁଆ ରାଜସ୍ୱ ନୀରିକ୍ଷକ ଅନ୍ତର୍ଗତ ଘୁଟୁକେଶ୍ୱରୀ ଗ୍ରାମର ଖାତା ନମ୍ବର ୯୪ ପ୍ଲଟ ନମ୍ବର ୧୧୪୨ରେ ଥିବା ସରକାରୀ ଜମିରେ ବେଆଇନ ଇଟାଭାଟି ଚାଲିଥିଲେ ହେଁ କାହାର ନଜର ନାହିଁ। ବେଆଇନ ଇଟାଭାଟି ଯୋଗୁଁ ବାୟୁମଣ୍ଡଳ ପ୍ରଦୂଷଣ ହେଉଛି। ସରକାରୀ ଜମି ମାଟି ଖୋଳି ବଡ଼ବଡ଼ ଗର୍ତ୍ତ କରୁଥିବାରୁ ଗର୍ତ୍ତଗୁଡ଼ିକ ବିପଦସଙ୍କୁଳ ହୋଇପଡ଼ିଛି, ଯାହା ପାଇଁ ଦିନକୁ ଦିନ ମାଟି ଓ ବାଲି ଚୋରି ବୃଦ୍ଧି ପାଉଥିବା ବେଳେ ସରକାରଙ୍କ ରାଜସ୍ୱ ହାନୀ ହେଉଛି। ବାହାର ରାଜ୍ୟର ଶ୍ରମିକମାନଙ୍କୁ କମ ମଜୁରୀ ଦେଇ ଇଟାଭାଟିରେ କାମ କରାଯାଉଛି। ବନ୍ୟପ୍ରାଣୀ ଏବଂ ଗୋରୁଗାଈଙ୍କ ପାଇଁ ଜୀବନହାନୀ ହେବାର ଆଶଙ୍କା ଦେଖାଦେଇଛି। ଇଟାଭାଟି ନିଆଁରେ ଆଖପାଖ ଅଞ୍ଚଳରେ ତାପମାତ୍ରା ବୃଦ୍ଧିପାଉଛି। ଇଟାଭାଟିରୁ ନିର୍ଗତ ଧୂଆଁରେ ଅଞ୍ଚଳବାସୀ ମାନେ ଅଣନିଶ୍ୱାସୀ ହୋଇ ପଡ଼ିଲେଣି। ଇଟା ବ୍ୟବସାୟୀମାନେ କାନୁନ୍‌କୁ ଅଣଦେଖା କରି ସରକାରୀ ଜମି, ଜଙ୍ଗଲ ଜମିରେ ଇଟା ଭାଟି କରି ପରିବେଶକୁ ନଷ୍ଟ କରୁଛନ୍ତି। ରାଜସ୍ୱ ଏବଂ ଖଣି ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କିମ୍ବା ଜରିମାନା ହେଉ ନଥିବାରୁ ସଦର ତହସିଲର ବିଭିନ୍ନ ଅଞ୍ଚଳ ଏବେ ନାଲି ଇଟା ମାଫିଆଙ୍କ ପେଣ୍ଠସ୍ଥଳ ପାଲଟିଛି। ଖଣି ଓ ରାଜସ୍ୱ ବିଭାଗର ଅଧିକାରୀମାନେ ବେଆଇନ ଇଟାଭାଟି ସମ୍ପର୍କରେ ଜାଣି ଚେଇଁ ଶୋଇଥିବା ବେଳେ ପ୍ରଶାସନ ଜାଣି ନଜାଣିଲା ଭଳି ଅଭିନୟ କରୁଛି । କେନ୍ଦୁଝର ଜିଲ୍ଲା ମଧ ଦେଇ ଯାଇଥିବା ଜାତୀୟ ରାଜପଥ ୨୦ ଓ ୪୯ନମ୍ବର କଡ଼ରେ ଥିବା ଘୁଟୁକେଶ୍ୱରୀ, ନରଣପୁର, ଗୁହାଳଚଟୁଆ, ଗୋପାଳପୁର, ନରଣପୁର, ରାଙ୍କି, ସିଦ୍ଧମଠ, ଚାନ୍ଦମାରୀ, ଶଙ୍କରପୁର, ତୁରୁମୁଙ୍ଗା ଅଞ୍ଚଳରେ ରାସ୍ତା ପାଶ୍ୱର୍ରେ ଅନାବାଦି, ପତିତ, ଗୋଚର, ଖେଳପଡ଼ିଆ, ଜଙ୍ଗଲଜମି, ଆଦିବାସୀ ଜମି, ନଦୀ ପଠା, କେନାଲ ବା ନିଜ ଜମିରେ ଲୋକମାନେ ଇଟାଭାଟି କରୁଥିବା ଦେଖାଯାଉଛି। ବେଆଇନ ଭାବେ ଶହଶହ ଇଟାଭାଟି ଚାଲିଥିଲେ ମଧ ଏମାନଙ୍କ ଉପରେ ଖଣି ଓ ତହସିଲ ପ୍ରଶାସନର କୌଣସି ଅଙ୍କୁଶ ନାହିଁ। ଜାନୁୟାରୀ ମାସରୁ ଅଦ୍ୟାବଧି ବ୍ୟାପକ ଇଟାଭାଟି ପୋଡ଼ା ଚାଲିଛି। ଗୋଟିଏ ଗୋଟିଏ ଗ୍ରାମରେ ୫ରୁ ୧୦ ଇଟା ଭାଟି ପୋଡା ଯାଉଥିବା ଦେଖାଯାଉଛି। ଖଣି ବିଭାଗ ତୁରନ୍ତ ଏଭଳି ଇଟାଭାଟିଗୁଡିକ ଉପରେ ଚଢାଉ କରି କାର୍ଯ୍ୟାନୁଷ୍ଠାନ ନେବା ସହ ପରିବେଶ ସୁରକ୍ଷା ଦିଗରେ ବିହୀତ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦୁଝର ସଦର, ପାଟଣା, ସାହାରପଡା, ଝୁମ୍ପୁରା, ତେଲକୋଇ, ବାଂଶପାଳ, ଘଟଗାଁ ଆନନ୍ଦପୁର ଏବଂ ହାଟଡିହି ତହସିଲ ଅଞ୍ଚଳରେ ମାଳମାଳ ନାଲି ଇଟାଭାଟି ଗଢ଼ି ଉଠୁଥିଲେ ହେଁ ଏଥିପ୍ରତି ଖଣି ଓ ରାଜସ୍ୱ ବିଭାଗ କୌଣସି ପଦକ୍ଷେପ ନେଉ ନଥିବାରୁ ଅସନ୍ତୋଷ ପ୍ରକାଶପାଇଛି। ଏନେଇ ସଦର ଲଘୁ ଖଣିଜ ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# କୋରେଇରେ ମୁଖ୍ୟମନ୍ତ୍ରୀ ପୋଷାକ ପରିଧାନ ଯୋଜନାରେ ବଡ଼ ଦୁର୍ନୀତି !

କୋରେଇ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ପୋଷାକ ପରିଧାନ ଯୋଜନାରେ ଗତ ଶିକ୍ଷାବର୍ଷ ଠାରୁ ନବମ-ଦଶମ ପିଲାମାନଙ୍କୁ ଦୁଇ ହଳ ପୋଷାକ ପାଇଁ ୫୦୦ ଟଙ୍କା ଲେଖାଏଁ ଯୋଗାଇ ଦେଉଛନ୍ତି। ଏଥିପାଇଁ ତତ୍କାଳୀନ ସରକାର ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସ୍ୱାବଲମ୍ବି କରିବା ଉଦେଶ୍ୟରେ, ସେମାନେ ଏହା ଯୋଗାଇବେ ବୋଲି କୁହାଯାଇଛି। ଏଥିପାଇଁ ଜିଲ୍ଲାରେ ଏକ କମିଟି ଗଠନ କରାଯାଇ କେଉଁ ଏସଏସଜି ବିତରଣ ଦାୟିତ୍ୱ ପାଇବ ତାହା ସ୍ଥିର ହେବ। ଏପରିକି ଯେଉଁ ବ୍ଲକରେ ପୋଷାକ ଉତ୍ପାଦନ ୟୁନିଟ ନଥିବ କମିଟି ଖୋଲା ବଜାରରୁ କିଣିବାକୁ ଅନୁମତି ପ୍ରଦାନ କରିବାର ନିୟମ ଅଛି। ଏହି ପୋଷାକ ବିତରଣ ଅଗଷ୍ଟରୁ ନଭେମ୍ବର ମାସ ମଧ୍ୟରେ ସାରିବାର ନିୟମ ବି ଅଛି। କିନ୍ତୁ ଦୁଃଖର କଥା ଶିକ୍ଷାବର୍ଷ ଶେଷ ହେଉଥିବାରୁ ଦଶମଶ୍ରେଣୀର ପିଲାମାନେ ବିଦ୍ୟାଳୟ ଛାଡ଼ିବା ସମୟ ଆଉ ପ୍ରାୟ ଏକମାସ ଅଛି। କିନ୍ତୁ ଦୁଃଖର କଥା କୋରେଇ ବ୍ଲକ୍‌ରେ କାଁ ଭାଁ ବିଦ୍ୟାଳୟକୁ ଛାଡ଼ିଦେଲ କୌଣସି ବିଦ୍ୟାଳୟରେ ଏହି ପୋଷାକ ବଣ୍ଟନ କରାଯାଇ ନାହିଁ। ଏହି ବ୍ଲକ୍‌ରେ କମିଟି ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ, (ମନୋରମା ତରାଇ) ସାନ ବିରୁଂହାକୁ ଅନୁମତି ପ୍ରଦାନ କରିଛି। ଏଠାରେ ପ୍ରଶ୍ନ ଉଠେ କେଉଁ ଆଧାରରେ ଏହି ଗୋଷ୍ଠୀକୁ ଅନୁମତି ପ୍ରଦାନ କରାଗଲା ? ଏ ନେଇ ଆମେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲୁ। ସେ କିନ୍ତୁ ଏ ସମ୍ବନ୍ଧରେ କୌଣସି ବକ୍ତବ୍ୟ ପ୍ରଦାନ କରି ନଥିଲେ। ପରେ ଏ ସମ୍ବନ୍ଧରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରି ବିଫଳ ହେଇଥିଲୁ। ଅନ୍ୟପଟେ ଏହି ଗୋଷ୍ଠୀ ପୋଷାକ ବିତରଣ ଦାୟିତ୍ୱ ଏକ ଲୁଗା ଦୋକାନୀକୁ ଦିଆଯାଇଥିବା ସୂଚନା ମିଳିଛି। ଅଭିଭାବକଙ୍କ ଠାରୁ ଅଭିଯୋଗ ହେଉଛି ଯେ, ନିମ୍ନ ମାନର ରଦୀ କପଡାର ଡ୍ରେସ କଲିକତାରୁ କିଲୋ ହିସାବରେ କିଣି ପିଲାମାନଙ୍କୁ ବିତରଣ ହେଉଛି। ଯେଉଁ ଡ୍ରେସ କି ଏକମାସ ପିନ୍ଧିବା ବି ଅସମ୍ଭବ। ଏଥିରୁ ସ୍ପଷ୍ଟ ଅନୁମେୟ କି ସରକାରୀ ଅଧିକାରୀ ବେପାରୀଙ୍କ ମଧୁ ଚନ୍ଦ୍ରିକାରେ ଚାଲିଛି ପୋଷାକ ବିତରଣ। କୋରେଇ ବିଧାୟକ, ଯାଜପୁର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଅସାଧୁ ସରକାରୀ କର୍ମଚାରୀ ଓ ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୋରେଇର ବୁଦ୍ଧିଜୀବୀମାନେ ଦାବୀ କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୬ତମ ବାର୍ଷିକ ଉତ୍ସବ ପାଳିତ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ସଦର ବଡ଼ବଜାର ସ୍ଥିତ ସର୍ବ ପୁରାତନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୬ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ତଥା ବିଦ୍ୟାଳୟର ସଭାପତି ଇଶ୍ୱର ଚନ୍ଦ୍ର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅମେରେନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ଚିତ୍ତରଞ୍ଜନ ମହାପତ୍ର, ସମ୍ମାନୀୟ ଅତିଥି ଭାବେ ନିରଞ୍ଜନ ବିଶ୍ୱାଳ, ରଶ୍ମିକାନ୍ତ ସାହୁ, ପ୍ରସନ୍ନ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗଦାନ କରିଥିଲେ। ବାର୍ଷିକ ଉତ୍ସବ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ପରିବେଷଣ କରାଯାଇଥିଲା, ଯାହାକୁ ଉପସ୍ଥିତ ଅଭିଭାବକ ଓ ଅନ୍ୟ ଛାତ୍ରଛାତ୍ରୀମାନେ ଉପଭୋଗ କରିଥିଲେ।

# ଧାନମଣ୍ଡି ପରିଦର୍ଶନ କଲେ ଜିଲ୍ଲାପାଳ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଛତ୍ରପୁର ବ୍ଲକର ବଉଳ ଗାଁ' ଓ ରୁକୁଣୀ ଗାଁ' ସୋସାଇଟି ଧାନମଣ୍ଡି ପରିଦର୍ଶନ କରି କୃଷକମାନଙ୍କର ସମସ୍ତ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହାସହ ମଣ୍ଡି ଅଧିକାରୀଙ୍କୁ ଯଥାଶୀଘ୍ର ଚାଷୀଙ୍କ ଠାରୁ ଧାନ ଉଠାଇବା ପାଇଁ ତାଗିଦ୍ କରିଥିଲେ। ଛତ୍ରପୁର ବ୍ଲକ୍‌ର ଶତକଡ଼ା ୩୭ ପ୍ରତିଶତ ଧାନ କିଣାସରିଛି ଏବଂ ସମଗ୍ର ଗଞ୍ଜାମ ଜିଲ୍ଲାର ଶତକଡା ୫୮ ପ୍ରତିଶତ ଧାନ କ୍ରୟ ସମାପ୍ତ ହୋଇଛି। ଜିଲ୍ଲାପାଳ ପରିଡ଼ା ମଣ୍ଡି ପରିଦର୍ଶନ କରି ଧାନ କିଣାକୁ ତ୍ୱରାନ୍ୱୀତ କରିବା ପାଇଁ ପରାମର୍ଶ ଦେଇଥିଲେ। ଟୋକନ୍ ଲାପସ୍ (ସମୟ ସୀମା ବିତିଯିବା) ହେବା ଗୁଜବ ପ୍ରଚାରକୁ ବିଶ୍ୱାସ ନ କରିବାକୁ ଚାଷୀ ମାନଙ୍କୁ ପରାମର୍ଶ ଦେବା ସହ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ, ସମସ୍ତ ପଞ୍ଜିକୃତ ଚାଷୀ ନିର୍ଦ୍ଧାରୀତ ସମୟ ମଧ୍ୟରେ ମଣ୍ଡିରେ ଧାନ ବିକ୍ରୟ କରିପାରିବେ। ଅବଧି ସମାପ୍ତ ହେବାକୁ ଥିବା ଧାନ କିଣା ଟୋକନ୍‌ଗୁଡ଼ିକର ସମୟସୀମା ଆଉ ୧୫ ଦିନ ବୃଦ୍ଧି କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ଚାଷୀଙ୍କର ଯେପରି କିଛି ଅସୁବିଧା ହେବନାହିଁ ସେଥିପ୍ରତି ପ୍ରଶାସନ ସଜାଗ ରହିଛି। ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ଛତ୍ରପୁର ଉପ ଜିଲ୍ଲାପାଳ ଶିବାଶୀଷ ବରାଳ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷା ମୁଣ୍ଡା, ସହକାରୀ ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ପାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଗଛରୁ ପଡ଼ି ବ୍ୟକ୍ତି ଗୁରୁତର

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଆନ୍ଧ୍ର ପ୍ରଦେଶ ପାର୍ବତୀପୁର ଜିଲ୍ଲା ନିଡି କୋଲସା ଗ୍ରାମର ଜଣେ ବ୍ୟକ୍ତି ଶ୍ରୀନୁ ତାଡିଙ୍ଗି ବନ୍ଧୁଗାଁ ବ୍ଲକ ଦାସିନୀ ଗ୍ରାମରେ ରହୁଥିବା ନିଜ ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ। ବୁଧବାର ସକାଳେ ସିଏ ଏକ ତେନ୍ତୁଳି ଗଛରେ ଚଢ଼ି ତେନ୍ତୁଳି ତୋଳୁଥିବା ବେଳେ ଉପରୁ ତଳକୁ ଖସି ପଡ଼ିଥିଲେ। ଫଳରେ ସିଏ ତଳେ ପଡିଥିବା ଦେଖି ଶ୍ୱଶୁର ଘର ଲୋକେ ତାଙ୍କୁ ଉଧାର କରି ଗୁରୁତର ଅବସ୍ଥାରେ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରି ପରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ପାଇଁ ପରାମର୍ଶ ଦେଇଥିଲେ।

# କୋଇଡ଼ା ପ୍ରେସ କ୍ଲବ୍‌ର ଦ୍ୱିବାର୍ଷିକ ଉତ୍ସବ ଉଦ୍‌ଯାପିତ

କୋଇଡ଼ା, (ଭାସ୍କର ନ୍ୟୁଜ୍): କୋଇଡ଼ା ମାଟିର ସ୍ୱର କୋଇଡ଼ା ପ୍ରେସ କ୍ଲବ୍ ୧୦ ଦିବସୀୟ ଦ୍ୱିବାର୍ଷିକ ଉତ୍ସବ ଏବଂ ସ୍ୱଦେଶୀ ମେଳା ଇତ୍ୟବସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୧୭ ତାରିଖ ସକାଳେ 'ରନ୍ ଫର୍ କୋଇଡ଼ା' ମାରାଥନ୍ କାର୍ଯ୍ୟକ୍ରମ ସ୍ଥାନୀୟ ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରାକ୍ତନ କଂଗ୍ରେସ ବିଧାୟକ ଜନାର୍ଦ୍ଦନ ଦେହୂରୀ, ପ୍ରାକ୍ତନ ବିଜେଡି ବିଧାୟକ ଭୀମସେନ ଚୌଧୁରୀ, ଜିଲ୍ଲା ପରିଷଦ ସଦସ୍ୟ ଅଶୋକ ନାଏକ, ସରପଞ୍ଚ ହୃଷିକେଶ ଦେହୂରୀ ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ସଂଧ୍ୟାରେ ରାଜ୍ୟ ବିଧାନସଭା ଉପବାଚସ୍ପତି ଭବାନୀଶଙ୍କର ଭୋଇ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶୁଭାରମ୍ଭ କରିଥିଲେ। କୋଇଡ଼ା କ୍ଲବ୍ ସମସ୍ତଙ୍କ ମଧ୍ୟରେ ଏକ ଭାଇଚାରା, ବନ୍ଧୁତ୍ୱ ସମ୍ପର୍କକୁ ଯୋଡ଼ିବାରେ ସହଯୋଗ କରୁଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ପ୍ରତ୍ୟେକ ଦିନ ଅଞ୍ଚଳର ଶିକ୍ଷାନୁଷ୍ଠାନ, ବିଭିନ୍ନ ସାଂସ୍କୃତିକ ସଂଗଠନ, ଆଇଟିଆଇ ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରି ନିଜର କଳା ନୈପୁଣ୍ୟ ଦେଖାଇବା ସହ ଦର୍ଶକ ମାନଙ୍କୁ ମୁଗ୍ଧ କରାଇଥିଲେ। ଏହି ଅବସରରେ ଅତିଥିଗଣ କହିଥିଲେ ସ୍ଥାନୀୟ ଯୁବ ଛାତ୍ରମାନଙ୍କ ଠାରେ ଥିବା ଲୁପ୍ତ କଳା ପ୍ରତିଭା ଏହି ମଞ୍ଚରେ ପରିବେଷଣ ଦ୍ୱାରା ପ୍ରତିଭାର ପ୍ରକାଶ ପାଇବାର ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହା କୋଇଡ଼ା ପ୍ରେସ କ୍ଲବ୍‌ର ନିଆରା ପ୍ରୟାସ। ଅନ୍ତିମ ଦିନରେ ସମାଜସେବୀ କୁଶ ଆପଟ, ସମାଜସେବୀ ଦେବ ନାରାୟଣ ସାହୁ, ଆଇଆଇସି ମନୋରଞ୍ଜନ କୁମ୍ଭାର, ସ୍ୱଦେଶୀ ମେଳା ସଂଯୋଜକ ମନୋଜ ନାୟକ ପ୍ରମୁଖ ଯୋଗ ଦେଇ ମଞ୍ଚରେ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିବା କଳାକାର ଏବଂ ସଙ୍ଗଠନକୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଭାପତି ସଂଗ୍ରାମ କିଶୋରୀ ନାୟକ, ସମ୍ପାଦକ ବିଜୟାନନ୍ଦ ଜେନା, ସମ୍ବିତ ଯେନା, ବିଜୁ ଦାସ, ସୁରେଶ ଦାସ, ସମେତ ଅନ୍ୟ ସଦସ୍ୟମାନେ ୧୦ ଦିନ ଧରି ଅକ୍ଳାନ୍ତ ପରିଶ୍ରମ କରି ସଫଳ କରିବାରେ ସହଯୋଗ କରିଥିଲେ।



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ଥାନା ରୋଳସିଂହ ଗ୍ରାମର କୁଳମଣି ପ୍ରଧାନଙ୍କ ଗ୍ଲାମର ବାଇକ ଚୁଡ଼ାଛକରୁ ଚୋରି ହୋଇଯାଇଥିଲା। ତେବେ ଗାଡି ଚୋରିକୁ ନେଇ ଅଭିଯୋଗ କ୍ରମେ ବୋଲଗଡ଼ ଥାନାରେ ଏତଲା ଦାୟର କରାଯାଇଥିଲା। ଏହି କ୍ରମରେ ବୋଲଗଡ଼ ଥାନା ଆଇଆଇସି ସ୍ନିଗ୍ଧାମୟୀ ବରାଳ ଚୋରି ବାଇକର ସକ୍ରିୟ ରାକେଟକୁ ଧରିବାକୁ ଅନୁସନ୍ଧାନ ଜାରି ରଖିଥିଲେ। ତେବେ କୌଣସି ବିଶେଷ ସୂତ୍ରରୁ ଖବର ପାଇ ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ଲିଲି ପାଢ଼ୀ, ଏଏସଆଇ ପ୍ରସନ୍ନ କୁମାର ଦଳେଇ ଓ ସହଯୋଗୀଙ୍କ ସମେତ ଏକ ପୋଲିସ ଟିମ ମଙ୍ଗଳବାର କନ୍ଧମାଳ ଜିଲ୍ଲା ଗୋଛପଡା ଥାନା ବାଘଟୁଙ୍ଗୁରି ଗ୍ରାମର କଷ୍ଟ ନାୟକର ପୁଅ ସଂଜୀବନ ନାୟକ ଓରଫ ଟେନାକୁ ଧରିବାକୁ ସକ୍ଷମ ହୋଇଥିଲେ। ପରେ ତା ଠାରୁ ୭ଗୋଟି ଚୋରା ବାଇକ ଜବତ କରାଯାଇଥିଲା। ସେହି କ୍ରମରେ ବୁଧବାର ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ନେଳିଗୁଡା ଡ୍ୟାମ ଛକ କାଶୀନାଥ ନାୟକର ପୁଅ ପବିତ୍ର ନାୟକ (୨୮)କୁ ଧରିବାକୁ ସକ୍ଷମ ହୋଇଥିଲେ। ପବିତ୍ର ଦଶପଲ୍ଲା ନିକଟସ୍ଥ ଜଟିଆ ପାହାଡ଼ରେ ୭ ଗୋଟି ଚୋରି ବାଇକ ଲୁଚାଇ ରଖିଥିବାର ଜଣା ପଡିଥିଲା ଓ ପୋଲିସ ସେହି ଚୋରା ଗାଡି ଗୁଡିକୁ ଜବତ କରି ବୋଲଗଡ଼ ଥାନା ହେପାଯତକୁ ଆଣିଛି।

# ମହିଳା ମଣ୍ଡଳ ପୁନର୍ଗଠନକୁ ବନ୍ଦ କରିବା ଦାବିରେ ବିକ୍ଷୋଭ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଓଡ଼ିଶା ଜୀବିକା ମିଶନ ଇ.ସି. ସଂଘ ବ୍ଲକ୍ କମିଟି ପକ୍ଷରୁ ସରକାରଙ୍କ ପଞ୍ଚାୟତ ମହିଳା ସଂଘ, ବ୍ଲକ ମହିଳା ସଂଘ ଓ ଜିଲା ମହିଳା ସଂଘର ପୁର୍ନଗଠନ କରିବା ପାଇଁ ସରକାରଙ୍କର ମିଶନ ଶକ୍ତି ବିଭାଗରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶ ପାଇବା ପରେ ଜୀବିକା ମିଶନ ଇ.ସି. ସଂଘ ତିହିଡ଼ି ବ୍ଲକ୍ କମିଟି ପକ୍ଷରୁ ବୁଧବାର ତିହିଡ଼ି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ କୁମାର ଜେନାଙ୍କୁ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରରେ ସରକାର ପୁନର୍ଗଠନ ପାଇଁ ଦେଇଥିବା ନିର୍ଦ୍ଦେଶକୁ ପ୍ରତ୍ୟାହାର କରି ପୁନର୍ଗଠନକୁ ବନ୍ଦ କରିବାକୁ ଦାବି କରାଯାଇଛି। ଜିଲା, ବ୍ଲକ୍ ଓ ପଞ୍ଚାୟତ ମହିଳା ସଂଘର ଇ.ସି. ସଦସ୍ୟାମାନେ ଯେଉଁ ସ୍କୁଟି ଲୋନ ନେଇଛନ୍ତି ଋଣର ୪୮ଟି କିସ୍ତି ମଧ୍ୟରୁ ମାତ୍ର ୧୧ଟି କିସ୍ତି ଶୁଝିଛନ୍ତି। ପୁନର୍ଗଠନ ପ୍ରକ୍ରିୟା ହେଲେ ସେମାନେ ସ୍କୁଟି ଋଣ ଶୁଝିପାରିବେ ନାହିଁ। ଦୀର୍ଘଦିନ ହେବ ମହିଳା ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ସରକାରଙ୍କର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସହିତ ଜନସାଧାରଣଙ୍କର ସେବା କରି ଆସୁଛନ୍ତି। ଏପରିକି କରୋନା ସମୟରେ ଜୀବନକୁ ବିପନ୍ନ କରି ସେମାନେ ଲୋକମାନଙ୍କର ସେବା କରିଥିଲେ। ପୁନର୍ଗଠନ ପରେ ପୁରୁଣା କର୍ମକର୍ତ୍ତା ଓ ସଦସ୍ୟ ନ ରହିଲେ ସେମାନଙ୍କର ପ୍ରୋତ୍ସାହନ ରାଶି ମିଳିପାରିବ ନାହିଁ। ଯାହାଫଳରେ ସ୍କୁଟି ଋଣ ଶୁଝି ପାରିବେ ନାହିଁ। ତେବେ ସମୟସୀମା ପୂର୍ବରୁ ପୁନର୍ଗଠନକୁ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ଏହି ବିକ୍ଷୋଭରେ ଜୀବିକା ମିଶସ ଇସି ସଂଘ ସଭାନେତ୍ରୀ ମାମିନା କର, ସମ୍ପାଦିକା କଲ୍ୟାଣୀ ଦାସ, ଉପସଭାପତି ଅନସୂୟା ନାୟକ, ସହ ସମ୍ପାଦିକା ସ୍ନେହଲତା ସାହୁ, କୋଷାଧ୍ୟକ୍ଷା କୁନିଲତା କୁଅଁର, ଅନ୍ନପୂର୍ଣ୍ଣା ଦାସ, ସ୍ୱର୍ଣ୍ଣଲତା ବେହେରା, ନିରୁପମା ବେହେରା, ଶକୁନ୍ତଳା ଜେନା, ମଞ୍ଜୁଲତା ବାରିକ, କାମିନୀ ଦାସ, ମିନତୀ ଦାସ, ବାସନ୍ତୀ ଜେନା, ଶାନ୍ତିଲତା ପାଣି, ସ୍ୱର୍ଣ୍ଣଲତା ପତି ପ୍ରମୁଖ ଶତାଧିକ ମହିଳା ସଂଘ କର୍ମକର୍ତ୍ତା ଓ ସଦସ୍ୟା ସାମିଲ ହୋଇଥିଲେ।

# ଅବସରପ୍ରାପ୍ତ ମାଧ୍ୟମିକ ସ୍କୁଲ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକଉତ୍ସବ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଅବସରପ୍ରାପ୍ତ ମାଧ୍ୟମିକ ସ୍କୁଲ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ କେନ୍ଦୁଝରର ଶିକ୍ଷକ ସଂଘ ସଭାଗୃହରେ ସଭାପତି ସଞ୍ଜୟ ବସନ୍ତ ଚକ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ବିବରଣୀ ପାଠ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ, ବରିଷ୍ଠ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କହ୍ନେଇ ଚରଣ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦିବଂଗତ ସଦସ୍ୟଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କ ବିଭିନ୍ନ ଅସୁବିଧାଗୁଡ଼ିକୁ ସରକାରୀସ୍ତରରେ ତୁରନ୍ତ ସମାଧାନ କରି ସେମାନଙ୍କୁ ଯଥୋଚିତ ନ୍ୟାୟ ପ୍ରଦାନ କରିବା ପାଇଁ ପଦକ୍ଷେପ ନେବେ ବୋଲି ଅନ୍ୟତମ ଅତିଥି ଏଡିଇଓ ଅଜୟ କୁମାର ପାତ୍ର ପ୍ରକାଶ କରିଥିଲେ। ସମସ୍ତ ଅବସର ପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ, ପେନସନକୁ କୋଡ଼ିଏ ପ୍ରତିଶତ ବୃଦ୍ଧି, ଯାତ୍ରା ପାଇଁ ରେଳ, ବସ, ବିମାନ ଭଡ଼ାରେ ରିହାତି, ସ୍ୱାସ୍ଥ୍ୟ ଭତ୍ତା ପ୍ରଦାନ, କମ୍ୟୁଟେଡ଼ ପେନସନ ଭତ୍ତା ସୀମା ଦଶବର୍ଷକୁ ବୃଦ୍ଧି ପାଇଁ ପ୍ରସ୍ତାବ ଆଗତ କରାଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ବରିଷ୍ଠ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର, ଭାଗିରଥି ମହାନ୍ତ, କାର୍ଯ୍ୟକାରୀ ସଭାପତି ଚିନ୍ତାମଣି ଜେନା, କୋଷାଧ୍ୟକ୍ଷ ମଦନମୋହନ ଦ୍ୱିବେଦୀ ଓ ଶତାଧିକ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବ୍ୟାଙ୍କ ଅଫିସର ଓ କୃଷି ଉଦ୍ୟୋଗୀ କର୍ମଶାଳା



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ସ୍ଥିତ ଜିଲ୍ଲା ପରିଷଦ ଜଉଗଡ଼ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ କୃଷି ଯୋଜନା ଅଧୀନରେ ବ୍ୟାଙ୍କ ଅଧିକାରୀ ଓ କୃଷି ଉଦ୍ୟୋଗୀ ମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କ ଅଧିକାରୀ ଓ କୃଷି ଉଦ୍ୟୋଗୀମାନଙ୍କ ମଧ୍ୟରେ କୌଣସି କାରଣବଶତଃ ଅଟକି ଥିବା ନିର୍ମାଣାଧୀନ କାର୍ଯ୍ୟଗୁଡ଼ିକ କିଭଳି ଭାବେ ସହଜ ଆଉ ଆଶୁ ସମାଧାନ କରାଯାଇପାରିବ ତା' ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ବିଭିନ୍ନ ବିଭାଗ ତରଫରୁ କୃଷି ଉଦ୍ୟୋଗୀ ମାନେ ବିଭିନ୍ନ ଉଦ୍ୟୋଗ କରିବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି। ଚାଷୀମାନଙ୍କ ନିକଟରେ ଏହି ଯୋଜନାକୁ ପହଞ୍ଚାଇ ସଫଳ ଉଦ୍ୟୋଗୀ ତିଆରି କରିବା ଓଡିଶା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବିନାରାୟଣ ପଣ୍ଡା, ଲିଡ଼ ବ୍ୟାଙ୍କ ମ୍ୟାନେଜର ହିମାଞ୍ଚଳ ସାହୁ, ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଡା. କନ୍ଧ ଜେନା, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା. ମନୋଜ କୁମାର ସାହୁ, ଡି.ଡି.ଏମ ନାବାର୍ଡ଼ ସଞ୍ଜୀବ କୁମାର ମିଶ୍ର, ପିଏଫସି ଆପିକଲ ଚିନ୍ମୟ ପୃଷ୍ଟି ଓ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ମଲ୍ଲିକ ଓ ଜିଲ୍ଲାର ବିଭିନ୍ନ ବ୍ୟାଙ୍କରୁ ଆସିଥିବା ଅଧିକାରୀ ଓ ବିଭିନ୍ନ ବିଭାଗିୟ ଅଧିକାରୀ ଓ କୃଷି ଉଦ୍ୟୋଗୀମାନେ ଯୋଗ ଦେଇଥିଲେ। କୃଷି ଜିଲ୍ଲା ଅଧିକାରୀ କୁଳମଣି ବାରିକ କର୍ମଶାଳା ପରିଚାଳନା କରିଥିଲେ।

# ନିଶାଶକ୍ତ ଅବସ୍ଥାରେ ସ୍ତ୍ରୀ'କୁ ହତ୍ୟା କଲା ସ୍ୱାମୀ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ନିଶାଶକ୍ତ ଅବସ୍ଥାରେ ସ୍ତ୍ରୀ'କୁ ହତ୍ୟା କରିଛି ସ୍ୱାମୀ। ଏଭଳି ଘଟଣା କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍‌ରେ ଦେଖିବାକୁ ମିଳିଛି। ଏନେଇ ବନ୍ଧୁଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରା ଯାଇଥିବା ଥାନା ଅଧିକାରୀ ପ୍ରଶନ କୁମାର ମିଶ୍ର କହିଛନ୍ତି। ଖବର ନେବାରେ ଜଣାପଡ଼ିଛି କି ମଙ୍ଗଳବାର ରାତିରେ ଡିମ୍ବାଗୁଡା ଗ୍ରାମର ରଞ୍ଜନ କୁଲେସିକା ମଦ୍ୟପାନ କରି ଘରକୁ ଯାଇ ନିଜ ସ୍ତ୍ରୀ' କ୍ଷୀର ମଣି ମେଲେକାଙ୍କ ସହ ପାଟିତୁଣ୍ଡ କରି ପିଟା ପିଟି କରିଥିଲେ। ସେଥିରେ ସିଏ ବେହୋସ ହୋଇଯାଇଥିବା ବେଳେ ସ୍ତ୍ରୀ'ର ମୃତ୍ୟୁ ହୋଇଯାଇଛି ଭାବି ଏକ ପାଳ ଗଦା ଉପରେ ଫିଙ୍ଗି ଚାଲି ଯାଇଥିଲେ। ଆଜି ସକାଳେ କ୍ଷୀର ମଣିଙ୍କ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପାଳ ଗଦାରୁ ଉଧାର କରି ବନ୍ଧୁଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଇଥିଲେ। ହେଲେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ପାଞ୍ଚପିଢ଼ ଉପଖଣ୍ଡ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ କରଞ୍ଜିଆ କର୍ମଚାରୀ ଭବନରେ ସଭାନେତ୍ରୀ ସବିତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ବହୁ ସଂଖ୍ୟାରେ ସଭ୍ୟସଭ୍ୟା ମାନେ ଯୋଗ ଦେଇଥିଲେ। ଯଶିପୁରରୁ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ ଓ ସୁକ୍ରୁଲିରୁ ଚନ୍ଦ୍ରଶେଖର ଦାଶ, ଉପଦେଷ୍ଟା ଡା. ଜନାର୍ଦ୍ଦନ ଚୌଧୁରୀ ଓ ମନୋଜ ମହାନ୍ତି ମଞ୍ଚାସୀନ ହୋଇଥିଲେ। ପ୍ରାରମ୍ଭରେ ଦିବଂଗତ କରୁଣାକର ଦାଶ,ଲକ୍ଷ୍ମୀ ନାଏକ, ଜୟକୃଷ୍ଣ ଖୁଣ୍ଟିଆଙ୍କ ନିମନ୍ତେ ଭାବ ବିହ୍ୱଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ଓ ସଂଗଠନର ଦୃଢ଼ତା ବାବଦରେ ସଂଘର ଅଧ୍ୟକ୍ଷ ସର୍ବେଶ୍ୱର ମିଶ୍ର ସୂଚନା ଦେଇଥିଲେ। ସାଧାରଣ ସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ ସଂଘର ବିଗତ ଏକ ବର୍ଷର କାର୍ଯ୍ୟକାରିତା ଓ ଆୟ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ସଭାନେତ୍ରୀଙ୍କ ଦ୍ୱାରା ମୟୂରଭଞ୍ଜ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଉପ ସଭାନେତ୍ରୀ ଅନିତା ବେହେରା, ଶୁକ୍ରୁଲୀ ବ୍ଲକର ପ୍ରସନ୍ନ କୁମାର ପଣ୍ଡା ଜିଲ୍ଲା ବରିଷ୍ଠ ନାଗରିକ ସମ୍ପାଦକ, ପ୍ରତିଷ୍ଠାତା ସଭାପତି ଅନନ୍ତ ଚରଣ ଓତାଙ୍କ ସୁଯୋଗ୍ୟ ପୁତ୍ର ସମୀର ଓତା, ବୟସ୍କ କାର୍ଯ୍ୟଦକ୍ଷତା ସଭ୍ୟ ନରେନ୍ଦ୍ର ନାଥ ପଟ୍ଟନାୟକ, ବିଶିଷ୍ଟ କ୍ରୀଡ଼ାବିତ ଗୌରୀ ଶଙ୍କର ସିହ୍ନାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଆଲୋଚନାରେ ଇଂ.ତ୍ରିଲୋଚନ ସେଠୀ, କାର୍ଯ୍ୟକାରି ସଭପତି ମନମୋହନ ମହାନ୍ତ, ଶିକ୍ଷାବିତ ଉମେଶ ଚନ୍ଦ୍ର ଅଗ୍ରୱାଲା, ସହଦେବ ନାଏକ, ଅନିତା ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ ଆଦି ଅଂଶଗ୍ରହଣ କରିଥଲେ। ନିକଟରେ ଅବସର ନେଇଥିବା ବିଦ୍ୟୁତ ବିଭାଗର କର୍ମଚାରୀମାନଙ୍କୁ ସ୍ୱାଗତ ସହ ସଭ୍ୟ ରୂପେ ଗ୍ରହଣ କରାଗଲା। ଶେଷରେ ଯୁଗଳ କିଶୋର ପଟ୍ଟନାୟକ ଧନ୍ୟବାଦ ଦେଇ ସଭାନେତ୍ରୀ ସଭା ସାଙ୍ଗ ଘୋଷଣା କରିଥିଲେ।

# ୧୨ତମ ରାମକୃଷ୍ଣ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଅଜ୍ଞାତର ଅମା ଅନ୍ଧକାରରେ ଲୁଚି ରହିଥିବା ବିଷୟକୁ ଖୋଜି ବାହାର କରିବା, ଏଥିସହ ଉତ୍ତମ ଶିକ୍ଷାଗ୍ରହଣ କରି ସମାଜରେ ଭଲ ମଣିଷଟିଏ ହେବା ଶିକ୍ଷାର ମୂଳ ଲକ୍ଷ୍ୟ ବୋଲି ରାମକୃଷ୍ଣ ଶିଶୁମନ୍ଦିର ଆନୁକୂଲ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରିଣୀ ସୁଧାଂଶୁବାଳା ଶତପଥୀ ମତବ୍ୟକ୍ତ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳଙ୍ଗପୁର ପଞ୍ଚାୟତ ଅଧୀନସ୍ଥ ରାମକୃଷ୍ଣ ଶିଶୁମନ୍ଦିର ରେ ପ୍ରଧାନଆଚାର୍ଯ୍ୟ ପ୍ରଶାନ୍ତ କୁମାର ଲେଙ୍କାଙ୍କ ପୌରୋହିତ ରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହିତ ଶିକ୍ଷାଦାନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ସ୍ଥିତି ସୁଦୃଢ କରାଯିବା ଉଚିତ ବୋଲି କହିଥିଲେ। ବୁଧବାର ସନ୍ଧ୍ୟାରେ ଅସ୍ତରଙ୍ଗ ବ୍ଲକ ଆଳଙ୍ଗପୁର ନିକଟସ୍ଥ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରାମକୃଷ୍ଣ ଶିଶୁମନ୍ଦିରର ୧୨ତମ ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର ନାଥ ବିଶ୍ୱାଳ ଶୃଙ୍ଖଳା ଓ ସାଧନା ଛାତ୍ର ଜୀବନର ମୂଳ ମନ୍ତ୍ର ବୋଲି କହିଥିଲେ। ଯେଉଁ ଛାତ୍ର ଛାତ୍ରୀ ଏହାକୁ ମାନି ଚଳନ୍ତି ସେମାନେ ଜୀବନର ସଫଳତା ହାସଲ କରନ୍ତି। ଅନ୍ୟତମ ଅତିଥି ଶିକ୍ଷାବିତ୍ତ ତଥା ସମାଜସେବୀ ନଟକିଶୋର ମହାନ୍ତି ନିଜ ବକ୍ତବ୍ୟରେ କହିଥିଲେ ବାପା ମା'ଙ୍କ ସ୍ୱପ୍ନ ପୂରଣ ଲକ୍ଷ୍ୟରେ କଠିନ ପରିଶ୍ରମ କରି ଭଲ ମଣିଷ ହୁଅ, ସୁସ୍ଥ ସମାଜ ଗଠନ କରିବାରେ ଛାତ୍ର ଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କୁନିକୁନି ପିଲା, ମାଟି ପିଣ୍ଡୁଳା ସଦୃଶ। ପିଲାଟିଏ ଭଲ ମଣିଷ ହେବା ପାଇଁ ବାପା ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ପୁରୀ ଜିଲ୍ଲା ପ୍ରବାରୀ ସତ୍ୟବ୍ରତ ରଥ, ଶିକ୍ଷାବିତ୍ତି ବିଷ୍ଣୁଚରଣ ମଲ୍ଲିକ, ପର୍ଶୁରାମ ସ୍ୱାଇଁ, ସାଧନ ସଂଯୋଜକ ସନ୍ତୋଷ ସ୍ୱାଇଁ, ସମାଜସେବୀ ପ୍ରଶାନ୍ତ ଭୋଳ, ସତ୍ୟବ୍ରତ ରଥ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ନେଇ ଜୀବନକୁ ଗଢିବାକୁ ଆହ୍ୱାନ ଦେଇଥିଲେ। ସଭାପତି ଡକ୍ଟର ପ୍ରଜ୍ଞାରଞ୍ଜନ ସାହୁ ମଞ୍ଚ ପରିଚାଳନା କରିବା ସହ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ପ୍ରଶାନ୍ତ କୁମାର ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ଅତିଥି ଗଣ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ସହ ଚିତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେନ୍ଦ୍ର କୁମାର ବେହେରା, ସମ୍ପାଦକ କୃଷ୍ଣଚନ୍ଦ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ସମସ୍ତ ଛାତ୍ର ଛାତ୍ରୀ, ଅଭିଭାବକ, ଆଚାର୍ଯ୍ୟ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ପରିଚାଳନା କମିଟିର ସଦସ୍ୟମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକ ସଂଘର ପରିଭ୍ରମଣ

ଟାଙ୍ଗୀ-ଚୌଦ୍ୱାର,(ଭାସ୍କର ନ୍ୟୁଜ୍): ସରକାରଙ୍କ ବରିଷ୍ଠ ନାଗରିକଙ୍କ ନିମନ୍ତେ ଦିଆଯାଇଥିବା ପ୍ରୋତ୍ସାହନ ଏବଂ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କ ସହଯୋଗରେ ଶିକ୍ଷକ ସଂଘ ଜଗତସିଂହପୁର ସ୍ଥିତ ଆଧ୍ୟାତ୍ମିକ କ୍ଷେତ୍ର ମା'ଶାରଳା ମନ୍ଦିର ଓ ବାବା ଗୋରେଖନାଥ ପୀଠ କ୍ଷେତ୍ର ସହ ପାରାଦୀପ ବନ୍ଦର ପରିଦର୍ଶନ କରିଥିଲେ। ଏଥିରେ ଆଧ୍ୟାତ୍ମିକ ଆଲୋଚକ ଭାବେ ଜୟକୃଷ୍ଣ ସ୍ୱାଇଁ ଓ ନିକୁଞ୍ଜ ପଣ୍ଡା ଯୋଗ ଦେଇଥିବା ବେଳେ ଶିବପ୍ରସାଦ ପତି, ପ୍ରମୋଦ ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ ପରିଚାଳନା କରିଥିଲେ। ସଂଘର ସମ୍ପାଦକ ସୁକାନ୍ତ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ନରହରି ନାୟକ, ଗୌତମ ଆଚାର୍ଯ୍ୟ ଓ ରାମଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ଏକ ଦିବସୟ ରାଷ୍ଟ୍ରୀୟ ସମ୍ମିଳନୀ ଏବଂ ନାଗରିକ ସମ୍ମାନ ସମାରୋହ

ପୁରୀ, (ଭାସ୍କର ନ୍ୟୁଜ୍): ରାଉରକେଲାର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ହାପି ମୋମେଣ୍ଟସ ଇଣ୍ଡିଆ ପକ୍ଷରୁ ରାଷ୍ଟ୍ରୀୟ ସମ୍ମିଳନୀ ଏବଂ ନାଗରିକ ସମ୍ମାନ ସମାରୋହ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ବେଳେ ସର୍ବାଣି ଦଶ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗ ଦେଇ ପ୍ରତିଭା ଚୟନ ଓ ପ୍ରତିଭାବାନଙ୍କୁ ସମ୍ବର୍ଦ୍ଧିତ କରିବା ଏକ ସୁନ୍ଦର ପଦକ୍ଷେପ ଯାହା ସମାଜରେ ସୁସ୍ଥ ପରିବେଶ, ଶୃଙ୍ଖଳା ଓ ସମ୍ମାନ ସୃଷ୍ଟିରେ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶଙ୍କର ପରିଡ଼ା, ମହାରାଷ୍ଟ୍ରର ସମାଜସେବୀ ଉଜ୍ୱଲା ଆବାଓ୍ୱାର, ପ୍ରଯୋଜକ ସଞ୍ଜୟ ନାୟକ, ଆଦି ମାତା କଳ୍ପନା, ଶିକ୍ଷାବିତ ଶଶଧର ପଣ୍ଡା, ପ୍ରଦୀପ ଚୌଧୁରୀ ସମାଜସେବୀ ପାର୍ଥ ରାଉତ ଯୋଗ ଦେଇ ଭଲ କାମ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କୁ ହାପି ମୋମେଣ୍ଟସର ଏହି ପ୍ରୟାସ ଉଦବୁଦ୍ଧ କରିବା ସହ ପ୍ରେରଣା ଦେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର, ଟ୍ରଫି, ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ପ୍ରଗତି ପଥରେ ଭାରତ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଶେଷରେ ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଆସିକା ବିଜ୍ଞାନ ମହାବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ




ଆସିକା, (ଭାସ୍କର ନ୍ୟୁଜ୍): ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨୦୨୫ ନୂତନ ବର୍ଷର ନୂଆଁ ଆଶା, ନୂଆଁ ସମ୍ଭାର ଏବଂ ନୂଆଁ ଆକାଂକ୍ଷ୍ୟା ଉଦ୍ଦୀପନାକୁ ଉଦ୍ଜୀବିତ କରି ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ତା'ର ୫୭ତମ ବାର୍ଷିକ ଉତ୍ସବ ଆନୁଷ୍ଠାନିକ ରୂପେ ପାଳନ କରିଛି। ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ବଳିଷ୍ଠ ଏବଂ ସୃଜନତାର ପଦକ୍ଷେପ ମଧ୍ୟରେ ସମ୍ପନ୍ନ ହୋଇଛି ୨୦୨୫ ବାର୍ଷିକ ଉତ୍ସବ। ବାର୍ଷିକ ମହୋତ୍ସବରେ ମୁଖ୍ୟ ଅତିଥିରୂପେ ଆସିକା ବିଧାନ ସଭା ନିର୍ବାଚନ ମଣ୍ଡଳିର ବିଧାୟକ ସରୋଜ କୁମାର ପାଢ଼ୀ, ମୁଖ୍ୟ ବକ୍ତା ରୂପେ କଟକ ଦୂରଦର୍ଶନ କେନ୍ଦ୍ରର ଅବସର ପ୍ରାପ୍ତ ଉପ-ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ ଏବଂ ଓଡ଼ିଶା ଦକ୍ଷିଣାଞ୍ଚଳ ଉଚ୍ଚ ଶିକ୍ଷା ବିଭାଗ, ବ୍ରହ୍ମପୁରର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ସମସ୍ତ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଚତୁର୍ଦ୍ଧା ମୂର୍ତ୍ତିରେ ବେଦ ଗବୈୟା ଧନଞ୍ଜୟ ମହାପାତ୍ରଙ୍କ ବେଦ ମନ୍ତ୍ର ଧ୍ୱନୀରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଅଧ୍ୟକ୍ଷ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ତଥା ଉତ୍ତରୀୟ ଦ୍ୱାରା ସମ୍ମାନିତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଅତିଥି ସତ୍କାର ଏବଂ 'ଅତିଥି ଦେବୋଭବ' ଧ୍ୱନୀରେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା। ବାର୍ଷିକ ଉତ୍ସବର ଉପସଭାପତି ତଥା ସଂଯୋଜିକା ଡ. ସ୍ମିତାରାଣୀ ପଣ୍ଡା ମହାବିଦ୍ୟାଳୟର ସମସ୍ତ ବିକାଶମୂଳକ କାର୍ଯ୍ୟାବଳୀର ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରିଣୀ ସଦସ୍ୟା ଡ. ସସ୍ମିତା ପାତ୍ର ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ରୂପେ ଶୈକ୍ଷିକ ଅଧିକାରୀ ଡ. ସନ୍ତୋଷ କୁମାର ଚୌଧୁରୀ ବିଜ୍ଞାନ ବିଭାଗର, ବାର୍ଷିକ ଉତ୍ସବ କାର୍ଯ୍ୟକାରିଣୀ ସଦସ୍ୟା ଡ. ସସ୍ମିତା ପାତ୍ର କଳା ବିଭାଗ ଏବଂ ବାଣିଜ୍ୟ ବିଭାଗ ମୁଖ୍ୟ ତଥା ବାର୍ଷିକ ଉତ୍ସବ କାର୍ଯ୍ୟକାରିଣୀ ସଦସ୍ୟା ବନଶ୍ରୀ ମହାନ୍ତି ବାଣିଜ୍ୟ ବିଭାଗ କ୍ରମାନ୍ୱୟରେ ଗଠନମୂଳକ କାର୍ଯ୍ୟାବଳୀ ଏବଂ ବିଭିନ୍ନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପ୍ରତିଭାର ପରାକାଷ୍ଠାର ସନ୍ଦର୍ଭ ପାଠ କରିଥିଲେ। କାର୍ଯ୍ୟକାରିଣୀ ସଦସ୍ୟା ଅଧ୍ୟାପିକା ସେଇଲ୍ କୁମାରୀ ଝା ବାର୍ଷିକ ଉତ୍ସବରେ ଭାସ୍ୟକାରର ଭୂମିକା ନିଭାଇ ଥିଲେ। ମୁଖ୍ୟ ଅତିଥି ଆସିକା ବିଧାୟକଙ୍କ ସ୍ୱଳ୍ପ ଅଭିଭାଷଣରେ ମହାବିଦ୍ୟାଳୟର ଗଠନମୂଳକ କାର୍ଯ୍ୟରେ ମୁଁ ନିଜକୁ ସଦାସର୍ବଦା ସଂଶ୍ଳିଷ୍ଟ ରଖିଛି ଏବଂ ଆଗାମୀ ଭବିଷ୍ୟତରେ ମଧ ରଖିବି ବୋଲି ପ୍ରତିସୃତି ଦେଇଥିଲେ। ସମ୍ମାନିତ ଅତିଥି ଡ. ପାଢ଼ୀ ଛାତ୍ରଛାତ୍ରୀଙ୍କୁ ଭଲମଣିଷ ହୋଇ ମାନବିକତାର ଆଚରଣ କରିବା ପାଇଁ ଆହ୍ୱାନ କରିଥିଲେ ଓ ମୁଖ୍ୟବକ୍ତା ଡ. ରଥ ଓଡ଼ିଆ ଅସ୍ମିତାରେ ଆସିକା ମାଟିର ଅବଦାନ ଏବଂ ବରପୁତ୍ର ସ୍ୱର୍ଗୀୟ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା ଏବଂ ଧରାକୋଟ ରାଜକବି କୃଷ୍ଣସିଂହଙ୍କ ସ୍ୱେଚ୍ଛାକୃତ ଅବଦାନକୁ ସ୍ମରଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନିଜ ଆଶୀର୍ବଚନରେ ଶୃଙ୍ଖଳାବଦ୍ଧ ରହି ଜୀବନକୁ ଗଢ଼ିତୋଳିବା ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। ବାର୍ଷିକ ଉତ୍ସବ ପାଇଁ ଆୟୋଜିତ ସମସ୍ତ ପ୍ରକାର ସାହିତ୍ୟିକ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସୀନ ଅତିଥିଙ୍କ କରକମଳରେ ପୁରସ୍କୃତ କରାଯାଇଥିଲା। ମେଧାବୀ ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଜୁଲୋଜୀ ସମ୍ମାନର ଛାତ୍ର ହିମାଂଶୁ ରଯଜିତ୍ ଜେନାଙ୍କୁ ଚଳିତ ବର୍ଷର ସାହିତ୍ୟିକ ଚମ୍ପିୟାନ୍ ରୂପେ ବିବେଚିତ କରାଯାଇଥିଲା ଏବଂ ମହାବିଦ୍ୟାଳୟ ତରଫରୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବାର୍ଷିକ ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ଚିତ୍ତବିନୋଦନ ନିମନ୍ତେ ଏକ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ହୋଇଥିଲା। ଉକ୍ତ ବାର୍ଷିକ ଉତ୍ସବର ସ୍ୱନକ୍ଷତ୍ର ଅବସରରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ସମସ୍ତ ଛାତ୍ରଛାତ୍ରୀଙ୍କ ଅକୁଣ୍ଠ ସହଯୋଗରେ ବାର୍ଷିକ ଉତ୍ସବର ସମସ୍ତ କାର୍ଯ୍ୟ ସୂଚାରୁରୂପେ ସମ୍ପାଦିତ ହୋଇପାରିଥିଲା। ପରିଶେଷରେ ବରିଷ୍ଠ ଛାତ୍ର ସଂଗଠକ ଟି. ସୁମନ ଆଚାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳିତ



କଣାସ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କଣାସ ବ୍ଲକ୍ ତ୍ରିଲୋଚନପୁର ଗ୍ରାମରେ ପ୍ରତିଷ୍ଠିତ ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗତକାଲି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଘୁନାଥ ବେହେରା ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ କଣାସ ବ୍ଲକର ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ବିଜୟନୀ ପାତ୍ର, ତ୍ରିଲୋଚନପୁର ଗ୍ରାମ୍ୟ କମିଟିର ସମ୍ପାଦକ ରବିନାରାୟଣ ଦାସ, ବିଦ୍ୟାଳୟ ଆଲମିନ୍ ପ୍ରତିନିଧି, ଭୂପତି ଭୂଷଣ ତ୍ରିପାଠୀ, ଏସ୍ ଏମ୍ ଡି ସଭ୍ୟ ଶ୍ୟାମସୁନ୍ଦର ଦାସ, ପ୍ରମୋଦ କୁମାର ତ୍ରାପାଠୀ, ସଦସ୍ୟା ସ୍ୱର୍ଣ୍ଣଲତା ଦାସ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ବଧାଇ ଜଣାଇବା ସହିତ ସମସ୍ତ ଜଣେ ଜଣେ ଭଲ ମଣିଷ ହେବାପାଇଁ ଆଶାରଖିଥିଲେ। ଶିକ୍ଷୟିତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ବାର୍ଷିକ କ୍ରିଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ତଥା ଗତବର୍ଷ ବିଭିନ୍ନ ବିଭାଗରେ ଶ୍ରେଷ୍ଠତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ ମଧ୍ୟରେ ସ୍ୱଳ୍ପ କାଳୀନ ଓ ଦୀର୍ଘ ମିଆଦୀ ପ୍ରଶିକ୍ଷଣ ତଥା ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକସ୍ତରୀୟ ଶିବିରକୁ ଅଧକ୍ଷା ସୁମତୀ ସେଠୀ ଉଦଘାଟନ କରିଥିଲେ। ଏଥିରେ ବିଡ଼ିଓ ଦେବଦତ୍ତ ଦାଶ, ଓଡ଼ିଶା ଜୀବିକା ମିଶନ ପ୍ରକଳ୍ପ ପରିଚାଳକ ସୁବ୍ରତ କୁମାର ପଣ୍ଡା, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ଶ୍ରୀକାନ୍ତ ଜେନାଙ୍କ ସମେତ ଜିଲ୍ଲା କର୍ମ ନିଯୋଜନ ଅଧିକାରୀ ଯୋଗ ଦେଇ ଶିକ୍ଷିତ ବେକାର ଯୁବକ ଯୁବତୀ ମାନଙ୍କ ନିଯୁକ୍ତି ସମ୍ବନ୍ଧରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିବା ସହିତ ଆତ୍ମନିର୍ଭରଶୀଳ ପାଇଁ ଅନ୍ୟାନ୍ୟ ସୂଚନା ପ୍ରଦାନ କରିଥିଲେ। ମୋଟ ୧୫ ଗୋଟି ନିଯୁକ୍ତି ଭିତିକ ଘରୋଇ ସଂସ୍ଥାର ପ୍ରତିନିଧି ମାନେ ଏଥିରେ ଯୋଗ ଦେଇଥିଲେ। ଶିବିରରେ ୧୩୬ ଜଣ ଯୁବକ ଯୁବତୀଙ୍କ ନାମ ପଞ୍ଜିକରଣ ହୋଇଥିବା ଯୋଗ୍ୟତା ଭିତିରେ ସେମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ସୂଚନା ମିଳିଛି। ଆୟୋଜିତ ଶିବିରକୁ ଅଶୋକ କୁମାର ରାଉତ, ନରେନ୍ଦ୍ର କୁମାର ରାଉତ, ବନିତା ଦଳେଇ, କାଞ୍ଚନ ବାଳା ମଳିକ, ସୀମାରାଣୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ଖଦୀ ମହୋତ୍ସବ ଉଦ୍‌ଘାଟିତ




କଟକ(ଭାସ୍କର ନ୍ୟୁଜ୍): ଗ୍ରାମୀଣ ଭାରତର ଅଭିବୃଦ୍ଧି ଦ୍ୱାରା ହିଁ ଦେଶର ଅଭିବୃଦ୍ଧି ସମ୍ଭବ । ଦେଶର କୋଟି କୋଟି ଗ୍ରାମୀଣ ଜନସାଧାରଣଙ୍କ ଜୀବନକୁ ଉନ୍ନତ କରିବା ତଥା ରୋଜଗାର ବୃଦ୍ଧି କରିବା ଦ୍ୱାରା ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ କରାଯାଇପାରିବ । କେନ୍ଦ୍ର ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ମନ୍ତ୍ରଣାଳୟ ଅଧିନସ୍ଥ ଖଦୀ ଓ ଗ୍ରାମଦ୍ୟୋଗ ଆୟୋଗ ଆନୁକୂଲ୍ୟରେ ଆଜି କଟକ ଖ୍ରୀଷ୍ଟିଆନ ପଡିଆଠାରେ ଉଦଘାଟିତ ରାଜ୍ୟସ୍ତରୀୟ ଖଦୀ ମହୋତ୍ସବର ଉଦଘାଟନୀ ଅବସରରେ ବିଶିଷ୍ଟ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି । ମାନ୍ୟବର ସାଂସଦ ଭର୍ତ୍ତୃହରି ମହତାବ, ଖଦୀ ଓ ଗ୍ରାମଦ୍ୟୋଗ ଆୟୋଗର ଅଧକ୍ଷ ମନୋଜ କୁମାର, ଆୟୋଗର ପୂର୍ବାଞ୍ଚଳ ଜୋନ୍ ସଦସ୍ୟ ମନୋଜ କୁମାର ସିଂହ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେ, ନିର୍ଦ୍ଦେଶକ, କେଭିଆଇସିର ନିର୍ଦ୍ଦେଶକ ସୁବାସ ଛେତ୍ରୀ, ଓଡ଼ିଶା ଖଦୀ ଓ ଗ୍ରାମଦ୍ୟୋଗ ବୋର୍ଡର ସଚିବ ସଞ୍ଜୟ କୁମାର ମିଶ୍ର, ପୂର୍ବାଞ୍ଚଳ ଜୋନର ଡେପୁଟି ଚିଫ ଏକଜ୍ୟୁକିଟିଭ ଅଫିସର ଆଇ. ଜବାହାର ପ୍ରମୁଖ ଉପସ୍ଥିତ ଥିଲେ । ଏହି ମହୋତ୍ସବରେ ବିଭିନ୍ନ ରାଜ୍ୟର ପ୍ରାୟ ୧୦୦ରୁ ଅଧିକ ଷ୍ଟଲ ସ୍ଥାନ ପାଇଛି ଓ ଖଦୀ, ଗ୍ରାମଦ୍ୟୋଗ ଏବଂ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶିତ ହେଉଛି । ଏହି ପ୍ରଦର୍ଶନୀ ୧୦ ଦିନ ଧରି ଚାଲିବ । ଏହି ଅବସରରେ ଆଜି ପୂର୍ବାହ୍ନରେ ଗ୍ରାମଦ୍ୟୋଗ ବିକାଶ ଯୋଜନା ଅଧିନରେ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିଅମଠାରେ ୬୦୦ରୁ ଅଧିକ କାରିଗରଙ୍କୁ ବୈଦ୍ୟୁତିକ କୁମ୍ଭାର ଚକ, ମହୁ ସଂଗ୍ରହ ଉପକରଣ, ତୈଳବୀଜରୁ ତେଲ ପ୍ରସ୍ତୁତି ମେସିନ୍, କାଗଜ ପ୍ଲେଟ ଓ ଦନା ତିଆରି ମେସିନ୍, ସବାଇ ଘାସରୁ ଦଉଡି ତିଆରି ମେସିନ୍, ମସଲା ପ୍ରସ୍ତୁତି ମେସିନ ଆଦି ବଣ୍ଟନ କରାଯାଇଥିଲା ।

# ଆକ୍ସନମୋଡ଼ରେ ଶ୍ରୀମନ୍ଦିର ପ୍ରଶାସନ, ମହାପ୍ରଭୁଙ୍କ ଜମି ଜବରଦଖଲକାରୀଙ୍କୁ ନାହିଁ ନିସ୍ତାର



ପୁରୀ (ଭାସ୍କର ନ୍ୟୁଜ): ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ଥିବା ଜମି ବେଆଇନ୍ ଭାବରେ ଜବରଦଖଲ କରି ପ୍ଲଟିଂ କରି ବିକ୍ରି କରିବା ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ ଆକ୍ସନ ମୋଡ଼ରେ । ଏନେଇ ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁମ୍ଭାରପଡା ଥାନାରେ ଏତଲା ଦାଖଲ କରାଯାଇଛି । ଏହି ଅଭିଯୋଗ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନଜରକୁ ଆସିବା ପରେ ସେ ଏନେଇ ପ୍ରାଥମିକ ତଦନ୍ତ କରିବାକୁ ଉନ୍ନୟନ ପ୍ରଶାସକ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଘଟଣା ସମ୍ପର୍କରେ ପୁରୀ ଆରକ୍ଷୀ ଅଧିକ୍ଷକଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ପୁରୀ ଜିଲ୍ଲାପାଳ ତଥା ଶ୍ରୀ ମନ୍ଦିର ଉପମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ମହାପ୍ରଭୁଙ୍କ ନାମରେ ଥିବା ଜମିକୁ ବେଆଇନ୍ ଭାବେ ହାତେଇବାକୁ ହେଉଥିବା କୌଣସି ଉଦ୍ୟମକୁ କଦାପି ବରଦାସ୍ତ କରାଯିବ ନାହିଁ । ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପୂର୍ବରୁ ମାଟିତୋଟା ଅଞ୍ଚଳରେ ହୋଇଥିବା ଏଭଳି ଜମି ଚଞ୍ଚକତା ଉଦ୍ୟମ ବିରୋଧରେ ବାସେଲିସାହି ଥାନାରେ ଏତଲା ହୋଇଥିବା ବେଳେ ପୁରୀ ପୋଲିସ ମଧ୍ୟ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇ ଅଭିଯୁକ୍ତ ମାନଙ୍କୁ ଗିରଫ କରିଛନ୍ତି । ତେଣୁ ପୁଣିଥରେ ଜନସାଧାରଣଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସତର୍କ କରାଯାଉଅଛି ଯେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତିର ଏଭଳି ବେଆଇନ୍ ହସ୍ତାନ୍ତର ସମ୍ପୂର୍ଣ୍ଣ ଭାବେ ଅବୈଧ । ଏହା ଦ୍ୱାରା ସଂପୃକ୍ତ ବ୍ୟକ୍ତି ନିଜେ ଠକେଇ ଶିକାର ହେବା ସହ ଆଇନ ଅନୁଯାୟୀ ଦଣ୍ଡନୀୟ ମଧ୍ୟ ହେବେ । ଜମିଜମା କ୍ରୟ ସମୟରେ ଆବଶ୍ୟକ ଅନୁଭବ କଲେ ଶ୍ରୀମନ୍ଦିର ପ୍ରଶାସନକୁ ମଧ୍ୟ ଯାଂଚ ପାଇଁ ଯୋଗାଯୋଗ କରିପାରିବେ ।

# ଶେଷ ହେଲା କୃଷ୍ଣସାର ଗଣନା କାର୍ଯ୍ୟ

ଭଞ୍ଜନଗର (ଭାସ୍କର ନ୍ୟୁଜ): କୃଷ୍ଣସାର ମୃଗଙ୍କ ପାଇଁ ପରିଚିତ ଗଞ୍ଜାମ ଜିଲ୍ଲାର ଦକ୍ଷିଣ ଘୁମୁସର ବନଖଣ୍ଡ ସମେତ ଉତ୍ତର ଘୁମୁସର ବନଖଣ୍ଡରେ ବୁଧବାର କୃଷ୍ଣସାର ମୃଗ ଗଣତି କାର୍ଯ୍ୟ ଶେଷ ହୋଇଛି। କୁହୁଡି ଯୋଗୁଁ ବୁଧବାର ଏହି ଗଣତି କାର୍ଯ୍ୟରେ ପ୍ରଥମେ ବାଧା ସୃଷ୍ଟି ହୋଇଥିଲା। ପରେ ପୂର୍ବାହ୍ନ ୮ଟା ପରେ ଧୀରେ ଧୀରେ କୁହୁଡି ହଟିବା ସହ ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ୨ ବନଖଣ୍ଡରେ ଗଣତି କାର୍ଯ୍ୟ ପାଇଁ ମୋଟ ୮୮ଟି ଟିମ୍‌ରେ ୪୫୦ ରୁ ଉର୍ଦ୍ଧ କର୍ମଚାରୀ, ପରିବେଶପ୍ରେମୀ, ଛାତ୍ରଛାତ୍ରୀ ଆଦି ନିୟୋଜିତ ହୋଇଥିଲେ। କେବଳ ଦକ୍ଷିଣ ଘୁମୁସର ବନଖଣ୍ଡରେ ସର୍ବାଧିକ ୭୦ଟି ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ବଳକା ୧୮ଟି ଟିମ୍ ଉତ୍ତର ଘୁମୁସର ବନଖଣ୍ଡରେ ନିୟୋଜିତ ହୋଇଥିଲେ। ଦକ୍ଷିଣ ଘୁମୁସର ବନଖଣ୍ଡର ଅସ୍କା ରେଞ୍ଜରେ ସର୍ବାଧିକ ୨୬ଟିଟିମ୍ ଏହିଗଣତିକାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ବୁଗୁଡା ରେଞ୍ଜରେ ୨୮, ବଡଗଡ ରେଞ୍ଜରେ ୧୦ଟିଓ ପୋଲସରା ରେଞ୍ଜରେ ମାତ୍ର ୬ଟିଟିମ୍ ଏହିଗଣତିକାର୍ଯ୍ୟରେ ଲାଗିଥିଲେ।

# ସଂଗ୍ରାମୀ ଦୁଃଖିଶ୍ୟାମ ଜେନାଙ୍କ ସ୍ମୃତିଚାରଣ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ସ୍ୱାଧିନତା ସଂଗ୍ରାମୀ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଦୁଃଖିଶ୍ୟାମ ଜେନାଙ୍କ ୨୪ତମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ସଂଗ୍ରାମୀଙ୍କ ସ୍ମୃତିଚାରଣ ଓ ସମ୍ବର୍ଦ୍ଧନା ସଭା ବଗଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ର ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ଆଦିକନ୍ଦ ରାଉଳ ସଂସଦର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ପଣ୍ଡିତ ପ୍ରତାପ ପତି ସ୍ୱାଗତ ଭାଷଣ ଓ ଅବଧୂତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ସରପଞ୍ଚ ସୁବନୀ ସାହୁ ସଂଗ୍ରାମୀ ଜେନାଙ୍କ ବ୍ରିଟିଶ ଶାସନ ବିରୋଧରେ ଦୁଃସାହସିକ ଲଢେଇ ଓ ପରିଣତିରେ ଯାତନା ଏବଂ ଜେଲଜୀବନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲାର ଶିକ୍ଷା, ସଂସ୍କୃତି, ସାହିତ୍ୟ, ସାମ୍ବାଦିକତା ଓ ବୌଦ୍ଧିକତା କ୍ଷେତ୍ରକୁ ଅଶେଷ ଅବଦାନ ଦେଇଥିବା ବିଶିଷ୍ଟ ସାହିତ୍ୟିକ ଡ. ବାସୁଦେବ ଦାସ, ପ୍ରାଧ୍ୟାପକ ମୋହନ ଚରଣ ଜେନା, ବରିଷ୍ଠ ସାମ୍ବାଦିକ ପରୀକ୍ଷିତ ପାତ୍ର, ଅଧ୍ୟାପକ ଅଜୟ ସାମଲ ଓ ବିଶିଷ୍ଟ ଶିକ୍ଷାବିତ୍ ପ୍ରାଧାପକ ନନ୍ଦକିଶୋର ପରିଡାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ପ୍ରତିନିଧି ରଞ୍ଜନ ଜେନା, ଅବସରପ୍ରାପ୍ତ ଶିକ୍ଷକ ସୁବୁଦ୍ଧି ସାହୁ, ପ୍ରତାପ ନାୟକ, ରମଣୀରଞ୍ଜନ ରାଉତରାୟ, ଦିଲ୍ଲୀପ ସାହୁ, ଅକ୍ଷୟ କୁମାର ପାଣି, ସତ୍ୟନାରାୟଣ ଜେନା, ଧରଣୀଧର ପାତ୍ର ସନ୍ତୋଷ ବରାଳ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଛାତ୍ରାବାସରୁ ଫେରାର ଛାତ୍ର ଉଦ୍ଧାର

ଲହୁଣିପଡ଼ା (ଭାସ୍କର ନ୍ୟୁଜ): ରୋଷେଇଆ ତଥା ପରିଚାରକର ବ୍ୟବହାରରେ ଅତିଷ୍ଠ ହୋଇ ହଷ୍ଟେଲରୁ ଫେରାର ହୋଇଯାଇଥିବା ଛାତ୍ରଙ୍କୁ ଉଦ୍ଧାର କରିଛି ପୋଲିସ । ମହୁଲପଦା ଥାନା ଅନ୍ତର୍ଗତ ସିହିଡିଆ ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଥିବା ଏକ ଆଦିବାସୀ ଛାତ୍ରାବାସରେ ସମୁଦାୟ ୩୭ ଜଣ ଛାତ୍ର ରହୁଛନ୍ତି । ସେମାନଙ୍କ ମଧ୍ୟରୁ ତୃତୀୟ - ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ୧୫ ଜଣ କୋମଳମତି ଛାତ୍ର କାଲି ଫେରାର ହେବା ପରେ ପାଟ୍ରୋଲିଂ କରୁଥିବା ବାରକୋଟ ପୋଲିସ ନଜରରେ ଆସି ଉଦ୍ଧାର ହେବା ପରେ ଆଜି ପୋଲିସ ପୁଣି ବିଦ୍ୟାଳୟର ଶିକ୍ଷକଙ୍କ ଜିମାରେ ପିଲା ମାନଙ୍କୁ ଛାଡିଛନ୍ତି । ଏବେ ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷାଅଧିକାରୀ ଅମୂଲ୍ୟ ପ୍ରଧାନଙ୍କ ତଦନ୍ତ ନିର୍ଦ୍ଦେଶ ପାଇ ବଣାଇଁ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁରାମ ମହାନ୍ତ ତଦନ୍ତ କରୁଛନ୍ତି । ତଦନ୍ତ ପରେ ସମ୍ପୃକ୍ତ ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ରୋଷେୟା ତଥା ପରିଚାରକ ଅମିତ କୁମାର ପାହୁଲେଙ୍କ ବ୍ୟବହାର ଭଲ ଲାଗୁ ନଥିଲା। ତେଣୁ ସେମାନେ ଫେରାର ହୋଇ ଯାଇଥିଲେ ବୋଲି ସଂପୃକ୍ତ ଛାତ୍ରମାନେ କହିଛନ୍ତି ।

## ‘ସ୍ୱର୍ଗତ ନବ ଦାସ ଥିଲେ କ୍ରାନ୍ତିକାରୀ ରାଜନେତା’

# ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକରେ ସାତଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନବ ଦାସ ସ୍ମାରକୀ ଫାଉଣ୍ଡେସନ ପକ୍ଷରୁ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ସହିତ ସମ୍ବର୍ଦ୍ଧନା ସଭା ବୁଧବାର ସ୍ଥାନୀୟ ଗୀତଗୋବିନ୍ଦ ସଦନ ଠାରେ ଫାଉଣ୍ଡେସନର ଅଧ୍ୟକ୍ଷ, ସଂସ୍କୃତି ପୁରୁଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ସମ୍ପାଦକ ବିଷ୍ଣୁ ପ୍ରସାଦ କେଡ଼ିଆଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବରେଣ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ କଟକ ମେୟର ସୁବାସ ସିଂ, ବିଶିଷ୍ଟ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ବରିଷ୍ଠ ସିପିଆଇ ନେତା ରାମକୃଷ୍ଣ ପଣ୍ଡା, ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଃ ଦାସଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ମରଣିକା ପୁସ୍ତକ ‘ସ୍ମୃତିରେ ନବ’ ଲୋକାର୍ପିତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପୂଜାରୀ ଶ୍ରଦ୍ଧାଞ୍ଜଳି ଜଣାଇ ମତବ୍ୟକ୍ତ କରିଥିଲେ ଯେ, ନବବାବୁ ଉତ୍ତର ପିଢିକୁ ପ୍ରେରଣା ଦେବା ସହିତ ଅସହାୟ ବ୍ୟକ୍ତିଙ୍କ ସ୍ୱର ପାଲଟିଥିଲେ। ସ୍ମୃତିଚାରଣ ପୂର୍ବକ ଡଃ ଜ୍ଞାନେନ୍ଦ୍ର ମତବ୍ୟକ୍ତ କରି କହିଲେ ଯେ, ସ୍ୱର୍ଗତ ନବ ଦାସ ଜଣେ ଦରଦୀ ବନ୍ଧୁ ସହ ଧାର୍ମିକ ବ୍ୟକ୍ତି ଥିଲେ, ଏହା ଖୁବ୍ କମ୍ ଲୋକ ଜାଣନ୍ତି। ସ୍ୱର୍ଗତ ଦାସଙ୍କ ମୃତ୍ୟୁ ଏକ ରହସ୍ୟଜନକ ଘଟଣା, ଏହାର ସିବିଆଇ ତଦନ୍ତ ଦ୍ୱାରା ପ୍ରକୃତ ତଥ୍ୟ ଉନ୍ମୋଚିତ ହେବ ବୋଲି ଗଣେଶ୍ୱର ବେହେରା ଓ ସନ୍ତୋଷ ସିଂ ସାଲୁଜା କହିଥିଲେ। ପ୍ରକୃତରେ କହିବାକୁ ଗଲେ ନବବାବୁ ଥିଲେ କ୍ରାନ୍ତିକାରୀ ଜନନାୟକ ଓ ସାଧାରଣ ଜନତାର ନେତା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ବିଧାୟକ ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି, ସାମ୍ବାଦିକତା ପାଇଁ ସତ୍ୟ ସୁନ୍ଦର ଭଞ୍ଜ, ସୂଚନା ଅଧିକାର ପାଇଁ ପ୍ରଦୀପ ପ୍ରଧାନ, ସ୍ତମ୍ଭକାର ଶିବଶଙ୍କର ନନ୍ଦ, ପରିବେଶ ପାଇଁ ଅଶୋକ କୁମାର ସାହୁ, ସମାଜସେବା ପାଇଁ ଜୟନ୍ତ ଦୀକ୍ଷିତ ପ୍ରମୁଖ ସାତଜଣ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱଙ୍କୁ ଅତିଥିମାନେ ଉତ୍ତରୀୟ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀଙ୍କ ପାଇଁ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର, ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ସମ୍ମାନ ଗ୍ରହଣ କରିଥିଲେ।

# ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫: ସୁଭଦ୍ରାରୁ ମୁଦ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆମ ପାଇଁ ମହିଳା ସଶକ୍ତିକରଣ ଏକ ସ୍ଲୋଗାନ ନୁହେଁ ଏହା ଏକ ପ୍ରତିବଦ୍ଧତା । ରାଜ୍ୟର ମହିଳାଙ୍କ ଆଶା, ଆକାଂକ୍ଷା ପୂରଣ କରିବା ପାଇଁ ନୂତନ ସରକାର ଦାୟିତ୍ୱ ନେବାର ଏକ ଘଂଟା ମଧ୍ୟରେ ସୁଭଦ୍ରା ଯୋଜନା ପ୍ରଣୟନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପୂରଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ରେ ଆୟୋଜିତ ମହିଳାଙ୍କୁ ନେଇ ସ୍ୱତନ୍ତ୍ର ଅଧିବେଶନ ‘ସୁଭଦ୍ରାରୁ ମୁଦ୍ରା’ ଅବସରରେ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନସୁଦ୍ଧା ଏହି ସୁଭଦ୍ରା ଯୋଜନାରେ ୧ କୋଟି ୭ ଲକ୍ଷ ଯୋଗ୍ୟ ହିତାଧିକାରୀ ପଞ୍ଜୀକରଣ କରିଛନ୍ତି । ଅଦ୍ୟାବଧି ୮୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ପ୍ରଥମ ପର୍ଯ୍ୟାୟ କିସ୍ତି ପ୍ରଦାନ କରାଯାଇଛି । ଓଡ଼ିଶା ହେଉଛି ସୁଯୋଗର ଭୂମି । ଆଜି ଆମେ ଓଡ଼ିଶାକୁ ଆମର ମା ମାନଙ୍କ ପାଇଁ ଏକ ସୁଯୋଗର ଭୂମି କରିବା ପାଇଁ ଏହି ଯୁଗାନ୍ତକାରୀ ଉଦ୍ୟମ ଆରମ୍ଭ କରିଛୁ । ସୁଭଦ୍ରା ଯୋଜନାରେ ଦିଆଯାଉଥିବା ସହାୟତାକୁ ବିନିଯୋଗ କରି ମା ମାନେ ଛୋଟ ଛୋଟ ବ୍ୟବସାୟ କରୁଛନ୍ତି । ସଫଳ ଉଦ୍ୟୋଗୀ ହେବା ପାଇଁ ଦୃଢ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ କରିବା ପାଇଁ ସେ ମା ମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଆଲୋଚନା ଚକ୍ରରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଲେ ଯେ ‘ସୁଭଦ୍ରା’ ଯୋଜନା ରାଜ୍ୟର ଏକ କୋଟିରୁ ଉର୍ଦ୍ଧ୍ୱ ନାରୀଙ୍କ ଜୀବନକୁ ପ୍ରଭାବିତ କରି ଲିଙ୍ଗଭିତ୍ତିକ ସମାନତା ଓ ସଶକ୍ତ ଓଡ଼ିଶା ନିର୍ମାଣରେ ସହାୟକ ହୋଇଛି । ଏହି ଯୋଜନା ଅଧୀନରେ ମହିଳାମାନଙ୍କ ଡିଜିଟାଲ୍ ? ଓ ଆର୍ଥିକ ସାକ୍ଷରତା, ଉଦ୍ୟମିତାରେ ଉନ୍ନତି ଓ ନେତୃତ୍ୱ ନେବାର ଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଶ୍ରୀମତୀ ପରିଡ଼ା କହିଥିଲେ । ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଲୋଚନାରେ ଅଂଶଗ୍ରହଣ କରି କହିଲେ ଯେ ରାଜ୍ୟର ବୃହତ ମହିଳାକେନ୍ଦ୍ରିତ ଯୋଜନା ହେଉଛି ସୁଭଦ୍ରା । ଅବହେଳିତ ତଥା ଜନଜାତି ମହିଳାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ସୁଭଦ୍ରା ବହୁମାତ୍ରାରେ ସଫଳ ହୋଇପାରିଛି । ସୁଭଦ୍ରା ଏବଂ ଉତ୍କର୍ଷ ଓଡ଼ିଶାର ସମ୍ମିଶ୍ରଣ ମହିଳା ସଶକ୍ତିକରଣ ଏବଂ ସୁଯୋଗକୁ ଏକାଠି କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟପକ୍ଷେ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ ଆଲୋଚନାରେ ଭାଗ ନେଇ ସମସ୍ତ ମହିଳାମାନଙ୍କୁ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି ମତବ୍ୟକ୍ତ କରିଥିଲେ ଏବଂ ସୁଭଦ୍ରାକୁ ମହିଳା ସଶକ୍ତିକରଣର ପ୍ରତୀକ ବୋଲି ମଧ୍ୟ ଉଲ୍ଲେଖ କରିଥିଲେ । ଆଲୋଚନାରେ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ନିକୁଞ୍ଜ ଧଳ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ମନିଷା ବାନାର୍ଜୀ, ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶକ ମୋନିକା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଦେବଗଡ଼ ପୌରାଧକ୍ଷା ଶାନ୍ତିମଞ୍ଜରୀ ଦେଇ ବହିଷ୍କୃତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦେଓଗଡ ପୌର ଅଧକ୍ଷା ବହିଷ୍କୃତ ହୋଇଛନ୍ତି । ରାଜ୍ୟ ସରକାର ଦେଓଗଡ଼ ଜିଲ୍ଲାପାଳଙ୍କ ତଦନ୍ତ ରିପୋର୍ଟ ଆଧାରରେ ପୌର ଅଧକ୍ଷା ଶ୍ରୀମତୀ ଶାନ୍ତି ମଞ୍ଜରୀ ଦେଇଙ୍କୁ ବହିଷ୍କୃତ କରିଛନ୍ତି । ଓଡ଼ିଶା ମୁନିସିପାଲ ଆକ୍ଟ -୧୯୫୦,ଧାରା ୫୩ ଅନୁଯାୟୀ, ଦେବଗଡ଼ ନଗରପାଳିକାର ବିଜେଡି ପୌରାଧକ୍ଷକ ଶାନ୍ତିମଞ୍ଜରୀ ଦେଇଙ୍କୁ ତାଙ୍କ ପଦବୀରୁ ବହିଷ୍କୃତ କରାଯାଇଛି । ଏ ସମ୍ପର୍କରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁସାରେ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ଆଦେଶକ୍ରମେ ପୌରାଧକ୍ଷକଙ୍କୁ ତତକ୍ଷଣାତ ବହିଷ୍କାର କରାଯାଇଛି। ଉପରୋକ୍ତ ଧାରା ଅନୁଯାୟୀ ଧାରାବାହିକ ଭାବେ ମୁନିସିପାଲ ଆକ୍ଟଗୁଡିକୁ ଅବମାନନା କରୁଥିବା ଅଭିଯୋଗରେ ଶାନ୍ତିମଞ୍ଜରୀ ଦେଇଙ୍କୁ ସରକାର ଗତ ନଭେମ୍ବର ମାସ ୧୧ତାରିଖ ଦିନ କାରଣ ଦର୍ଶାଇବା ପାଇଁ ନୋଟିସ ଜାରି କରିଥିଲେ । ଶାନ୍ତିମଞ୍ଜରୀ ଦେଇ ଏହି ନୋଟିସକୁ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ । କିନ୍ତୁ ହାଇକୋଟ ଗତ ଡିସେମ୍ବର ୧୧ ତାରିଖ ଦିନ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ ।

# ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ବର୍ତ୍ତମାନର ସମୟ ହିଁ ପ୍ରକୃଷ୍ଟ ସମୟ : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାକୁ ଏକ ସମୃଦ୍ଧ ଓ ଶିଳ୍ପୋନ୍ନତ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଆରମ୍ଭ ହୋଇଯାଇଛି ଉତ୍କର୍ଷ ଓଡ଼ିଶା-ମେକଇନ୍ ଓଡ଼ିଶା କନକ୍ଲେଭ। ଭୁବନେଶ୍ୱର ଜନତା ମଇଦାନ ଠାରେ ଆୟୋଜିତ ହେଉଥିବା ଏହି କନକ୍ଲେଭରେ ଦେଶ-ବିଦେଶରୁ ଅନେକ ଶିଳ୍ପପତି ଓ ପୁଞ୍ଜିନିବେଶକମାନେ ଯୋଗଦେଇଛନ୍ତି। ଉତ୍କର୍ଷ ଓଡ଼ିଶା-ମେକଇନ୍ ଓଡ଼ିଶା କନକ୍ଲେଭର ଆଜି ଦ୍ୱିତୀୟ ଦିନରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ନିବେଶର ବିଭିନ୍ନ ଦିଗ ଏବଂ ସୁଯୋଗକୁ ନେଇ ଏକ ଅଧିବେଶନର ଆୟୋଜନ କରାଯାଇଥିଲା। ଉକ୍ତ ଅଧିବେଶନରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ପ୍ରଭାତୀ ପରିଡ଼ା କହିଥିଲେ ଯେ, କଳା, ଭାସ୍କର୍ଯ୍ୟ,ସ୍ଥାପତ୍ୟ,ଐତିହ୍ୟ ଏବଂ ସଂସ୍କୃତି ସମୃଦ୍ଧ ରାଜ୍ୟ ହେଉଛି ଆମ ଓଡ଼ିଶା। ମନ୍ଦିରମାଳିନୀ ରାଜ୍ୟ ଓଡ଼ିଶାରେ ବିଶ୍ୱ ପ୍ରସିଦ୍ଧ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର, ଲିଙ୍ଗରାଜ ମନ୍ଦିର ଆଦି ଅନେକ ପ୍ରସିଦ୍ଧ ମନ୍ଦିର ରହିଛି। ଏଥିସହ ପ୍ରାକୃତିକ ଶୋଭାରେ ବିମଣ୍ଡିତ ଆମ ରାଜ୍ୟ ଓଡ଼ିଶା ବନରାଜି, ଅଭୟାରଣ୍ୟ, ନଦୀ, ହ୍ରଦ, ସମୁଦ୍ର ଏବଂ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ପରିପୂର୍ଣ୍ଣ। ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ହେବା ଦ୍ୱାରା ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଏଥିସହିତ ଆମ ବିକାଶର ଯାତ୍ରା ଆହୁରି ମଧ୍ୟ ଅଗ୍ରସର ହୋଇପାରିବ। ତେଣୁ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ବର୍ତ୍ତମାନର ସମୟ ହିଁ ପ୍ରକୃଷ୍ଟ ସମୟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମତପ୍ରକାଶ କରିଥିଲେ। ଅଧିବେଶନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ କ୍ଷେତ୍ରକୁ ନେଇ ରହିଥିବା ବିଭିନ୍ନ ଲକ୍ଷ୍ୟ ସମ୍ବନ୍ଧରେ ଆଲୋଚନା କରିଥିବାବେଳେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବଲୱନ୍ତ ସିଂ ବିଭାଗର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ, କାର୍ଯ୍ୟକ୍ରମ, ଯୋଜନା ଓ ଓଡ଼ିଶାର ପର୍ଯ୍ୟଟନ ସ୍ଥଳୀ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

# ବିକଶିତ ଓଡ଼ିଶା ପାଇଁ ଅକ୍ଷୟ ଶକ୍ତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ବୃହତ ପୁଞ୍ଜିନିବେଶ ସମ୍ମିଳନୀ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ୨୦୨୫ ର ଆଜି ଦ୍ୱିତୀୟ ଦିନ । ଦ୍ୱିତୀୟ ଦିନରେ ବିକଶିତ ଓଡ଼ିଶା ପାଇଁ ଅକ୍ଷୟ ଶକ୍ତି ଏବଂ ଅକ୍ଷୟ ଶକ୍ତି ପାଇଁ ଉପକରଣ ଉତ୍ପାଦନ ନିମନ୍ତେ ଇକୋସିଷ୍ଟମ ସୃଷ୍ଟି କରିବା ବିଷୟବସ୍ତୁକୁ ନେଇ ଅଧିବେଶନ ଆୟୋଜିତ ହୋଇଯାଇଛି । ଅଧିବେଶନରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଉପସ୍ଥିତ ଥିବା ବେଳେ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ, ନିବେଶକ, ଛାତ୍ରଛାତ୍ରୀଙ୍କ ସମେତ ୩୦୦ରୁ ଅଧିକ ଅଂଶଗ୍ରହଣ କରିଥିଲେ । ଓଡ଼ିଶାର ସବୁଜ ଶକ୍ତିର ଭବିଷ୍ୟତକୁ ସଂରକ୍ଷିତ କରିବା ଏବଂ ଅକ୍ଷୟ ଶକ୍ତିର ଆକାଂକ୍ଷାକୁ ପୂରଣ କରିବା ଦିଗରେ ରାଜ୍ୟ ସରକାର ନିବେଶକମାନଙ୍କୁ ଆହ୍ୱାନ କରୁଛନ୍ତି । ବିକଶିତ ଓଡ଼ିଶା ୨୦୪୭ ର ଦୃଷ୍ଟିକୋଣକୁ ଆଧାର କରି ଓଡ଼ିଶା ରାଜ୍ୟ ଶକ୍ତି କ୍ଷେତ୍ରର ବିକାଶ ପାଇଁ ଏକ ବ୍ୟାପକ ଏବଂ ଭବିଷ୍ୟତ ଚିନ୍ତାଧାରାର ଆଭିମୁଖ୍ୟ ଗ୍ରହଣ କରିଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ସୂଚନା ଦେଇଛନ୍ତି । ଅକ୍ଷୟ ଶକ୍ତିକୁ ନେଇ ଦୁଇଟି ଅଧିବେଶନର ଆୟୋଜନ କରାଯାଇଥିଲା ।

# ଧରା ପଡିଲା ୪୨ ଲକ୍ଷ ଟଙ୍କାର ଅଫିମ ଚାଷ, ପୋଡ଼ିଲା ପ୍ରଶାସନ

କରଞ୍ଜିଆ (ଭାସ୍କର ନ୍ୟୁଜ): ମୟୁରଭଂଜ ଜିଲ୍ଲାର ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଏଡେଲ ବେଡା ଗ୍ରାମର ବୁରୁ ସାହିରେ ଲକ୍ଷ ଲକ୍ଷ ଟଙ୍କାର ଅଫିମ ଚାଷକୁ ପୋଲିସ ପ୍ରଶାସନ ଠାବ କରି ପୋଡିଛି । ପୋଡା ଯାଇଥିବା ଅଫିମ ଚାଷର ମୂଲ୍ୟ ଆନୁମାନିକ ମୂଲ୍ୟ ୪୨ ଲକ୍ଷ ହେବ ବୋଲି ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି । ଘଟଣାରୁ ପ୍ରକାଶଯେ, ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଏଡେଲବେଡା ଗ୍ରାମରେ ଅଫିମ ଚାଷ ହୋଇଥିବା ଖବର ପୋଲିସ ପାଇଥିଲା । ପ୍ରାୟ ୧ ଏକର ଜମିରେ ଅତି



ଯତ୍ନରେ ଏବଂ ବ୍ୟବସାୟିକ ଭାବେ ଅଫିମ ଚାଷ ହୋଇଥିଲା । ଫୁଲ ବି ଆସିଯାଇଥିଲା । ପୋଲିସ ନିକଟରେ ଖବର ପହଞ୍ଚିବା ପରେ ଏସଡ଼ିପିଓ ସୁବ୍ରତ କୁମାରଙ୍କ ନେତୃତ୍ୱରେ ପୋଲିସ ଟିମ ସହ ବନ ବିଭାଗ ଓ ଅବକାରୀ ବିଭାଗ ୨୯ ତାରିଖ ସକାଳୁ ମିଳିତ ଚଢାଉ ଆରମ୍ଭ କରିଥିଲା । ମାଜିଷ୍ଟ୍ରେଟ ଭାବେ ଠାକୁରମୁଣ୍ଡା ତହସିଲଦାର ସମ୍ବିତ କୁମାର କରଙ୍କ ଉପସ୍ଥିତିରେ ୨୧୦୦୦ ଗଛ ଉଠାଯାଇ ପୋଡା ଯାଇଥିଲା । ଏସଡ଼ିପିଓ ସୁବ୍ରତ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ଠାକୁରମୁଣ୍ଡା ଥାନାରେ କେଶ ନଂ ୬ ଏବଂ ଦଫା ୧୮ ଏନଡିପିଏସ ଧାରା ରେ ମୋକଦ୍ଦମା ରୁଜୁ ହୋଇ ତଦନ୍ତ ଚାଲୁ ରହିଥିବା ସୂଚନା ଦେଇଛନ୍ତି

# ପ୍ରାଚୀ ନଦୀରେ ପିତୃ ପୁରୁଷଙ୍କୁ ପିଣ୍ଡ ଦାନ

ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଅଁଳ ପଞ୍ଚାୟତ ଦେଇ ଯାଇଥିବା ପ୍ରାଚୀ ନଦୀରେ ତ୍ରିବେଣୀ ତୁଠରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇ ପିତୃ ପୁରୁଷଙ୍କ ଲାଗି ପିଣ୍ଡ ଦାନ କରିଛନ୍ତି। ଗଙ୍ଗା ଠାରୁ ହଜାର ବର୍ଷ ପବିତ୍ର କୁହାଯାଉଥିବା ପ୍ରାଚୀ ନଦୀରେ ବୁଡ଼ ପକାଇଲେ ମାନସିକ ପୂର୍ଣ୍ଣ ହେବା ଶହ ରୋଗ ବୈରାଗ୍ୟ ହୋଇ ନଥାଏ। ଏହି ତିଥିରେ ପିତୃ ପୁରୁଷ ଙ୍କୁ ପିଣ୍ଡ ଦାନ କଲେ ବୁଡ଼ ପକାଇଥିବା ଶ୍ରଦ୍ଧାଳୁଙ୍କ ମତ ଏମିତିକି ପିଲାମାନଙ୍କ ମାନସିକ ପାଇଁ ଲଣ୍ଡା କରି କେଶ ପକାଇଥାନ୍ତି। ଉକ୍ତ ଜାଗାଟି ନିଆଳି ଓ ବାଲି ପାଟଣା ବ୍ଲକର ସୀମା ରେ ହୋଇଥିବା ବେଳେ ଆଜି କଟକ ଓ ଖୋର୍ଦ୍ଧା, ଜଗତସିଂ ପୁର ଓ ପୁରୀ ଜିଲ୍ଲା ରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

# ବଦଳିବ ଧାମନଗର ଏନ୍‌ଏସିର ରୂପରେଖ, ପ୍ରଶାସନର ପ୍ରସ୍ତୁତି

ଧାମନଗର (ଭାସ୍କର ନ୍ୟୁଜ): ଧାମନଗର ପଞ୍ଚାୟତ କୁ ଭାଙ୍ଗି ଦିଆଯାଇ ଏନଏସି ଗଠନ ହୋଇ ଥିଲା ଏବେ ଧାମନଗରର ଆକାର ବୃଦ୍ଧି ପାଇବ। ଏହାର ସୀମା ବଢ଼ିବା ସହ ପୌରପରିଷଦରେ ରୂପାନ୍ତରିତ ହେବାକୁ ଯୋଜନା ଆରମ୍ଭ ହୋଇଛି । ଏଥିଲାଗି ପ୍ରାଥମିକ ସର୍ବେକ୍ଷଣ ସରିଛି। ସୂଚନାଥାଉକି ଧାମନଗର ଏନଏସିରେ ପୂର୍ବରୁ ଧାମନଗର ତହସିଲର ୫ ଟି ମୌଜା ସାମିଲ ହୋଇଥିଲା। ଏବେ ଆଉ ୧୮ ଟି ରାଜସ୍ୱ ମୌଜାକୁ ଅନ୍ତର୍ଭୁକ୍ତ କରାଯିବ। ବର୍ତ୍ତମାନର ଏନ୍‌ଏସିରେ ୨୦୧୧ ଜନଗଣନା ଅନୁସାରେ ଲୋକସଂଖ୍ୟା ୨୨ ହଜାର ୯୨୦ ରହିଛି। ନୂଆ ରାଜସ୍ୱ ମୌଜା ଯୋଡ଼ି ହୋଇଗଲେ ଜନସଂଖ୍ୟା ୩୫ ହଜାର ୭୬୦ ହେବ। ଓଡ଼ିଶା ପୌର ପରିଷଦ ଆଇନ-୧୯୫୦ ଅନୁସାରେ ପୌର ପରିଷଦ ମାନ୍ୟତା ପାଇଁ ସେହି ଅଞ୍ଚଳରେ ଜନସଂଖ୍ୟା ୨୫ ହଜାରରୁ



ଅଧିକ ରହିବା ବିଧେୟ। ଏଣୁ ନୂଆ ୧୮ ଟି ମୌଜାକୁ ମିଶାଇ ଦେଲେ ଧାମନଗର ଏନଏସି ପୌରପରିଷଦର ମାନ୍ୟତା ପାଇଯିବ। ପୂର୍ବରୁ ଧାମନଗର ଓ ଜୟନଗର ପଞ୍ଚାୟତ ସହ ରାଧାବଲ୍ଲଭପୁର ପଞ୍ଚାୟତର ତାଳପଦା ରାଜସ୍ୱ ଗ୍ରାମକୁ ନେଇ ଏନଏସି ଗଠିତ ହୋଇଥିଲା। ଏବେ ଭଗବାନପୁର ପଞ୍ଚାୟତର ପଳିକିରି ଓ ଅନହରପୁର, ଭଗବାନପୁର, କଲ୍ୟାଣୀ ପଞ୍ଚାୟତର ବନସର, ମୁସ୍ତଫାପୁର ପଞ୍ଚାୟତର ଗଉଡ଼ବିଶି ନୂଆପଡ଼ା, ଦୋବଲ ପଞ୍ଚାୟତର ଇଟୁଆ, ରାଧାବଲ୍ଲଭପୁର ପଞ୍ଚାୟତର ରାଧାବଲ୍ଲଭପୁର, ବନ୍ଧଟିଆ, ମିରିଜାପୁର ଓ ଅବଶିଷ୍ଟ ତାଳପଦା ଗାଁକୁ ସାମିଲ କରାଯାଇଛି। ଏହାସହ ଚକସପୁର, ଦାମୋଦରପୁର, ହାଜିପୁର, ଜୟକୃଷ୍ଣପୁର, କୃଷ୍ଣଦାସପୁର, ମଉଜଖଣ୍ଡି, ପରମାନନ୍ଦପୁର, ଶାହାବାଜପୁର ଗାଁକୁ ସାମିଲ କରାଯିବାକୁ ଯୋଜନା ହୋଇଛି। ଏନ ଏ ସି ର କଳେବର ବୃଦ୍ଧି ଲାଗି ୨୦୨୩ ଜାନୁଆରି ୬ ତାରିଖରେ ସର୍ବେକ୍ଷଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାପରେ ଆରବୀ ଆସୋସିଏଟସ ପକ୍ଷରୁ ଜିଆଇଏସ / ଜିଆରଏସ ସର୍ଭେ କରାଯାଇଥିଲା। ସର୍ଭେ ପରେ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ଏନେଇ ଧାମନଗର ଏନଏସି କାଉନ୍‌ସିଲର, ଚେୟାରମ୍ୟାନ, ଭାଇସ ଚେୟାରମ୍ୟାନ, କାର୍ଯ୍ୟନିର୍ବାହୀ ଅଧିକାରୀ, ଧାମନଗର ତହସିଲଦାର, ବିଡିଓ, ବିଇଓ, କୃଷି ଅଧିକାରୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ଭଦ୍ରକ ସାଂସଦଙ୍କ ପ୍ରତିନିଧି ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଏନଏସି ପ୍ରତିନିଧିଙ୍କ ସହ ବୈଠକ ହୋଇଥିଲା। ଏଥିରେ ଭଦ୍ରକ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଜନ ପ୍ରତିନିଧିଙ୍କ ମତାମତ ଆହ୍ୱାନ କରିଛନ୍ତି। ଫେବ୍ରୁଆରି ୧୫ ସୁଦ୍ଧା ମତାମତ ଦେବାକୁ କୁହାଯାଇଛି।

# ବୟନ, ପୋଷାକ ଶିଳ୍ପ କ୍ଷେତ୍ରରେ ୮ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୟନଶିଳ୍ପ, ପୋଷାକ ଶିଳ୍ପ, ରେଶମ ଶିଳ୍ପ ଏବଂ ହସ୍ତତନ୍ତ କ୍ଷେତ୍ରରେ ବିକାଶ ଓ ସମୃଦ୍ଧି ପାଇଁ ଅପାର ସମ୍ଭାବନା ଆଣିଛି ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ -୨୦୨୫ । ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଶିଳ୍ପ ମହାକୁମ୍ଭ ‘ଉତ୍କର୍ଷ ଓଡ଼ିଶା’ ନୂଆ ଉର୍ଜା ଯୋଗାଇବ । ଆଜି ମୋଟ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଫଳରେ ୩୬ଟି ୟୁନିଟରେ ୭୭୬୨ କୋଟି ଟଙ୍କାର ପୁଞ୍ଜି ନିବେଶ ସୁରକ୍ଷିତ ହୋଇଛି । ଏହା ଯୋଗୁଁ ରାଜ୍ୟରେ ୨୨୦୦୦ ପ୍ରତ୍ୟକ୍ଷ ଏବଂ ୬୬୦୦୦ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ‘ଦ ଇମରଜିଙ୍ଗ ଡେଷ୍ଟିନେସନ ଫର ଟେକ୍ସଟାଇଲସ୍, ଆପାରେଲସ୍ ଆଣ୍ଡ ହାଣ୍ଡଲୁମସ୍’ (ବୟନ, ପୋଷାକ, ଏବଂ ହସ୍ତତନ୍ତ ପାଇଁ ସମ୍ଭାବନାର କ୍ଷେତ୍ର) ଶୀର୍ଷକ ପ୍ରଥମ ଅଧିବେଶନରେ ମାନ୍ୟବର ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ କହିଥିଲେ ଉଦ୍ୟୋଗୀଙ୍କୁ ସୁହାଇବା ଭଳି ନୀତି, ଦୃଢ ଭିତ୍ତିଭୂମି, ଆବଶ୍ୟକୀୟ କଞ୍ଚାମାଲ, ଦକ୍ଷତାସମ୍ପନ୍ନ ମାନବ ସମ୍ବଳ, ସୁଦକ୍ଷ ବୁଣାକାର ଓ ଡବଲ ଇଂଜିନ୍ ସରକାର ଆମର ଶକ୍ତି । ତେଣୁ ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ଆମ ରାଜ୍ୟରେ ବିପୁଳ ସୁଯୋଗ ରହିଛି । ବୟନ ଶିଳ୍ପ ଏବଂ ହସ୍ତତନ୍ତ କ୍ଷେତ୍ରରେ ପୁଞ୍ଜି ନିବେଶ ହେଉଛି ପ୍ରଧାନମନ୍ତ୍ରୀଙ୍କ ‘ପୂର୍ବୋଦୟ’ ଦୃଷ୍ଟିକୋଣର ଏକ ନିରନ୍ତର ଅନୁସରଣ ବୋଲି କହିଥିଲେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ଚନ୍ଦ୍ର ପୂଜାରୀ । ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଓଡ଼ିଶାରେ ଥିବା ବ୍ୟାପକ ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ । ୮ଟି ଜିଆଇ ଟ୍ୟାଗ୍ ମାନ୍ୟତାପ୍ରାପ୍ତ ହସ୍ତତନ୍ତ ବସ୍ତ୍ର ଓଡ଼ିଶାର ଗରିମାମୟ ହସ୍ତତନ୍ତ ପରମ୍ପରାର ନିଦର୍ଶନ ବୋଲି କହିଥିଲେ । ଏହି ଅଧିବେଶନରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ପଛୁଆ ବର୍ଗ ଓ ସଂଖ୍ୟା ଲଘୁ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭାରତ ସରକାରଙ୍କ ବୟନ କମିଶନର ଶ୍ରୀମତୀ ରୂପ ରାଶି ପ୍ରମୁଖ ଯୋଗ ଦେଇଥିଲେ ।

## ଫାଷ୍ଟ କ୍ରାଏ ଇଣ୍ଟେଲିଟଟ୍ସ ନୂତନ ବିଦ୍ୟାଳୟ ଉଦ୍‌ଘାଟିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସାରା ଦେଶର ମାନବ ସମାଜ ଏବେ ସମୟ ସହିତ ତାଳ ଦେଇ ଏକ ବିକଶିତ ବିଶ୍ୱ ଗଠନ ନିମନ୍ତେ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଥିଲା ବେଳେ ଶିକ୍ଷା କ୍ଷେତ୍ରରେ ମଧ୍ୟ ଏହାର ବୈପ୍ଳବିକ ପରିବର୍ତ୍ତନ ଦେଖିବାକୁ ମିଳୁଛି। କଅଁଳ ବୟସରୁ ଶିଶୁମାନଙ୍କୁ ଶିକ୍ଷା ପ୍ରତି ଅଧିକରୁ ଅଧିକ ଉତ୍ସାହିତ କରିବା ପାଇଁ ଆକର୍ଷଣୀୟ ଶ୍ରେଣୀଗୃହ, ଅତ୍ୟାଧୁନିକ ଶିକ୍ଷା ସାମଗ୍ରୀ ଓ ଅପୂର୍ବ ଆତ୍ମୀୟତାର ସହ ଶିକ୍ଷାଦାନର ଅଭିନବ ପଦ୍ଧତି ସମ୍ପର୍କରେ ଶିଶୁ ମନସ୍ତତ୍ତ୍ୱବିତ୍ ମାନେ ମଧ୍ୟ ପ୍ରଚେଷ୍ଟା ଜାରି ରଖି ଏହାର ସୁଫଳ ମଧ୍ୟ ଲାଭ କରୁଛନ୍ତି। ଏହି କ୍ରମରେ କଳାହାଣ୍ଡି ଜିଲ୍ଲା ମଧ୍ୟ ପଛରେ ପଡି ଯାଇନାହିଁ। ଶିଶୁ ମାନଙ୍କୁ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଦେବା ନିମନ୍ତ ପ୍ରି ସ୍କୁଲ ଏବଂ ଡେ କେୟାର କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ଏସିଆ ମହାଦେଶର ବୃହତ୍ତମ ଶିଶୁଶିକ୍ଷା ସଂସ୍ଥା ' ଫାଷ୍ଟ କ୍ରାଏ ଇଣ୍ଟେଲିଟଟ୍ସ ପ୍ରି ସ୍କୁଲ ଏଣ୍ଡ ଡେ କେୟାର ' ଏବେ ଭବାନୀପାଟଣାର ସର୍କିଟ ହାଉସ ଛକଠାରେ ଦୀପ୍ତି ଗ୍ରୁପ୍ ଅଫ୍‌ଇନ୍ ଷ୍ଟିଚ୍ୟୁସନ୍ ପକ୍ଷରୁ ନୂତନ ବିଦ୍ୟାଳୟ ପ୍ରତିଷ୍ଠା କରା ଯାଇଅଛି। ଗତ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଏହି ବିଦ୍ୟାଳୟକୁ ଭବାନୀପାଟଣା ସହର ବହୁ ଶିକ୍ଷାବିତ୍, ଶିକ୍ଷାପ୍ରେମୀ, ପ୍ରତିଷ୍ଠାତା ଗ୍ରୁପର ମୁଖ୍ୟ ସୁମିତ୍ରା ଦାସ, ଫାଷ୍ଟ କ୍ରାଏଇଣ୍ଟେଲିଟଟ୍ସର ଓଡିଶା ରିଜିଓନାଲ୍ ଅପରେସନ ମେନେଜର ରାଜେନ୍ଦ୍ର ପ୍ରସାଦ ଦାସଙ୍କ ଉପସ୍ଥିତିରେ ଏହି ନୂତନ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରାଯାଇଥିଲା।

## ସ୍ଥାୟୀ ପଟ୍ଟା ଦାବିରେ ତହସିଲ ସମ୍ମୁଖରେ ବସ୍ତିବାସିନ୍ଦା




କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍ଏସି ୱାର୍ଡ ନଂ ୧୦ର ଶହ ଶହ ସଂଖ୍ୟାରେ ୱାର୍ଡ ବାସୀ ମଙ୍ଗଳବାର ଦିନ ସ୍ଥାନୀୟ ତହସିଲ ଅଫିସ ଯାଇ ତହସିଲଦାର ପ୍ରଶାନ୍ତି ପ୍ରଧାନଙ୍କୁ ସାକ୍ଷାତ କରି ସ୍ଥାୟୀ ପଟ୍ଟା ପାଇଁ ଅନୁରୋଧ କରିଥିଲେ। ଏଠାରେ ପ୍ରକାଶ ଥାଉକି ଗତ ସୋମବାର ଦିନ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଜନଶୁଣାଣୀରେ ସମସ୍ତ ୱାର୍ଡ ବାସୀ ଯାଇ ଜିଲ୍ଲାପାଳଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ଏକ ଲିଖିତ ଅଭିଯୋଗ କରିଥିଲେ। ପରେ ଜିଲ୍ଲାପାଳ ଅଭିଯୋଗ ପତ୍ରକୁ ତହସିଲଦାରଙ୍କୁ ଦେଇ ସମସ୍ୟାର ସମାଧାନର ବାଟ ବାହାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ପରେ ତହସିଲଦାର ମହୋଦୟ ସମସ୍ତ ୱାର୍ଡବାସୀଙ୍କୁ ତହସିଲ ଅଫିସ ଆସିବାକୁ କହିଥିବାରୁ ସମସ୍ତେ ତହସିଲ ଅଫିସ ଯାଇ ତହସିଲଦାରଙ୍କୁ ସାକ୍ଷାତ କରିଥିଲେ। ପରେ ତହସିଲ ଦାର ମହୋଦୟ ବାହାରକୁ ଆସି ସମସ୍ତ ୱାର୍ଡ ବାସୀଙ୍କୁ ମୁଁ ଆଜି ଏକା ସରକାରଙ୍କୁ ଚିଠି ଲେଖି ସର୍ବେ ପାଇଁ ଅନୁରୋଧ କରି ସର୍ବେ କାମ ସରିଲା ପରେ ସମସ୍ତ ୱାର୍ଡ ବାସୀଙ୍କୁ ପଟ୍ଟା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ। ପରେ ୱାର୍ଡ ବାସୀ ତହସିଲ ଅଫିସରୁ ଫେରିଆସିଥିଲେ। ସେହିଭଳି ଲଇତରା ଗ୍ରାମ ପଂଚାୟତ ଅଧୀନରେ ଥିବା ମଶାଣିମୁଣ୍ଡା ଗ୍ରାମ ବାସି ଦୀର୍ଘ ୬୦ବର୍ଷ ରୁ ଉର୍ଦ୍ଧ ବସବାସ କରି ଆସୁଅଛନ୍ତି କିନ୍ତୁ ପଟା ପାଇ ବାରୁ ବଞ୍ଚିତ ଅଛନ୍ତି। ଯଥାଶୀଘ୍ର ପଟା ପାଇବା ପାଇଁ ଦାବି କରି ଆସୁଛନ୍ତି।

## କଦଳୀଘାଟି- କିଡ଼ିଙ୍ଗ ରାସ୍ତା ହେବ ୪ଲେନ୍

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରୁ ରାୟଗଡାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର କଦଳୀଘାଟିରୁ କିଡିଙ୍ଗ ପର୍ଯ୍ୟନ୍ତ ଦୀର୍ଘ ଦିନ ହେଲା ଚାଲିଛି ରାସ୍ତା ନିର୍ମାଣ କାମ। ତେବେ ରାସ୍ତା ନିର୍ମାଣ ପୂର୍ବରୁ ପୁରୁଣା ପିଚୁକୁ ଉଠାଇ କ୍ରସରଗୁଣ୍ଡ ପକାଇ ସମତଳ କରାଗଲା। କିନ୍ତୁ ଠିକାଦାରଙ୍କ ବିଲ ପାସ ହୋଇନଥିବାରୁ ରାସ୍ତା ନିର୍ମାଣ କାମ ଏକ ପ୍ରକାର ଠପ ହୋଇଯାଇଛି। ପୂର୍ବରୁ ଜଙ୍ଗଲ ବିଭାଗର ଅନୁମତି ମିଳିନଥିବାରୁ ଗଛ କଟା ହୋଇପାରିନଥିଲା। ଫଳରେ ଗଛକଟା ଯୋଗୁଁ ରାସ୍ତା କାମ ବେଶ କିଛିଦିନ ଅଟକି ରହିଥିବାବେଳେ ଏବେ କେନ୍ଦ୍ରୀୟ ସ୍ତରରେ ବିଲ ଅଟକି ରହିଥିବାରୁ କାମ ବି ଅଧାରେ ଅଟକି ରହିଛି। ରାସ୍ତାରେ କ୍ରସରଗୁଣ୍ଡ ପଡ଼ି ଛଅ ମାସ ହେଲା ରାସ୍ତାରେ ଉଡ଼ି ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ଏ ସମ୍ପର୍କରେ କଳାହାଣ୍ଡି ପୂର୍ତ୍ତ ବିଭାଗ ଏସଡିଓ ଅପୂର୍ବ ଶବରଙ୍କ ମତାମତ ନେବାରୁ ସେ ରାସ୍ତାର ଉନ୍ନତିକରଣ ପାଇଁ ଯଥା ସମ୍ଭବ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଏହା ସହିତ ଏହି ରାସ୍ତାକୁ ୪ଲେନ୍ ବିଶିଷ୍ଟ ରାସ୍ତା କରିବାକୁ କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ ଚିନ୍ତା କରୁଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଏହି ରାସ୍ତାର ଦୂରାବସ୍ଥା ସମ୍ପର୍କରେ ପୂର୍ବରୁ ସାମ୍ବାଦିକ ସଂଗଠନ ଲାଞ୍ଜିଗଡ଼ ପ୍ରେସ୍ କ୍ଲବ ତରଫରୁ କଳାହାଣ୍ଡି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏପରିକି ପ୍ରେସ କ୍ଲବ ତରଫରୁ ରାସ୍ତା ନିର୍ମାଣ ଶୀଘ୍ର ଶେଷ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଚେତାବନି ମଧ୍ୟ ଦିଆଯାଇଥିଲା। ତେବେ ଏହି ରାସ୍ତା ୪ଲେନ୍ ବିଶିଷ୍ଟ ହେବାକୁ ଯାଉଥିବାରୁ ଲୋକେ ଖୁସି ବ୍ୟକ୍ତର କରିଛନ୍ତି।

## ଲୋକେ ଝୁରୁଛନ୍ତି କାଟଙ୍କ ହାତ ତିଆରି ଝାଡୁ



ଧର୍ମଗଡ, (ଭାସ୍କର ନ୍ୟୁଜ୍ ): କଥା କଥିବ ନୁହଁ ବରଂ ସମ୍ପୂର୍ଣ୍ଣ ସତ କଥା। କାର୍ଯ୍ୟର ସଠିକ୍ ଗୁଣବତା ସର୍ବଦା ପ୍ରଶଂସିତ କରେ। ଏହାର ଅନେକ ଜ୍ୱଳନ୍ତ ପ୍ରମାଣ ରହିଛି। ସେ ଭିତରୁ ଜଣେ ଆଦିବାସୀ ଶତାୟୁବର୍ଷୀୟ ମୃତ ମହିଳା ଏବେ ବି ଲୋକଙ୍କ ମନରେ ବସା ବାନ୍ଧିଛନ୍ତି। ତାଙ୍କ ନିଖୁଣ ହାତ ତିଆରି ଝାଡୁ ଆଉ ଦେଖିବାକୁ ମିଳୁନି ସତ ହେଲେ ଏବେ ବି ସେହି ଝାଡୁ ଖଣ୍ଡକ ପାଇଁ ଚିର ସ୍ମରଣୀୟ। ଧର୍ମଗଡ ବ୍ଲକ ଜୟନ୍ତପୁର ପଞ୍ଚାୟତ ରଇନଗୁଡା ଗ୍ରାମର କାଟ ବେଓ୍ୱା ୧୦୯ବର୍ଷୀୟରେ ଗତ ୨୦୧୪ମସିହାରେ ମୃତ ହୋଇଥିଲା। ବୟସ ସିନା ଢଳି ପଡିଥିଲା ହେଲେ ସ୍ୱାଭିମାନ ଭାବେ ବଞ୍ଚି ରହୁଥିଲେ। ପୁଅ ବୋହୂଙ୍କୁ ଆଶ୍ରୟ ନ କରି ଝାଡୁ ତିଆରି କରି ନିଜ ଜୀବନ ବିତାଉଥିଲେ। ତାଙ୍କ ହାତ ତିଆରି ଝାଡୁ ଅଞ୍ଚଳରେ ପ୍ରସିଦ୍ଧ ଲାଭ କରିଥିଲା। ଏପରିକି ଝାଡୁ କିଣିବା ପାଇଁ ତାଙ୍କ ଦାଣ୍ଡରେ ଲୋକଙ୍କ ଲମ୍ବା ଲାଇନ ଲାଗି ରହିଥିଲା। ସକାଳ ପାହିଲେ ଝାଡୁ ତିଆରି ସାମଗ୍ରୀ ପାଇଁ ଯାଙ୍କ ଘର ତାଙ୍କ ଘର ବିଲକୁ ଯାଇ ଆଣୁ ଥିଲେ। ଗୋଟାଏ ପ୍ରକାର ନୁହଁ ବିଭିନ୍ନ କିସମର ଝାଡୁ ତିଆରି କରି ବେଶ କିଛି ପଇସା ରୋଜଗାର କରୁଥିଲେ। ଡାବ ଝାଡୁ, ସିଙ୍ଗ ଝାଡୁ, ପୋତା ଝାଡୁ, ସିର୍ଲି ଝାଡୁ ଇତ୍ୟାଦି ନିଖୁଣ ଭାବେ ତିଆରି କରୁଥିଲେ। ସେତେବେଳ କୁ ଝାଡୁ ପିଛା ୫-୭ଟଙ୍କା ମଧ୍ୟରେ ବିକ୍ରି କରୁଥିଲେ। ବେଳେବେଳେ ଲୋକେ ଚାଉଳ ଗଣ୍ଡେ ଦେଇ ଝାଡୁ କିଣୁଥିବା ବି ନଜର ରହିଛି। ତାଙ୍କର ମୃତ୍ୟୁ ପରେ ସେଭଳି ଝାଡୁ ଆଉ ଦେଖା ଯାଉ ନ ଥିବା ମହିଳା ରଜନୀ ନାଏକ,ନିଳେନ୍ଦ୍ରୀ ନାଏକ, ଯଶୋଦା ମାଝୀ,ପ୍ରମିଳା ଦୁରିଆ ପ୍ରମୁଖ ପ୍ରକାଶ କରନ୍ତି। ଅନ୍ୟପଟେ ତାଙ୍କର ମୃତ୍ୟୁର ୧୦ରୁ ଉର୍ଦ୍ଧ୍ୱ ବର୍ଷ ବିତିଯାଇଥିଲେ ହେ ଏବେ ବି ସମସ୍ତଙ୍କ ମନରେ ରହିଥିବା ଗ୍ରାମର ଜୟରାମ ଦୁରିଆ,ଲୋହିତ ଦୁରିଆ,ଚନ୍ଦ୍ର ଶେଖର ନାଏକ,ଚନ୍ଦ୍ରଧ୍ୱଜ ଦୁରିଆ ପ୍ରମୁଖ ପ୍ରକାଶ କରନ୍ତି। ଅପରାହ୍ନ ବୟସରେ କାହା ପାଖରେ କାଟ ବେଓ୍ୱା ମୁଣ୍ଡ ନ ନୁଆଇଁ ସ୍ୱାଭିମାନ ଭାବେ ବଞ୍ଚିବା ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିପାରିଥିଲେ। ସେ ମରିଯାଇଛନ୍ତି ସତ ହେଲେ ତାଙ୍କ ହାତ ତିଆରି ଝାଡୁ ପାଇଁ ଚିର ସ୍ମରଣୀୟ ହୋଇ ରହିଯାଇଛନ୍ତି।

## ବସୁଧା ଯୋଜନାରେ ଦୁର୍ନୀତି



ଧର୍ମଗଡ, (ଭାସ୍କର ନ୍ୟୁଜ୍ ) : ବାସ୍ତବରେ ବସୁଧା ଯୋଜନା-ବିଭାଗ ଓ ଠିକାଦାର ପାଇ ସୁନା ଅଣ୍ଡା ଦିଆ କୁକୁଡ଼ା ସାଜିଛି। କାମ ଉପରେ କାମ ଚାଲିବ -ସରକାରୀ ଟଙ୍କା ଉପରେ ଟଙ୍କା ଖର୍ଚ୍ଚ -ହେଲେ କୌଣସି ସୁଫଳ ପାଇଁ ପାରୁନାହାନ୍ତି ଲୋକେ। ଧର୍ମଗଡ ଅଞ୍ଚଳର ବିଭିନ୍ନ ଗ୍ରାମ ମାନଙ୍କରେ ବସୁଧା ଯୋଜନା ନିର୍ମାଣ ହୋଇଛି ସତ -କେବଳ ହାତ ଗଣତି କାଁ ଭାଁ ଗୋଟେ ଯୋଡ଼େ ଗାଁ ଲୋକେ ଠିକ୍ ସେ ପାଣି ପାଉଛନ୍ତି। ଆଉ ସବୁ ଗାଁ ମାନଙ୍କରେ ଏକ ପ୍ରକାର ଫେଲ ମାରିଛି। ବିଶେଷ ଭାବେ ଦଣ୍ଡପାଟ ଅଞ୍ଚଳରେ ନିର୍ମାଣଧୀନ ବସୁଧା ଯୋଜନାକୁ ନେଇ ବିଭାଗ ପ୍ରତି ଅଙ୍ଗୁଳି ଉଠିଛି। ଯେଉଁଠି ଆଖି ବୁଲେଇବେ ଦୂରରୁ ଦେଖାଯିବ ଓଭର ଟ୍ୟାଙ୍କ। ଗାଁକୁ ସୌନ୍ଦର୍ଯ୍ୟତା ବଢ଼ାଇ ଥାଏ ହେଲେ ପାଣି ଯୋଗାଣ ମୂଳରୁ ଠପ ପଡିଥିବା ଅଭିଯୋଗ ଉଠେ । ଧର୍ମଗଡ ବ୍ଲକ ଜୟନ୍ତପୁର ପଞ୍ଚାୟତ ରଇନଗୁଡ଼ା ଗାଁରେ ନ ହୋଇଥିବା ବସୁଧା ଯୋଜନା ନିର୍ମାଣ ୬ମାସ ଭିତରେ ୧୪-୧୫ଥର ମଟର ପୋଡିଯିବା ଘଟଣା ଏବେ ଚର୍ଚ୍ଚା ପରିସରକୁ ଆସିଛି। ଯୋଜନାରେ ନିମ୍ନମାନ ଯନ୍ତ୍ରପାତି ସଂଯୋଗ ଯୋଗୁ ବାରମ୍ବାର ଅଚଳ ହେଉଥିବା ଗ୍ରାମବାସୀ ପ୍ରକାଶ କରନ୍ତି। ଏପରିକି ବସୁଧା ଯୋଜନା ପ୍ରକଳ୍ପରେ ଅନେକ କାମ ବାକି ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ନିର୍ମାଣ ହୋଇଥିବା ଦର୍ଶା ଯାଇଥିବା ଅଭିଯୋଗ ହେଉଛି। ବାରମ୍ବାର ମଟର ପୋଡିବା ଘଟଣା ବିଭାଗ ପାଖରେ ଖବର ଥିଲେ ମଧ୍ୟ ଠିକାଦାରଙ୍କୁ ତାଗିଦ ନ କରି ବିଭାଗ ଚୁପ ବସିବା, ଦୁହିଁଙ୍କ ମଧ୍ୟରେ ଭିତିରିଆ ସମ୍ପର୍କ ଥିବା ଆଲୋଚନା ହେଉଛି। ନିୟମ ଅନୁଯାୟୀ ବସୁଧା ଯୋଜନାରୁ ଦିନକୁ ୨ଥର ଜଳ ଯୋଗାଣ ବ୍ୟବସ୍ଥା ଥିଲେ ହେଁ ନିମ୍ନମାନ ମଟର ସଂଯୋଗ ହୋଇଥିବା ଯୋଗୁଁ ତାହା ସମ୍ଭବ ହୋଇପାରୁ ନଥିବା କୁହାଯାଉଛି। କିଛିଦିନ ତଳେ ସଂଯୋଗ ମଟର ପୋଡି ଯାଇଥିବାରୁ ଜଳ ଯୋଗାଣ ଠପ ହୋଇ ପଡ଼ିଥିଲା। ଠିକଦାର ଜଣକ ଏଣ୍ଡୁତେଣ୍ଡୁ ତିଆରି କରି ଜଳ ଯୋଗାଣ କରିଥିଲା। ହେଲେ ପୁଣି ଅଚଳ ହୋଇପଡି ଥିବା ନେଇ ଗାଁରେ ଉତ୍ତେଜନା ଦେଖାଦେଇଛି। ଗ୍ରାମବାସୀଙ୍କ କହିବା ମତେ ନିମ୍ନ ମାନ କାମ ସାଙ୍ଗକୁ ନିମ୍ନ ଧରଣ ପାଇପ ମଟର ଏହି କାମରେ ବ୍ୟବହାର କରାଯାଇଛି। ଯାହାରି ଫଳରେ କେବଳ ଗାଁ କୁ ୨ଘଣ୍ଟା ପାଣି ଯୋଗାଇବାରେ ସମ୍ଭବ ହୋଇଥିଲା। ନିୟମ ଅନୁଯାୟୀ ଦୁଇ ଅଳି ପାଣି ଦେବା ନିୟମ ଥିଲେ ହିଁ ପାଣି ଉଠାଉ ନ ଥିବା ଯୋଗୁଁ ଟ୍ୟାଙ୍କରେ ପାଣି ଷ୍ଟକ୍ ରହୁ ନ ଥିବା ଯନ୍ତ୍ରାଂଶ ଚାଳକ ପ୍ରକାଶ କରନ୍ତି। ନିର୍ମାଣ କାମରେ ଦୁର୍ନୀତି ହୋଇଥିବା ଯୋଗୁଁ ବାରମ୍ବାର ଗାଁ ଲୋକେ ହଇରାଣ ହରକତ ହେଉଥିବା ବେଳେ ବିଭାଗ ଠିକାଦାର ପ୍ରତି ଅନୁକମ୍ପା ଦେଖାଇବା ନୀତିକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଉଛି। ତୁରନ୍ତ ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ତାର ସ୍ଥାୟୀପ୍ରତିକାର ପାଇଁ ବ୍ୟବସ୍ଥା କରିବାକୁ ଗ୍ରାମବାସୀଙ୍କ ଦାବି ହୁଏ।

## ବ୍ୟାଡ଼ମିଣ୍ଟନ ଆସୋସିଏସନର ନୂତନ କର୍ମକର୍ତ୍ତା ମନୋନୀତ




ଜୁନାଗଡ଼, (ଭାସ୍କର ନ୍ୟୁଜ୍) : ଆଗାମୀ ୨୦୨୫ ରୁ ୨୦୨୮ ତିନି ବର୍ଷ ପାଇଁ ଜୁନାଗଡ଼ ବ୍ୟାଡ଼ମିଣ୍ଟନ ଆସୋସିଏସନର କର୍ମକର୍ତ୍ତା ମନୋନୟନ ପାଇଁ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିଅମ ସ୍ଥିତ ଇଣ୍ଡୋର ହଲ ଠାରେ ପୂର୍ବତନ ସଭାପତି ହିମାଂଶୁ ଶେଖର ବରାଡ଼ଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସର୍ବସମ୍ମତି କ୍ରମେ ହିମାଂଶୁ ଶେଖର ବରାଡ଼ ସଭାପତି, ସରୋଜ କୁମାର ପଣ୍ଡା କାର୍ଯ୍ୟକାରୀ ସଭାପତି, ଉପ ସଭାପତି ଉମେଶ କୁମାର ଜୈନ ଓ ନୀତିଶ ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ସମୀର କୁମାର ସାହୁ, ଯୁଗ୍ମ ସମ୍ପାଦକ ସୁମନ ପାଣିଗ୍ରାହୀ, କୋଷାଧକ୍ଷ ଦିଲୀପ କୁମାର ପଣ୍ଡା ମନୋନୀତ ହୋଇଛନ୍ତି। ମୁଖ୍ୟ ଉପଦେଷ୍ଟା ଭାବେ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଆଇନ ଉପଦେଷ୍ଟା ଆଇନଜୀବୀ ମଦନମୋହନ ସାହୁ ଓ କାର୍ଯକାରି ସଦସ୍ୟ ଭାବେ ଶୈଳେଶ କୁମାର ସାହୁ, ସନ୍ଦୀପ କୁମାର ସାହୁ, ମାନସ କୁମାର ସାହୁ, ବିଭୁତି ଭୂଷଣ ପଣ୍ଡା, ଚକ୍ରଧର ବାଗ, କାଳିଆ କନ୍ଦପାନ, ମହମ୍ମଦ ଜାଫର, ରାକେଶ କୁମାର ବେମାଲ, ଜଲୀ ପରକ୍ଷଭୋଇ, ରୋଜାଲିନ ନାୟକ, ଶିବାନୀ ଭାଟି ପ୍ରମୁଖ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ରାଜ୍ୟ ସ୍ତରୀୟ ବ୍ୟକ୍ଷଡ଼ମିଣ୍ଟନ ଟୁର୍ନାମେଣ୍ଟ କରାଯିବ ପାଇଁ ସଭାରେ ମତପ୍ରକାଶ ପାଇଥିଲା।

## ବଢୁଛି ଦେଶୀ ଗୁଡ଼ର ଚାହିଦା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲାର ଧର୍ମଗଡ, ଜୁନାଗଡ, ଜୟପାଟଟଣା, କଲମପୁର, ଗୋଲାମୁଣ୍ଡା ଆଦି ଅଞ୍ଚଳରେ ହାତୀ ଓ ତେଲ ନଦୀ କୂଳରେ ବ୍ୟାପକ ପରିମାଣରେ ଆଖୁଚାଷ ହୋଇଛି। ପୂର୍ବରୁ ଏଠାକାର ଆଖୁକୁ ଚାଷୀମାନେ ଜୁନାଗଡ ବ୍ଲକ ମଥୁରାଠାରେ ଥିବା ଚିନିକଳରେ ବିକ୍ରି କରୁଥିଲେ। ହେଲେ ପରବର୍ତ୍ତୀ ସମୟରେ ଉକ୍ତ ଚିନିକଳ ବନ୍ଦ ହୋଇଯିବାରୁ ଚିନ୍ତାରେ ପଡିଥିଲେ ଆଖୁ ଚାଷୀ। ସେତେବେଳେ ଆଖୁ ବିକ୍ରି କରିବା ସହ ଅଳ୍ପ ପରିମାଣ ଗୁଡ ମଧ୍ୟ ତିଆରି କରୁଥିଲେ। ତେବେ ଧୀରେ ଧୀରେ ଗୁଡ ତିଆରି ପ୍ରତି ସେମାନଙ୍କ ଆଗ୍ରହ ବଢିଲା ଓ ବ୍ୟାପକ ପରିମାଣରେ ଗୁଡ ତିଆରି କରିବାକୁ ଲାଗିଲେ। ଗୁଡରୁ ଭଲ ରୋଜଗାର ହେବାରୁ ଏବେ ଚାଷୀମାନେ ଶହ ଶହ ଏକରରେ ଆଖୁ ଚାଷ କରି ସେଥିରୁ ଗୁଡ ତିଆରି କରୁଛନ୍ତି। ବର୍ତ୍ତମାନ ଉପରୋକ୍ତ ଅଞ୍ଚଳର ଗୁଡ଼ର ମାନ ଭଲ ଥିବାରୁ ଚାହିଦା ବେଶ ଭଲ ରହିଛି। ପଡୋଶୀ ରାଜ୍ୟ ଛତିଶଗଡ ଓ ଆନ୍ଧ୍ରପ୍ରଦେଶର ଗୁଡ ବେପାରୀମାନେ ଏହି ଅଞ୍ଚଳକୁ ଆସି ଗୁଡ ନେଇଯାଉଛନ୍ତି। ଏହାଦ୍ୱାରା କଳାହାଣ୍ଡିର ଗୁଡ ବ୍ୟବସାୟୀ ଭଲ ଦି ପଇସା ରୋଜଗାର କରୁଥିବା ପ୍ରକାଶ କରିଛନ୍ତି। ଜିଲ୍ଲାରେ ଆଖୁ ଚାଷୀ ବିଶେଷ କରି ଜାନୁଆରୀ, ଫେବୃଆରୀ ମାସରେ ଗୁଡ ତିଆରି କରିଥାନ୍ତି। ସେମାନେ ପ୍ରଥମେ ଆଖୁକୁ କାଟି କିଆରିରେ ଏକ ଅସ୍ଥାୟୀ କୁଡିଆ ନିର୍ମାଣ କରି ଆରମ୍ଭ କରିଥାନ୍ତି ଗୁଡ ତିଆରି ପ୍ରକ୍ରିୟା। ଆଖୁକୁ ଘଣା ସାହାଯ୍ୟରେ ପେଷି ସେଥିରୁ ବାହାରୁଥିବା ରସକୁ ଏକ ବଡ କଡେଇରେ ଘଣ୍ଟା ଘଣ୍ଟା ଧରି ସିଝାଇବା ପରେ ସେଥିରୁ ବାହାରିଥାଏ ଲେସା ଗୁଡ। ପରେ ସେହି ପାଣିଆ ଗୁଡ ଥଣ୍ଡା ହେଲା ପରେ ତିଆରି କରିଥାନ୍ତି ଭେଲା ଗୁଡ। ଏହି ରସରୁ ସେମାନେ ଲେସାଗୁଡ, ଚକି ଗୁଡ, ଭେଲାଗୁଡ, ସରଗୁଡ, ଲେଖାଗୁଡ ଆଦି ତିଆରି କରିଥାନ୍ତି। ସେହି ଗୁଡକୁ ମାଟି ହାଣ୍ଡିରେ ରଖି ବର୍ଷ ତମାମ ବିକ୍ରି କରି ନିଜ ଜିବୀକା ନିର୍ବାହ କରିଥାନ୍ତ। ବର୍ତ୍ତମାନ ଜିଲ୍ଲାରେ ଗୁଡ କିଲୋ ପିଛା ୧୦୦ ଟଙ୍କା ରହିଥିବା ବେଳେ ଏହି ଗୁଡରୁ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ଗୁଡ ବ୍ୟବସାୟୀ। ପୂର୍ବରୁ ଏହି ଗୁଡ ଜିଲ୍ଲାର ବିଭିନ୍ନ ବଜାରରେ ବିକ୍ରି ହୋଇଆସୁଥିବା ବେଳେ ସ୍ୱାଦ ଓ ଉନ୍ନତ ମାନ ପାଇଁ ବର୍ତ୍ତମାନ ରାଜ୍ୟ ବାହାରକୁ ରପ୍ତାନୀ ହେଉଛି। ଏଥିପାଇଁ ଆଖୁ ଚାଷ ପ୍ରତି ବେଶ ଆଗ୍ରହ ସୃଷ୍ଟି ହେଉଥିବା ପ୍ରକାଶ କରିଛନ୍ତି ଆଖୁ ଚାଷୀ। ଏହି ଗୁଡ ତିଆରି ସମୟରେ ବ୍ୟବସାୟୀମାନେ ସେଥିରୁ ଉଖୁଡା ମଧ୍ୟ ପ୍ରସ୍ତୁତ କରିଥାନ୍ତି। ପୁଣି ଉଖୁଡାକୁ ବଜାରରେ ବିକ୍ରି କରି ମଧ୍ୟ ଭଲ ଦି ପଇସା ରୋଜଗାର କରିଥାନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଚାଷୀମାନେ ଜୈବିକ ପ୍ରଣାଳୀରେ ଚାଷ କରିଥାନ୍ତି। ଆବଶ୍ୟକ ସ୍ଥଳେ କେବଳ ଗୋବର ଖତ ହିଁ ବ୍ୟବହାର କରୁଥିବା ପ୍ରକାଶ କରିଛନ୍ତି। ଚିନି କଳ ବନ୍ଦ ହେବା ପରେ ଏକଦା ଆଖୁ ଚାଷ ପ୍ରତି ବିମୁଖ ହୋଇଥିବା ଚାଷୀ ବର୍ତ୍ତମାନ ପୁଣି ଏହି ଚାଷ ପ୍ରତି ଆଗ୍ରହ ବଢାଉଥିବା ଦେଖିବାକୁ ମିଳିଛି। ତେବେ ସରକାରୀ ସ୍ତରରେ ଗୁଡର ବିକ୍ରି ବ୍ୟବସ୍ଥା କରାଗଲେ ବ୍ୟବସାୟୀମାନେ ଆହୁରି ଲାଭବାନ ହୋଇପାରନ୍ତେ ବୋଲି ଆଖୁଚାଷୀ ମାନେ କହିଛନ୍ତି।

## ରାଶିଫଳ

ଗୁରୁବାର, ୩୦ ଜାନୁଆରୀ ୨୦୨୫



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ । ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତୁମର ଖାଦ୍ୟର ଯତ୍ନ ନିଅ । କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ ।



**ବୃଷ:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ।



**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ ।



**କର୍କଟ:** ଆଜି ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ । ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ ।



**ସିଂହ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ । ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ । ଯେଉଁମାନେ ପ୍ରେମ ଜୀବନରେ ଅଛନ୍ତି ସେମାନଙ୍କ ପାଇଁ ଆଜି ଏକ ଭଲ ଦିନ ହେବ ।



**କନ୍ୟା:** ଖର୍ଚ୍ଚ ବୃଦ୍ଧି ପାଇବ । ଆୟ ସ୍ୱାଭାବିକ ହେବ । ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ । ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ। ପ୍ରେମ ଜୀବନ ଶକ୍ତିଶାଳୀ ହେବ ।



**ତୁଳା:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ । ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ । ପ୍ରେମ ଜୀବନ ବିତାଉଥିବା ଲୋକମାନେ ମଧ୍ୟ ଆଜି ଭଲ ଫଳାଫଳ ପାଇବେ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ । ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ । ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ ।



**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ। ତୁମେ ଚାକିରିରେ ଭଲ ଫଳାଫଳ ପାଇବ।



**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ । ଆପଣଙ୍କ ବ୍ୟବସାୟରେ ଲାଭ ହେବ । କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ । ତୁମେ ଖୁସି ହେବ । ଘର ଜୀବନ ଖୁସି ହେବ । ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଆୟ ବୃଦ୍ଧି ପାଇବ । ଖର୍ଚ୍ଚ ହ୍ରାସ ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ । ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ୍ୟ ବହୁତ ଖୁସି ସମୟ ପାଇବେ ।



**ମୀନ:** ଆଜି କେତେକ ସମସ୍ୟା ଆସିପାରେ । ଭାଗ୍ୟ ଉପରେ ନିର୍ଭର କର ନାହିଁ । କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ । ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ । ସ୍ୱାସ୍ଥ୍ୟ ଭଲ ହେବ । ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ।



ଶ୍ରୀପତି ଗୁରୁ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯